

ପରିବେଶ ନଷ୍ଟ ପାଇଁ ପୁରୁଷସତ୍ତା ଦାୟୀ

ପୃଷ୍ଠା ୫


ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 87 ଭାଗ ୩୪ | ସଂଖ୍ୟା ୮୭ | Thursday 18 June 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୧୮ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଆଇସିସି ମହିଳା ଟି-୨୦ ବିଶ୍ୱକପ୍

# ଭାରତର ରେକର୍ଡ ବିଜୟ



**୯୫ ରନ୍‌ରେ ହାରିଲା ନେଦରଲ୍ୟାଣ୍ଡସ୍**

ଲିଡ୍ସ,୧୭।୬: ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ଭାରତ ତା'ର ଦ୍ୱିତୀୟ ମ୍ୟାଚ୍ ଖେଳି ଏଥିରେ ରେକର୍ଡ ବିଜୟ ହାସଲ କରିଛି। ଦଳ ନେଦରଲ୍ୟାଣ୍ଡସ୍‌କୁ ୯୫ ରନ୍‌ରେ ପରାସ୍ତ କରି ଆଇସିସି ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ସର୍ବାଧିକ ବ୍ୟବଧାନରେ ବିଜୟ ହାସଲ କରିବାର ଗୌରବ ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇ ଭାରତ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୨୦୯ ରନ୍ କରିଥିବା ବେଳେ ଏହାର ଜବାବରେ ଆଫଗାନିସ୍ତାନ ୧୭.୩ ଓଭର୍‌ରେ ମାତ୍ର ୧୧୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଉପଅଧିନାୟିକା ତଥା ଓପନର ସ୍ମୃତି ମନ୍ଧାନା ଜବରଦସ୍ତ ୭୪ ରନ୍‌ର ଇନିଂସ ଖେଳି ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଭାରତର ଦୁଇ ଓପନର ମନ୍ଧାନା ଓ ଶେଫାଳୀ ବର୍ମା ୧୧.୩ ➪ପୃଷ୍ଠା-୬

### ଓଡ଼ିଶାରେ ନୂଆ ଯୁଗର ଶିଳ୍ପ

# ୨୦ ମେଗା ପ୍ରକଳ୍ପକୁ ମଞ୍ଜୁରୀ

- ଖୋର୍ଦ୍ଧାରେ ପ୍ରତିଷ୍ଠା ହେବ ହୀରା ଉତ୍ପାଦନ ୟୁନିଟ୍
- ୯ ଜିଲ୍ଲାରେ ଆରମ୍ଭ ହେବ ମେଗା ଇଣ୍ଡଷ୍ଟ୍ରି
- ୭୬ ହଜାର କୋଟିରୁ ଅଧିକ ନିବେଶ ସହ ୫୦ ହଜାର ନିଯୁକ୍ତି ସୁଯୋଗ
- ଇସ୍ପାତ, ସବୁଜ ଶକ୍ତି, ରେୟାର ଆର୍ଥ ପ୍ରକଳ୍ପକୁ ଗୁରୁତ୍ୱ



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ନେତୃତ୍ୱାଧୀନ ସରକାରକୁ ଦୁଇ ବର୍ଷ ପୂରିବା ସହ ଓଡ଼ିଶା ଏବେ ଦେଶର ପ୍ରମୁଖ ପୁଞ୍ଜିନିବେଶର ଗନ୍ତବ୍ୟସ୍ଥଳ ହୋଇଛି। ରାଜ୍ୟ ସରକାରଙ୍କ ବିକାଶମୁଖୀ ନୀତି ସହ ବଳିଷ୍ଠ ଭିତ୍ତିଭୂମି ଓ ନିବେଶଙ୍କୁ ସୁହାଇଲା ଭଳି ବାତାବରଣ ପାଇଁ ରାଜ୍ୟ ସରକାର ଉଭୟ ପାରମ୍ପରିକ ଓ ଆଧୁନିକ ଶିଳ୍ପ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିପାରୁଛନ୍ତି। ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୫ତମ ଉଚ୍ଚ କ୍ଷମତା ସମ୍ପନ୍ନ କ୍ଲିୟରାନ୍ସ ଅଥରିଟି ବୈଠକରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଆଜି ରାଜ୍ୟ ସରକାର ୨୦ଟି ମେଗା ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହିସବୁ ପ୍ରକଳ୍ପ ରାଜ୍ୟର ୯ଟି ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ବେଳେ ଏହା ଜରିଆରେ ୭୬ହଜାର ୬୧୧ କୋଟି ୮୬ ଲକ୍ଷ ଟଙ୍କାର ନିବେଶ ହେବ। ଏଥିସହିତ ୫୦,୫୧୭ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଆଜି ଅନୁମୋଦିତ ଶିଳ୍ପ ରାଜ୍ୟର ସବୁ ଜିଲ୍ଲାରେ ସମାନ୍ତରାଳ ଶିଳ୍ପର ବିକାଶକୁ ସୁନିଶ୍ଚିତ କରିବା ସହ ବ୍ୟାପକ ଶିଳ୍ପାୟନ, ଉତ୍ପାଦନ ଶିଳ୍ପର ଅଗ୍ରଗତି, ସବୁଜ ଶକ୍ତିର ବିକାଶ ଓ ସନ୍ତୁଳିତ ଆଞ୍ଚଳିକ ବିକାଶ ତ୍ୱରାନ୍ୱିତ ହେବ। ଜେମ ଷ୍ଟୋନ ଉତ୍ପାଦନ, ସବୁଜ ଶକ୍ତି, ଏରୋସ୍ପେସ ଓ ପ୍ରତିରକ୍ଷା, ରେୟାର ଆର୍ଥ ମିନେରାଲ, ଔଷଧ, ରସାୟନ, ବୈଦ୍ୟୁତିକ ଉତ୍ପାଦନ, ଇସ୍ପାତ୍, ଲୌହ ଓ ଫେରୋ ଆଲଏଜ ଭଳି ଶିଳ୍ପକୁ ଆଜି ମଞ୍ଜୁରୀ ମିଳିଛି।

ଆଜି ଖୋର୍ଦ୍ଧାରେ କିରା ଡିଆମ, ଅଞ୍ଜଳି ଲ୍ୟାବ୍ ଟେକ୍ ଓ ଗ୍ରୋ ମ୍ୟାଗ୍ନିଫିସେଣ୍ଟ ପ୍ରାଇଭେଟ ଲିମିଟେଡ ଭଳି କମ୍ପାନୀ ମିଳିତ ଭାବେ ୯୮୧୭ କୋଟି ୫୦ ଲକ୍ଷର ପୁଞ୍ଜିନିବେଶରେ ହୀରା ଉତ୍ପାଦନ ୟୁନିଟ ସ୍ଥାପନ କରିବେ। ଏହିସବୁ ୟୁନିଟ ରାଜ୍ୟରେ ଜେମଷ୍ଟୋନ ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସହ ୮୧୦୦ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିଭଳି ସବୁଜ ଶକ୍ତିରେ ଟାଟା ପାୱାର ରିନ୍ୟୁଏବୁଲ ଏନର୍ଜି ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ପିଭି ସେଲ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପରେ ପ୍ରାୟ ୧୦ ହଜାର କୋଟିର ନିବେଶ ସହ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗଞ୍ଜାମରେ ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରି ପକ୍ଷରୁ ୧୭୦୯ କୋଟି ୮୧ ଲକ୍ଷ ନିବେଶରେ ଆଉ ଏକ ସୋଲାର ପିଭି ସେଲ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପ ଜରିଆରେ ପ୍ରାୟ ୫୧୯ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହାଛଡ଼ା ରେୟାର ଆର୍ଥ କ୍ଷେତ୍ରରେ ଏନଏଏନ ମାଗ୍ନେଟେକ ପକ୍ଷରୁ ୧୨୫୦ କୋଟି ନିବେଶରେ ଖୋର୍ଦ୍ଧା କିମ୍ବା କଟକରେ ପ୍ରତିଷ୍ଠା ହେବ ହାଇ ପରଫର୍ମାନ୍ସ ଇଭି ଗ୍ରେଡ ମ୍ୟାଗନେଟ ଉତ୍ପାଦନ କେନ୍ଦ୍ର। ଲାର୍ସନ ଆଣ୍ଡ ଟୁବ୍ରୋ ପକ୍ଷରୁ ୨୪୦୦ କୋଟି ନିବେଶରେ ଗଞ୍ଜାମରେ ପ୍ରତିଷ୍ଠା ହେବ ସିନଟର୍ଡ ପରମାନେଣ୍ଟ ମ୍ୟାଗନେଟ ଉତ୍ପାଦନ କେନ୍ଦ୍ର। ଏଥିସହ ୱାର୍ଲ୍ଡ ଟିଟାନିୟମ ଇଣ୍ଡଷ୍ଟ୍ରି ପକ୍ଷରୁ ଗଞ୍ଜାମରେ ୨୮୦୦ କୋଟି ନିବେଶରେ ପ୍ରତିଷ୍ଠା ହେବ ଟିଟାନିୟମ ଡାଇଅକ୍ସାଇଡ୍ ସ୍ଲାଗ ଓ ଟିଟାନିୟମ ➪ପୃଷ୍ଠା-୬

### ପିଲାଙ୍କ ପାଠ୍ୟପୁସ୍ତକରେ ତ୍ରୁଟି

# ଉନ୍ନୟନ କମିଶନଙ୍କ ଅଧ୍ୟକ୍ଷତାରେ ୩ଜଣିଆ କମିଟି

- ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ
- ୭ ଦିନରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ
- ଦୋଷୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ତୁରନ୍ତ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତର ସହ ନେଇଛନ୍ତି। ଏନେଇ ସେ ଆଜି ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଯାଇ ତ୍ରୁଟି ପାଇଁ କେଉଁ ଅଧିକାରୀ ବା ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବା ପାଇଁ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧ୍ୟରେ କମିଟି ରିପୋର୍ଟ ଦାଖଲ କରିବେ ଓ କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ ଓ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ମାଳ ମାଳ ତ୍ରୁଟି ରହିଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଏସସିଇଆରଟି ଦ୍ୱାରା ମୁଦ୍ରିତ ପଞ୍ଚମ ଶ୍ରେଣୀର 'ଆମ ବିଚିତ୍ର ବିଶ୍ୱ'ର ପ୍ରଥମ ପ୍ରସଙ୍ଗରେ ଗଞ୍ଜାମ ବଦଳରେ ଲେଖାଯାଇଛି ବ୍ରହ୍ମପୁର ଜିଲ୍ଲାର ହୁମା ଲୁଣମରା ପାଇଁ ପ୍ରସିଦ୍ଧ ବୋଲି ଲେଖାଯାଇଛି। ସେହିପରି ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିରେ ନିୟମଗିରି ଝାଡ଼ଖଣ୍ଡ ରାଜ୍ୟର ବୋଲି ଲେଖାଯିବା ଭଳି ସାଂଘାତିକ ଭୁଲ ରହିଛି। ସବୁ ଭୁଲକୁ ଟପିଯାଇଛି ସପ୍ତମ ଶ୍ରେଣୀର ସାମାଜିକ ବିଜ୍ଞାନ ବହି, ଯେଉଁଥିରେ ଓଡ଼ିଶା ବିଧାନସୌଧ ବଦଳରେ ଛପାଯାଇଛି କର୍ଣ୍ଣାଟକ ବିଧାନସଭାର ଚିତ୍ର। ପିଲାଙ୍କ ବହିରେ ଚିହ୍ନଟ ହୋଇଛି ୧୬୭୮ଟି ମୁଦ୍ରଣ ଓ ତଥ୍ୟଗତ ତ୍ରୁଟି। କେବଳ ଅଷ୍ଟମ ଶ୍ରେଣୀ ବହିରେ ରହିଛି ୭୦୫ଟି ଭୁଲ ରହିଛି ଯାହା ଅଧିକ ଚିନ୍ତା ବଢ଼ାଇଛି।

ଶବ୍ଦର ବନାନଠାରୁ ଆରମ୍ଭ କରି ମହାପୁରୁଷଙ୍କ ନାମ ସବୁଥିରେ ତ୍ରୁଟି ଦେଖିବାକୁ ମିଳିଛି। ଏହି ସମସ୍ତ ଭୁଲ୍‌କୁ ଖୋଦ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱୀକାର କରିଛି। ସେପଟେ ଆଉ ଏକ ➪ପୃଷ୍ଠା-୬

### ଉପବାଚସ୍ପତିଙ୍କ ନକଲି ଦସ୍ତଖତରେ ବଦଳି ଷଡ଼ଯନ୍ତ୍ର

# ଏଇଇ ଲକ୍ଷ୍ମଣ ହେମ୍ବ୍ରମ ଗିରଫ

**ମୋନାଲିସା ବେହେରା ଫେରାର୍**



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ନକଲି ଦସ୍ତଖତରେ ବଦଳି ଷଡ଼ଯନ୍ତ୍ର ଘଟଣାରେ ଦୁଇ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଏଇଇ) ଲକ୍ଷ୍ମଣ ହେମ୍ବ୍ରମ ଓ ମୋନାଲିସା ବେହେରାଙ୍କ ବିରୋଧରେ ରୁଜୁ ହୋଇଛି ମାମଲା। ଏଥିସହ ତଦନ୍ତ ପାଇଁ ଗଠନ ହୋଇଛି ସ୍ୱତନ୍ତ୍ର ଟିମ। ଲକ୍ଷ୍ମଣ ହେମ୍ବ୍ରମଙ୍କୁ ଆଜି ପୁଲିସ ଅଟକ ରଖିବା ସହ ତାଙ୍କୁ ଅଧିକ ପଚରାଉଚରା କରୁଛି। ସେପଟେ ମୋନାଲିସା ବେହେରାଙ୍କୁ ଖୋଜୁଛି ➪ପୃଷ୍ଠା-୬

### ମହାପ୍ରଭୁଙ୍କୁ ବି ଛାଡ଼ିଲେନି

# ବନସ୍ପତି ଘିଅରେ ମହାପ୍ରସାଦ!



- ପବିତ୍ରତାକୁ ନେଇ ଉଠିଲା ପ୍ରଶ୍ନ
- ଜବତ ହେଲା ୩୦ ପ୍ୟାକେଟ୍ ବନସ୍ପତି

ପୁରୀ,୧୭।୬(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ରୋଷଘରେ ବନସ୍ପତି ଘିଅ ପ୍ରବେଶ ଅନୁମତି ନାହିଁ। କେବଳ ଗୁଆ ଘିଅ ବ୍ୟବହାର ପାଇଁ ରହିଛି ନିୟମ। କିନ୍ତୁ କିଛି ଲାଭଖୋର ସୁଆର ବନସ୍ପତି ଘିଅରେ ମହାପ୍ରସାଦ ପ୍ରସ୍ତୁତ କରିବାକୁ ହୀନ ଉଦ୍ୟମ କରିବା ସାମନାକୁ ଆସିଛି। ଜଣେ ବୋଝିଆଙ୍କ ନିକଟରୁ ପ୍ରାୟ ୩୦ ପ୍ୟାକେଟ୍ ବନସ୍ପତି ଜବତ ପରେ ବଢ଼ିଛି ସନ୍ଦେହ।

ସାଢ଼େ ଚାରି କୋଟି ଓଡ଼ିଆଙ୍କ ଭକ୍ତି ଓ ବିଶ୍ୱାସର ମୂଳପିଣ୍ଡ ଶ୍ରୀମନ୍ଦିରରୁ ଜବତ ହୋଇଛି ଅପମିଶ୍ରିତ ଘିଅ। ଗୁଆ ଘିଅ ବଦଳରେ ରୋଷଘରକୁ ୩୦ ପ୍ୟାକେଟରୁ ଅଧିକ ବନସ୍ପତି ଘିଅ ଯିବା ସମୟରେ ଜେଟିପି ଓ ପୁଲିସ୍ କର୍ମଚାରୀ ଏସବୁକୁ ଜବତ କରିଛନ୍ତି। ଦକ୍ଷିଣ ଦ୍ୱାରରେ ପ୍ରବେଶ ସମୟରେ ଜଣେ ମହିଳା ବୋଝିଆଙ୍କଠାରୁ ଏସବୁ ଜବତ କରାଯାଇଛି। ଏସବୁ ନିମ୍ନମାନର ଅପମିଶ୍ରିତ ଘିଅ କିଏ ଓ କାହିଁକି ଶ୍ରୀମନ୍ଦିରକୁ ପଠାଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ସିଂହଦ୍ୱାର ଥାନାରେ ଏନେଇ ଅଜ୍ଞାତ ଏତଲା ଦାୟର କରାଯାଇଛି। ତଦନ୍ତ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ନୀତି ପ୍ରଶାସକ।

କେବଳ ଶୁଦ୍ଧ ଓମ୍‌ଫେଡ୍ ଗୁଆ ଘିଅ ବ୍ୟବହାର ନେଇ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହା ପରେ ପରେ ଖଜାଠାରୁ ଆରମ୍ଭ କରି ➪ପୃଷ୍ଠା-୬

# ୩ ଜିଲ୍ଲାରେ ବଢ଼ିଲା ସ୍କୁଲ୍ ଛୁଟି

- ଦୁଇ ଜିଲ୍ଲାରେ ସକାଳୁଆ ସ୍କୁଲ୍
- ଗ୍ରୀଷ୍ମ ପ୍ରବାହ ଜାରି ଥିବାରୁ ଏପରି ନିଷ୍ପତ୍ତି

ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ଆସନ୍ତାକାଲି ସ୍କୁଟ୍ ଛୁଟି ଖୋଲିବ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। କାରଣ ପାଗରେ ବେଶ୍ ସୁଧାର ଆସିଥିବାରୁ ବିଭାଗ ପକ୍ଷରୁ ସ୍କୁଲ୍ ଛୁଟି ଅବଧି ବଢ଼ିବ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଥିଲା। କିନ୍ତୁ ଏବେ ବି କେତେକ ଜିଲ୍ଲାରେ ପାଗରେ ସେତେଟା ପରିବର୍ତ୍ତନ ହୋଇନଥିବାରୁ ଉକ୍ତ ଜିଲ୍ଲାରେ ସ୍କୁଲ୍ ଛୁଟି ଅବଧିକୁ ବୃଦ୍ଧି କରାଯାଇଛି। ଏହିସବୁ ଜିଲ୍ଲା ଭିତରେ ରହିଛି ଅନୁଗୋଳ, ସୁବର୍ଣ୍ଣପୁର ଓ ଗଞ୍ଜାମ। ଏହିସବୁ ଜିଲ୍ଲାରେ ଆସନ୍ତା ୨୦ ତାରିଖ ଯାଏ ସ୍କୁଲ ଛୁଟି ଅବଧିକୁ ବଢ଼ାଇ ଦିଆଯାଇଛି। ଉକ୍ତ ଜିଲ୍ଲାଗୁଡ଼ିକରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ହୋଇଛି। ଏଥିସହ ଜିଲ୍ଲାର ସବୁ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ୨୦ ତାରିଖ ଯାଏ ବନ୍ଦ ରହିବ। ତେଣୁ ଆସନ୍ତା ସୋମବାର ଉକ୍ତ ଜିଲ୍ଲାଗୁଡ଼ିକରେ ସ୍କୁଲ୍‌ଗୁଡ଼ିକ ଖୋଲିବ। ଏହାଛଡ଼ା ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରେ ସ୍କୁଲ୍ ଯଦିଓ ଆସନ୍ତାକାଲି ଖୋଲିବ। କିନ୍ତୁ ବଲାଙ୍ଗୀରରେ ସ୍କୁଲ୍‌କୁ ସକାଳୁଆ ଅର୍ଥାତ୍ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଓ ନୂଆପଡ଼ାରେ ସାଢ଼େ ୬ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ କରାଯିବା ସକାଶେ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି। ସେହିପରି ଗଞ୍ଜାମ, ଅନୁଗୋଳ ଓ ସୁବର୍ଣ୍ଣପୁରରେ ଯଦି କୌଣସି ସ୍କୁଲ୍‌ରେ ପରୀକ୍ଷା ଚାଲିଥାଏ, ତା'ହେଲେ ସେସବୁକୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସକାଳ ବେଳା କରାଯିବା ସକାଶେ ନିଷ୍ପତ୍ତି ହୋଇଛି।

# ଖଟା ହେଉଛି ଭାରତ-ଆମେରିକା ସମ୍ପର୍କ




- ଇଣ୍ଡୋ-ପାସିଫିକ୍ କମାଣ୍ଡରୁ ହଟିଲା 'ଇଣ୍ଡୋ'
- ଭାରତ ମାନଚିତ୍ରରୁ ପିଓକେ ଓ ଅକ୍ସାଇ ଚୀନ୍ ବାଦ
- ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦର ସୂତ୍ରପାତ

ନୂଆଦିଲ୍ଲୀ/ୱାଶିଂଟନ୍,୧୭।୬: ସବୁଠାରୁ ପୁରୁଣା ତଥା ସର୍ବବୃହତ୍ ସାମରିକ ଶୃଙ୍ଖଳା 'ଇଣ୍ଡୋ-ପ୍ୟାସିଫିକ୍ କମାଣ୍ଡ'ର ନାମ ପରିବର୍ତ୍ତନ କରିବାକୁ ଆମେରିକା ପ୍ରଶାସନ ନିଷ୍ପତ୍ତି ନେବା ପରେ ଏହି ଭୂକମ୍ପର ଝଟ୍‌କା ଦିଲ୍ଲୀରେ ଅନୁଭୂତ ହୋଇଛି। ସେହିଭଳି ପ୍ରତିରକ୍ଷା ୱେବସାଇଟ୍‌ରେ ଭାରତର ମାନଚିତ୍ରକୁ ବିକୃତ କରି ଏକ ନୂଆ ବିବାଦର ସୂତ୍ରପାତ ବି କରାଯାଇଛି। ଗୁରୁତ୍ୱପୂର୍ଣ୍ଣ 'ଇଣ୍ଡୋ-ପ୍ୟାସିଫିକ କମାଣ୍ଡ'ରୁ ଆମେରିକା 'ଇଣ୍ଡୋ' ଶବ୍ଦକୁ ବାଦ୍ ଦେଇଛି ଓ ପୁଣିଥରେ ପୂର୍ବରୁ ଥିବା 'ପ୍ୟାସିଫିକ୍ କମାଣ୍ଡ' ନାମକୁ ପୁନଃସ୍ଥାପିତ କରିଛି। ଚୀନ୍ ସହ ଆମେରିକାର ସମ୍ପର୍କକୁ ପୁନର୍ବାର ସନ୍ତୁଳନ କରିବାକୁ ଯାଇ ୱାଶିଂଟନ୍ ଏଭଳି ପଦକ୍ଷେପ ନେଇଛି ବୋଲି କୁହାଯାଉଥିବା ବେଳେ ଭାରତ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଇଣ୍ଡୋ-ପ୍ୟାସିଫିକ୍ କନସେପ୍ଟ ତଥା କ୍ୱାଡ୍ ଗୋଷ୍ଠୀରେ ଭାରତର ସମ୍ପୃକ୍ତି ସମ୍ପର୍କରେ ଆମେରିକାର ପ୍ରତିବଦ୍ଧତା ନେଇ ଭାରତ ଗମ୍ଭୀର ପ୍ରଶ୍ନ ଉଠାଇଛି।

ଆମେରିକାର ପ୍ରତିରକ୍ଷା ବିଭାଗ ନିଜର ସରକାରୀ ୱେବସାଇଟ୍‌ରେ ଭାରତର ମାନଚିତ୍ରକୁ ଭୁଲ ଭାବେ ପ୍ରଦର୍ଶିତ କରିଛି। ଆମେରିକା ଇଣ୍ଡୋ-ପ୍ୟାସିଫିକ୍ କମାଣ୍ଡ ୱେବସାଇଟ୍‌ରେ ଏବେ ଯେଉଁ ମାନଚିତ୍ର ପ୍ରଦର୍ଶିତ ହେଉଛି, ସେଥିରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)କୁ ପାକିସ୍ତାନର ଅଂଶ ଭାବେ ଦର୍ଶାଯାଇଛି। ଏଥିସହ ଭାରତର ମୂଳ ସୀମାରେଖାରୁ 'ଅକ୍ସାଇ ଚୀନ୍'କୁ ମଧ୍ୟ ବାଦ୍ ଦିଆଯାଇଛି। ଅକ୍ସାଇ ଚୀନ ହେଉଛି ସେହି କ୍ଷେତ୍ର ଯାହା ସମ୍ପ୍ରତି ଚୀନ୍ ପ୍ରଶାସନ ଅଧୀନରେ ରହିଛି। ମାତ୍ର ଭାରତ ତାହାକୁ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ଏକ ଅଂଶ ଭାବରେ ଦାବି କରିଆସିଛି।

ସୂଚନାଯୋଗ୍ୟ ଯେ ବୁଧବାର ଆମେରିକାର ପ୍ରତିରକ୍ଷା ବିଭାଗ 'ଏକ୍ସ'ରେ ଘୋଷଣା କରି କହିଛି ଯେ ଇଣ୍ଡୋ-ପ୍ୟାସିଫିକ୍ କମାଣ୍ଡ ଗଠନର ଐତିହାସିକ ମୂଳକୁ ସମ୍ମାନ ଜଣାଇବା ପାଇଁ ଆନୁଷ୍ଠାନିକ ଭାବେ ଏହାର ନାମ 'ଆମେରିକା-ପ୍ୟାସିଫିକ୍-କମାଣ୍ଡ' ଭାବେ ପୁନଃସ୍ଥାପିତ କରିବ। ତେବେ ଆମେରିକାର ପଶ୍ଚିମ ➪ପୃଷ୍ଠା-୬

## ଭାରତ ଉପରେ ଆକ୍ରମଣ ହେଲେ ଆଗକୁ ଆସିବ ଆମେରିକା: ଟ୍ରମ୍ପ୍

ଏଭିଏନ୍-ଲେସ-ବେନ୍ସ, ୧୭।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳରେ ଭାରତ ଉପରେ ଆକ୍ରମଣ ହେଲେ ଆମେରିକା ସହାୟତା ପାଇଁ ଆଗକୁ ଆସିବ ବୋଲି ଜି-୭ ଶିଖର ସମ୍ମିଳନୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକ ଅବସରରେ ଉପସାଗରୀୟ ଅଞ୍ଚଳରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନରେ ନିହତ ତିନିଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ପାଇଁ ଟ୍ରମ୍ପ ସମବେଦନା ପ୍ରକାଶ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ମୁଁ ଏହା ବିଷୟରେ ଶୁଣିଛି। ଆମେ ଏହା ଉପରେ କାମ କରୁଛୁ। ଟ୍ରମ୍ପ ପିଏମ୍ ମୋଦିଙ୍କୁ ଜଣେ 'କଠୋର ବ୍ୟବସାୟୀ' ବୋଲି କହିବା ସହ ଦୁଇ ଦେଶ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଚୁକ୍ତି ଉପରେ କାମ କରୁଥିବା ସୂଚନା ଦେଇଛନ୍ତି।

## ୧୨ ଡେଣ୍ଟାଲ ଛାତ୍ରଙ୍କ ବିରୋଧରେ ର୍‍ୟାଗିଂ ଅଭିଯୋଗ

ତେଲେଙ୍ଗାନା,୧୭।୬: ଓସ୍‌ମାନିଆ ମେଡିକାଲ କଲେଜ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ସରକାରୀ ଡେଣ୍ଟାଲ୍ କଲେଜ ଆଣ୍ଡ ହସ୍ପିଟାଲର ୧୨ ଜଣ ଡେଣ୍ଟାଲ ସର୍ଜରୀ ବିଭାଗର ବ୍ୟାଚଲର ଛାତ୍ରଙ୍କ ବିରୋଧରେ କନିଷ୍ଠ ଛାତ୍ରଙ୍କୁ ର୍‍ୟାଗିଂ କରୁଥିବା ଅଭିଯୋଗରେ ହାଇଦ୍ରାବାଦ ପୁଲିସ୍ ମାମଲା ରୁଜୁ କରିଛି। ବରିଷ୍ଠ ଛାତ୍ରଙ୍କ ଦ୍ୱାରା ହାରାସ୍‌ମେଣ୍ଟର ଶିକାର ହୋଇ ଜଣେ ପ୍ରଥମବର୍ଷର ଛାତ୍ର ଅଭିଯୋଗ କରିବା ପରେ ପୁଲିସ ଏଭଳି ପଦକ୍ଷେପ ନେଇଛି। ଅଭିଯୁକ୍ତମାନେ ସମସ୍ତେ ବ୍ୟାଚଲର ଅଫ୍ ଡେଣ୍ଟାଲ ସର୍ଜରୀର ଶେଷ ବର୍ଷର ଛାତ୍ର। ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଲେଜର ଅଧିକାରୀମାନେ କହିଛନ୍ତି।

## ଆସାମ ରାଇଫଲ୍ସ ଗୁଳିରେ କୁକୀ ଉଗ୍ରପନ୍ଥୀ ନିହତ

ଇମ୍ଫାଲ, ୧୭।୬: ମଣିପୁରର ଚୁରାଚାନ୍ଦପୁର ଜିଲ୍ଲା ଅନ୍ତର୍ଗତ ମଲଫେଇ ଓ ସଙ୍ଗକଂ ଦୁଇଗ୍ରାମ ମଝିରେ ଆସାମ ରାଇଫଲ୍ସର ଗୁଳିରେ ମଙ୍ଗଳବାର ଜଣେ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀ ନିହତ ହୋଇଛନ୍ତି। ସେ ବେଆଇନ ଘୋଷିତ ସଂଯୁକ୍ତ କୁକି ଜାତୀୟ ସେନାର ଜଣେ ସଦସ୍ୟ ବୋଲି ବୁଧବାର ଆସାମ ରାଇଫଲ୍ସ ପୁଷ୍ଟି କରିଛି। ମୃତ ଉଗ୍ରପନ୍ଥୀଙ୍କୁ ଚୁରାଚାନ୍ଦପୁର ଜିଲ୍ଲାର ଲେନମିନସାଙ୍ଗ୍ ହାଓକିପ୍ ବୋଲି ଚିହ୍ନଟ କରାଯାଇଛି। ଗୋଟିଏ ଏକେ-୪୭ ରାଇଫଲ, ଗୁଳିଗୁଳା, ଅସ୍ତ୍ରଶସ୍ତ୍ର ସହ ବିସ୍ଫୋରକ ଜବତ କରାଯାଇଛି।



**କାନ ଡେରିଥା**

ଚମେଲୀ ଖବର ଘାଣ୍ଟିଲେ
ଲାଗୁଛି
ବିଡ଼ିଓ ପଡିବେ ବଳି
ରାଜନେତାଙ୍କର ଚାଟୁକାର କରି
ସୃଷ୍ଟି କରିଥିଲେ କଳି
ପିଠିରେ ଯିବେନି ପଡି...
ଚାରି ମୁଣ୍ଡିଆ ବିଡ଼ିଓ ଯେ ଏବେ
ବଜାଇବେ ଗିନି ଥାଳି ।

▌ଦେବାଶିଷ

# ଚାମେଲି ପାଇଁ ପ୍ରସ୍ତୁତ ଥିଲା କୁରୁସଭା

- ଘେରାବନ୍ଦୀ କରିଥିଲେ 'ଦୁର୍ଯ୍ୟୋଧନ'ଙ୍କ ପୋଷା ଗୁଣ୍ଡା
- ନ୍ୟାୟ ପାଇବାକୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରସ୍ଥ



ମହାକାଳପଡ଼ା,୧୭।୬(ସଂଚାର ବ୍ୟୁରୋ): ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପାଇଁ ମହାକାଳପଡ଼ା ବିଡିଓଙ୍କ ଦପ୍ତରରେ ପ୍ରସ୍ତୁତ ହୋଇଥିଲା କୁରୁସଭା। ଏହିଠାରେ ହିଁ ଚାମେଲିଙ୍କ ସହିତ ହୋଇଥାନ୍ତା ମହାଭାରତର ବସ୍ତ୍ରହରଣର ଦୃଶ୍ୟ। ଏଥିପାଇଁ ଘେରାବନ୍ଦୀ କରିଥିଲେ ଦୁର୍ଯ୍ୟୋଧନ ଅବତାରରେ ଥିବା ବିଧାୟକଙ୍କ ପୋଷା ଗୁଣ୍ଡା। ଚାମେଲି ସୁସ୍ଥ ହେବା ପରେ ଏବେ ତାଙ୍କ ମୋବାଇଲ୍‌ରୁ ବାହାରୁଥିବା ଭିଡିଓକୁ ଦେଖି କେନ୍ଦ୍ରାପଡ଼ାରେ ଏହି ଆଲୋଚନା ଜୋର ଧରିଛି। କୁରୁସଭାରେ ଉପସ୍ଥିତ ଥିବା ଦୁର୍ଯ୍ୟୋଧନଙ୍କ ଗୁଣ୍ଡାମାନେ ତାଙ୍କୁ ଘେରାବନ୍ଦୀ କରିବା ସହିତ ଅଶାଳୀନ ଭାଷା ପ୍ରୟୋଗ କରିଥିଲେ ବୋଲି ଚାମେଲି ଅଭିଯୋଗ କରିବା ସହ ଏବେ ନ୍ୟାୟ ପାଇଁ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

ନିଜ ଅଞ୍ଚଳରେ ହୋଇଥିବା କାମର ବିଲ୍ ପାଇବାରେ ବିଳମ୍ବ ସଂକ୍ରାନ୍ତରେ ପଚାରିବା ପାଇଁ ତିଖିରି ସରପଞ୍ଚ ଚାମେଲି ଓଝା ମହାକାଳପଡ଼ା ବିଡିଓଙ୍କ ଦପ୍ତରକୁ ଆସିଥିଲେ। ସେହି ସମୟରେ ସେଠାରେ ଅନ୍ୟ ଲୋକପ୍ରତିନିଧିଙ୍କ ସହ ବିଧାୟକଙ୍କ ସମର୍ଥିତ ଗୁଣ୍ଡାମାନେ ଉପସ୍ଥିତ ଥିଲେ। ଚାମେଲି ବିଡିଓଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବା ସମୟରେ ତାଙ୍କ ଭାଇ ଘଟଣାର ଭିଡିଓ ରେକର୍ଡିଂ କରୁଥିଲେ। ତେବେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଉପସ୍ଥିତ ଗୁଣ୍ଡାମାନେ ଚାମେଲିଙ୍କୁ ଧକ୍କା ମାରିବା ସହ ତାଙ୍କୁ ଅତ୍ୟନ୍ତ ଆପତ୍ତିଜନକ ➪ପୃଷ୍ଠା-୬

## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର



ପଟ୍ଟାମୁଣ୍ଡାଇ,୧୭।୬(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନପୁର ସିଂହପ୍ରହର ଗ୍ରାମରେ ଆଜି ଏକ ଅଭାବନୀୟ ଓ ସନ୍ଦେହଜନକ ଘଟଣା ଦେଖିବାକୁ ମିଳିଛି । ସ୍ଥାନୀୟ ସଂସାରଫଳ ବଙ୍ଗାଳିପଡା କଲ ଭର୍ଟ ନିକଟରୁ ଯୁବକର ମୃତଦେହ ପୁଲିସ ଉଦ୍ଧାର କରିଛି । ଯୁବକର ସନ୍ଦେହଜନକ ମୃତ୍ୟୁ ଘଟଣାରୁ ପର୍ଦ୍ଦା ହଟାଇବା ସାଇଣ୍ଟିଫିକ ଟିମ ଜରିଆରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି । ମୃତ ଯୁବକଙ୍କ ବାପାଙ୍କ ଏତଲା ବଳରେ ଗ୍ରାମାଞ୍ଚଳ ଥାନା ପୁଲିସ ଥାନା କେଶ ୯/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟାକୁ ଆଗେଇ ନେଇଛି ।

ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନପୁର ସିଂହପ୍ରହର ଗ୍ରାମର ଅର୍ଜୁନ ନାଥଙ୍କ ପୁଅ ଅଭୟ ନାଥ (୪୫ )ପାରିବାରିକ ଅଶାନ୍ତି ଯୋଗୁଁ ପ୍ରାୟ ସମୟ ମାନସିକ ଚାପ ଯୋଗୁଁ ମଦ୍ୟପାନ କରୁଥିଲେ। ତାଙ୍କ ସ୍ତ୍ରୀ ଗତ ୫ବର୍ଷ ହେବ ତାଙ୍କୁ ଛାଡି ଚାଲି ଯାଇଥିବାରୁ ଅଭୟ ସଦା ବେକେ ମାନସିକ ଅଶାନ୍ତି ମଧ୍ୟରେ ଦିନ କାଟୁଥିଲେ । ଏଥି ପାଇଁ ପ୍ରାୟ ସମୟ ମଦ୍ୟପାନ କରୁଥିଲେ । ଗତକାଲି ବିଳମ୍ବିତ ରାତିରେ ଅଭୟ ମଦ୍ୟପାନ କରି ଘରକୁ ଫେରିବା ବେଳେ ସ୍ଥାନୀୟ ସଂସାରଫଳ ବଙ୍ଗାଳିପଡା କଲଭର୍ଟ ତଳକୁ ଖସି ପଡି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଆଜି ସକାଳୁ ତାଙ୍କର ମୃତ ଦେହ ଦେଖି କିଛି ଲୋକ ପୁଲିସକୁ ଖବର ଦେଇଥିଲେ । ଏହି ଖବର ମିଳିବା ପରେ ଘଟଣାସ୍ଥଳକୁ ଲୋକମାନଙ୍କ ସୁଅ ଛୁଟି ଥିଲା । ପୁଲିସ ଉପସ୍ଥିତିରେ ମୃତ ଅଭୟଙ୍କ ବାପା ଅର୍ଜୁନ ନାଥ ନିଜ ପୁଅର ଶବ ଚିହ୍ନଟ କରିବା ସହିତ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ତାଙ୍କ ପୁଅ ମଦ୍ୟପାନ କରି କଲଭର୍ଟରୁ ତଳକୁ ଖସି ପଡି ମୃତ୍ୟୁ ବରଣ କରିଥିବା ନେଇ ଲିଖିତ ଏତଲା ଦେଇଥିଲେ । ଗ୍ରାମାଞ୍ଚଳ ଥାନା ପୋଲିସ ଏହି ଏତଲାକୁ ଭିତ୍ତି କରି ୯/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ଜରିଆରେ ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେଇଛି । ମୃତ ଶବ ନିକଟରେ ମଦ ବୋତଲ ଓ ଗ୍ଲାସ ମିଳିଛି । ଅଭୟଙ୍କ ସନ୍ଦେହ ଜନକ ମୃତ୍ୟୁ ଉପରୁ ପର୍ଦ୍ଧା ହଟାଇବା ପାଇଁ ସାଇଣ୍ଟିଫିକ ଟିମ ଜରିଆରେ ତନାଘନା ତଦନ୍ତ ଆରମ୍ଭ କରିଛି ଗ୍ରାମାଞ୍ଚଳ ଥାନା ପୋଲିସ ।

## ଛିନତାଇ ମାମଲାରେ ୨ ଗିରଫ, ସୁନାଚେନ ଜବତ



କେନ୍ଦ୍ରାପଡ଼ା,୧୭।୬(ସଂଚାର ବ୍ୟୁରୋ)ଃ ସଦର ଥାନା ଅଧିନ ବାହାକଣ୍ଡିଆ ଘାଟଗଡା ନିକଟରେ ଗତ ୧୧ତାରିଖରେ ଏକ ଦମ୍ପିଙ୍କ ଠାରୁ ସୁନାଚେନ ଲୁଟ ହୋଇଥିବା ମାମଲାରେ ସଦର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ଏକ ସୁନାଚେନ ଜବତ କରିଛି। ସେହି ଲୁଟେରା ଅଭିଯୁକ୍ତ ୨ଜଣ ହେଉଛନ୍ତି ଡେରାବିଶ ଥାନା ଅଧିନ ମନ୍ତ୍ରୀପଡା ଗ୍ରାମର ଅଲେଖ ସିଂଙ୍କ ପୁଅ ମହେଶ୍ୱର ସିଂ(୨୩) ଓ ଢେଙ୍କାନାଳ ଜିଲ୍ଲାର ଭୁବନ ଥାନା ଅଧିନ ମାର୍ଥାପୁର ଗ୍ରାମର ଅର୍ଜୁନ ସିଂଙ୍କ ପୁଅ ଭଞ୍ଜନ ସିଂ(୩୩)। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲାରେ ୨ ଗିରଫ

କେନ୍ଦ୍ରାପଡ଼ା,୧୭।୬(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ସଦର ଥାନା ଅଧିନ କପାଳେଶ୍ୱର ପଞ୍ଚାୟତ ଜଜାଙ୍ଗ କାଳିମନ୍ଦିର ନିକଟରେ ଝାଡୁ ବିକାଳୀ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଉଛନ୍ତି ନିକିରାଇ ଥାନା ଅଧିନ ତରାଣ୍ଡୋ ଗ୍ରାମର ନିରଞ୍ଜନ ନାୟକଙ୍କ ପୁଅ ଶୁଭମ କୁମାର ନାୟକ ଓରଫ ଆକାଶ ଓରଫ ଅଚ୍ୟୁତ(୨୮) ଓ କାଙ୍ଗାଳି ଚରଣ ମଳିକଙ୍କ ପୁଅ ବିନୋଦ ବିହାରୀ ମଳିକ(୩୨) । ସେମାନଙ୍କୁ ଥାନା କେଶ ନମ୍ବର ୩୭୩/୨୦୨୬ରେ ବିଏନଏସର ଧାରା ୭୦(୨), ୭୬,୧୧୫(୨), ୩୫୧(୩)ଓ ୬ ପୋକ୍ସୋ ଆକ୍ଟରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି ।

### ଅବ୍ୟବସ୍ଥା ଘେରରେ ମହୁ ସ୍ୱାସ୍ଥ୍ୟକେନ୍ଦ୍ର

# ଜଣେ ଆୟୁଷ ଡାକ୍ତରଙ୍କୁ ୧୫ ହଜାର ରୋଗୀ

**ନିୟମିତ ଡାକ୍ତର ନିୟୋଜିତ ଦାବି**

**ସ୍ୱାସ୍ଥ୍ୟ କେନ୍ଦ୍ରରେ ହେଉଛି ଅନିୟମିତତା**

**ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କଲେ ଅଞ୍ଚଳବାସୀ**






ଆଳି,୧୭।୬(ସଂଚାର ବ୍ୟୁରୋ)ଃ ସାରା ରାଜ୍ୟରେ ଡକ୍ଟରଙ୍କ ମରୁଡ଼ି ଥିବା ବେଳେ ବାଦ ପଡିନି ଆଳି ବ୍ଲକ ମହୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଷ ବର୍ଷ ରୋଗୀ ବିପର୍ଯ୍ୟସ୍ତ । ଜଣେ ଆୟୁଷ ଡକ୍ଟରରେ ନିର୍ଭର କରୁଛନ୍ତି ୫ ପଞ୍ଚାୟତର ୧୫ ହଜାର ଲୋକେ। ସ୍ୱାସ୍ଥ୍ୟ ସେବାର ବିକଳଚିତ୍ର,ନାହାଁନ୍ତି ସ୍ଥାୟୀ ଡକ୍ଟର। ଅଞ୍ଚଳ ବାସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ହେବାକୁ ଖର୍ଚ୍ଚାନ୍ତ ହୋଇ ଯାଉଛନ୍ତି ସଦର ମହକୁମା ଆଳି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ। ଏ ନେଇ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ ରହିଛି। ଶେଷରେ ଲୋକେ ଅତିଷ୍ଠ ହେବା ସହ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଆୟୁଷ ଡକ୍ଟର ଚଣ୍ଡାଂଶୁ ଭୂଷଣ ସୂତାର ୧୮ ବର୍ଷ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ ଚିକିତ୍ସା କରୁଥିବା ବେଳେ ନିୟମିତ ଭାବେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁନଥିବା ଓ ସପ୍ତାହରେ ମାତ୍ର ୨ଥର ଆସୁଥିବା ଓ ସରକାରଙ୍କ ଦ୍ୱାରା ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥ ଅନିୟମିତତା ଭଳି ସଙ୍ଗୀନ ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପାଖରେ ମହୁ ଗ୍ରାମ ପଞ୍ଚାୟତ ସରପଞ୍ଚ ମହେଶ୍ୱର ତ୍ରିପାଠୀ ଓ ପଞ୍ଚାୟତ ବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଖଣ୍ଡନ କରିବା ସହିତ ଡକ୍ଟର ଶ୍ରୀ ସୂତାର କହିଛନ୍ତି ନିୟମିତ ଭାବେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ରୋଗୀ ଚିକିତ୍ସା କରୁଛନ୍ତି।ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅଭିଯୋଗ ପରେ ବୁଧ ବାର ଦିନ ଆଳି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ପ୍ରଣବ କୁମାର ଶୁକ୍ଳା ମୋହୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗ୍ରାମ ବାସୀ ଓ ସରପଞ୍ଚଙ୍କ ସହ ଆଲୋଚନା କରିଛନ୍ତି ଓ ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।ସବୁଠୁ ବଡ କଥା ହେଲା କୌଣସି ରୋଗୀ ଆର୍ଯୁବେଦ ଚିକିତ୍ସା ହେବାକୁ ଚାହୁଁ ନଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିୟମିତ ଡକ୍ଟର ନିୟୋଜିତ କରିବାକୁ ଅଞ୍ଚଳ ବାସି ଦାବିକରିଛନ୍ତି।

## ଶ୍ରୀରାମପୁର ପଞ୍ଚାୟତରେ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟ ନିମ୍ନମାନର ଅଭିଯୋଗ




କେନ୍ଦ୍ରାପଡ଼ା,୧୭।୬ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଶ୍ରୀରାମପୁର ଗ୍ରାମପଞ୍ଚାୟତରେ 'ବିକଶିତ ଗାଁ ବିକଶିତ ଓଡିଶା'ଯୋଜନାରେ ହୋଇଥିବା ପ୍ରକଳ୍ପ ଗୁଡିକ ନିମ୍ନମାନର ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାୟୀ 'ବିକଶିତ ଗାଁ ବିକଶିତ ଓଡିଶା'ଯୋଜନାରେ ଶ୍ରୀରାମପୁର ଗ୍ରାମର ୧୪ନମ୍ବର ୱାର୍ଡର ବାବାଜୀ ସେଠୀ ଘର ଠାରୁ ଠାକୁରାଣୀ ପର୍ଯ୍ୟନ୍ତ ଢଳେଇ ରାସ୍ତା ନିମନ୍ତେ ୪ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା । ଏହି ରାସ୍ତା ନିର୍ମାଣ ପାଇଁ ବ୍ଲକର କନିଷ୍ଠ ଯନ୍ତ୍ରୀ ଇଂ ବନ୍ଦିତା ବେହୁରାଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ମାତ୍ର ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ସହିତ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି । ସରକାରୀ ଅଟକଳ ଅନୁଯାୟୀ ଚାରି ଇଞ୍ଚ ମେଟାଲିଂ ଓ ଚାରି ଇଞ୍ଚ ଚିପ୍ସ ମୋଟ ଆଠ ଇଞ୍ଚ ଢଳେଇ ହେବାକୁ ଥିବାବେଳେ ଦୁଇ ଇଞ୍ଚ ମେଟାଲିଂ ଓ ଦୁଇ ଇଞ୍ଚ ଚିପ୍ସରେ ଢଳେଇ କରାଯାଇଛି । ଫଳରେ ଏହି ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସରକାରଙ୍କ ଜନମଙ୍ଗଳ ଯୋଜନା ସଫଳ ହେବା ପରିବର୍ତେ ବିଫଳ ହୋଇଥିବା ଅଭିଯୋଗ ହୋଇଛି ।

ଏସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଅଭିଯୋଗ କରାଯାଇଥିଲେବି କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେମାନେ ବାଧ୍ୟହୋଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ତେଣୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦୁର୍ଯ୍ୟୋଧନ ପରିଡା, ପ୍ରେମାନନ୍ଦ ସେଠୀ, ଗୋଲେଖ ମଳିକ, ସଞ୍ଜୟ କୁମାର ରାଉତ, ସତ୍ୟରଞ୍ଜନ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରି ଦାବି କରିଛନ୍ତି । ଏହାର ନକଲ ଜିଲ୍ଲା ପରିଷଦର ମୁଖ୍ୟନିର୍ବାହୀ ଅଧିକାରୀ ଓ ଭିଜିଲାନ୍ସ ବିଭାଗକୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି ।

## ବାଗଦେବୀ କଳାମନ୍ଦିରର ରଜପର୍ବ-୨୦୨୬ ଉଦ୍‌ଯାପିତ




କେନ୍ଦ୍ରାପଡ଼ା,୧୭।୬ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ସହର ଉପକଣ୍ଠ ଭରତପୁର ଗ୍ରାମରେ ଜିଲ୍ଲାର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ବାଗଦେବୀ କଳାମନ୍ଦିର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ରଜପର୍ବ-୨୦୨୬ ଭରତପୁର ଦକ୍ଷୀଣକାଳୀ ମନ୍ଦିର ମୁକ୍ତମରେ ଉଦଯାପିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସନ୍ଧ୍ୟାରେ ବରିଷ୍ଠ ସାମ୍ବାଦିକ ଚିରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଳରେ ଓଡିଶାର ପାରମ୍ପରିକ ରଜ ମହୋତ୍ସବକୁ ଉଦଯିବିତ ରଖିବାକୁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ସଂସ୍କୃତ ଗବେଷକ ତଥା ସମାଜସେବୀ ପ୍ରଦୀପ କୁମାର ବେହୁରା ଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତା ତଥା ଗ୍ରାମବାସୀମାନଙ୍କୁ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଦୁଇଦିନ ଧରି ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିବା ରଜ ଦୋଳି, ଝୋଟୀ, ପୋଡପୀଠା, କବାଡି, ପାଲି, ଓଡିଶୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ଓଡିଶୀ ଓ ସାସ୍ତ୍ରୀୟ ସଂଗୀତ, ବାଦ୍ୟ ପ୍ରଭୃତି ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ଜିଲ୍ଲାର ପ୍ରତିଷ୍ଠିତ କଳାକାର, କବି, କବୟିତ୍ରୀ ଓ ଗ୍ରାମର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀ ଦିବ୍ୟାଂଶୀ ପ୍ରିୟଦର୍ଶିନୀ ଜେନା, ପୂର୍ବାଶା ସେଣ, ବନ୍ଦନା ଭୋଳ, ସ୍ମୃତିସୁଧା ରଣା, ଯାଜ୍ଞସେନୀ ସାହୁ, ଭକ୍ତିପ୍ରିୟା ମଲ୍ଲିକ, ଦିପାଳୀ ମହାନ୍ତି ପ୍ରମୁଖ ମଙ୍ଗଳାଚରଣ ଓ ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ ।

## ଦଧିବାମନଜୀଉଙ୍କ ପ୍ରାଙ୍ଗଣରେ ପ୍ରବଚନ କାର୍ଯ୍ୟକ୍ରମ



ଡେରାବିଶ, ୧୭।୬ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ପ୍ରାଙ୍ଗଣରେ ସୋମବାର ପବିତ୍ର ରଜ ସଂକ୍ରାନ୍ତି ଅବସରରେ ହନୁମାନ ଚାଳିଶା ପାଠ କରାଯିବା ସହିତ ସୁନ୍ଦରା କାଣ୍ଡ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପ୍ରବଚକ ରାମଚନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ସୁନ୍ଦରା କାଣ୍ଡ ସମ୍ବନ୍ଧରେ ସୁନ୍ଦର ପ୍ରବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ହନୁମାନ ଚା।ଳିଶା ଓ ସୁନ୍ଦରା କାଣ୍ଡ ପ୍ରବଚନ ଶ୍ରବଣ କରିଥିଲେ।

## ବିଦ୍ୟୁତ ସେବା ବନ୍ଦ ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତାରୋକ



ଢେଙ୍କାନାଳ,୧୭।୬ (ସଂଚାର ବ୍ୟୁରୋ)ଃ ସପ୍ତଶଯ୍ୟା ପଞ୍ଚାୟତ ଅନ୍ତର୍ଗତ ପଦ୍ମନାଭପୁର ଛକ ନିକଟସ୍ଥ ପଦ୍ମନାଭପୁର ଗ୍ରାମରେ ଗତ ତିନି ଦିନ ଧରି ବିଦ୍ୟୁତ ସେବା ବିଚ୍ଛିନ୍ନ ରହିଥିବା ପ୍ରତିବାଦରେ ଆଜି ଗ୍ରାମବାସୀମାନେ ଶଙ୍କରପୁର-ମହିଶାପାଟ ମୁଖ୍ୟ ରାସ୍ତାକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୀର୍ଘ ସମୟ ଧରି ବିଦ୍ୟୁତ ଯୋଗାଣ ବନ୍ଦ ରହିବାରୁ ଗ୍ରାମବାସୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ, ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ନ ହେବାରୁ ସେମାନେ ରାସ୍ତାରୋକ ଆନ୍ଦୋଳନକୁ ଓହ୍ଲାଇଥିଲେ।

ସୂଚନା ଅନୁଯାୟୀ, ପଦ୍ମନାଭପୁର ଗ୍ରାମ ଓ ଆଖପାଖ ଅଞ୍ଚଳରେ ଗତ ତିନି ଦିନ ଧରି ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଏହା ଫଳରେ ପାନୀୟ ଜଳ ଯୋଗାଣ, ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଦୈନନ୍ଦିନ କାର୍ଯ୍ୟ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ଗୁରୁତର ଭାବେ ପ୍ରଭାବିତ ହୋଇଛି। ତୀବ୍ର ଗ୍ରୀଷ୍ମ ପ୍ରବାହ ମଧ୍ୟରେ ବିଦ୍ୟୁତ ଅଭାବ ଯୋଗୁଁ ବୃଦ୍ଧ, ଶିଶୁ ଓ ରୋଗୀମାନେ ବିଶେଷ ଅସୁବିଧା ଭୋଗୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ।ଆଜି ସକାଳୁ ଗ୍ରାମବାସୀମାନେ ଏକତ୍ରିତ ହୋଇ ଶଙ୍କରପୁର- ମହିଶାପାଟ ରାସ୍ତା ଉପରେ ଟାୟାର ଓ ବାଉଁଶ ରଖି ଯାତାୟାତ ବନ୍ଦ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା ଏବଂ ଯାତ୍ରୀମାନେ ହଇରାଣ ହୋଇଥିଲେ। ବିକ୍ଷୋଭକାରୀମାନେ ତୁରନ୍ତ ବିଦ୍ୟୁତ ସେବା ସ୍ୱାଭାବିକ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଥିଲେ।

ଘଟଣା ସମ୍ପର୍କରେ ଖବର ପାଇ ପ୍ରଶାସନ ଓ ବିଦ୍ୟୁତ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟୁତ ବିଭାଗ ପକ୍ଷରୁ ତ୍ରୁଟି ଚିହ୍ନଟ କରାଯାଇ ଶୀଘ୍ର ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।

ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି।

## ଭିନ୍ନ ଢ଼ଙ୍ଗରେ ଦାବି ଉପସ୍ଥାପନ କଲେ ଗ୍ରାମବାସୀ



ଡେରାବିଶ,୧୭।୬ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମରେ ନିର୍ମାଣାଧୀନ ଏକ ପ୍ରକଳ୍ପର କାର୍ଯ୍ୟ ଶେଷ ନିମନ୍ତେ ଅହେତୁକ ବିଳମ୍ବର ପ୍ରତିବାଦ କରି ଜିଲ୍ଲାପାଳଙ୍କୁ ନିଆରା ଢ଼ଙ୍ଗରେ ଏକ ଅଭିଯୋଗ ଦେଇଛନ୍ତି।

ଘଟଣାରୁ ପ୍ରକାଶ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚଣ୍ଡିବଜାର ଠାରୁ ବଡ଼ଫୋଗଲ ଭାୟା ଜହ୍ନିମୂଳ ଦେଢ଼ କିଲୋଟର ଲମ୍ବର ରାସ୍ତା କାର୍ଯ୍ୟ ଦୁଇବର୍ଷ ତଳେ ଆରମ୍ଭ କରାଯାଇଥିଲେବି ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇନାହିଁ। ଏହି ରାସ୍ତା ଅତିକ୍ରମ କରିଥିବା ୨୦ ନଂ ଡ୍ରେନେଜ୍‌କଟ୍ ଉପରେ ପୂର୍ବରୁ ଥିବା ଏକ ପୋଲଟି ଚଳିତ ବର୍ଷ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ଭାଙ୍ଗି ଦିଆଯାଇଛି। ସେହି ପୋଲଟି କାର୍ଯ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଯାହା ଫଳରେ ଗ୍ରାମବାସୀମାନେ ପାଞ୍ଚକିଲୋମିଟର ବାଟ ବୁଲି ବୁଲି ଯିବା ଆସିବା କରୁଛନ୍ତି। ଚାଷ ପାଇଁ ଟ୍ରାକ୍ଟର ଏପଟ ଚକରୁ ସେପଟ ଚକଯାଏ ଯିବା ପାଇଁ ବି ୫ କିଲୋମିଟର ବାଟ ଅତିକ୍ରମ କରିବା ପାଇଁ ପଡୁଛି। ବର୍ଷା ହେଲେ ଚଣ୍ଡିବଜାରରୁ ଜହ୍ନିମୂଳ ଯାଏ ରାସ୍ତାଟି କାଦୁଅ ହୋଇଯାଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ପୋଲ ନିର୍ମାଣ ସ୍ଥଳୀରେ ଡ୍ରେନେଜ୍ କଟ୍‌ଟିକୁ ପୋତା ଯାଇଥିବାରୁ ଚଳିତ ଖରିଫ୍ ଋତୁରେ ଉଦବୃତ ଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେବ। ଏହିସବୁ ଅସୁବିଧା ନେଇ ଗ୍ରାମବାସୀଙ୍କ ତରଫରୁ ବାପିନ କୁମାର ମଲ୍ଲ, ପ୍ରଶାନ୍ତ କୁମାର ଓଝା, ଅମିୟ କୁମାର ମଲ୍ଲ, ପ୍ରଫୁଲ୍ଲ କୁମାର ରାଉଳ, ଦଜରତନ ମୁଦୁଲି ଓ ଦିବାକର ବାରିକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଲେଖି ଆସନ୍ତା ଜିଲ୍ଲା ସ୍ତରୀୟ ଜନଶୁଣାଣୀ ଶିବିରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଅନୁମତି ଲୋଡ଼ିଛନ୍ତି।

## ରଜ ମଉଜ ମହୋତ୍ସବ ଉଦ୍‌ଯାପିତ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ନିଶ୍ଚିନ୍ତକୋଇଲି,୧୭।୬ (ସଂଚାର ବ୍ୟୁରୋ)ଃ ନିଶ୍ଚିନ୍ତକୋଇଲି ମା' ବେଲେଶ୍ୱରୀ ସାଂସ୍କୃତିକ ପରିଷଦ ପକ୍ଷରୁ ୩ଦିନ ଧରି ରଜ ମହୋତ୍ସବ କାର୍ଯ୍ୟକ୍ରମ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ୧୬ତାରିଖ ମଙ୍ଗଳବାର ଦିନ ଏହି ମହୋତ୍ସବର ଉଦ୍‌ଯାପନୀ ଦିବସରେ ଏକ ସାଧାରଣ ସଭା, ସମ୍ବର୍ଦ୍ଧନା ପର୍ବ ଓ ବିଭିନ୍ନ ପ୍ରକାର ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା' ବେଲେଶ୍ୱରୀ ସାଂସ୍କୃତିକ ପରିଷଦର ସଭାପତି ରଞ୍ଜନ କୁମାର ଚାନ୍ଦ୍‌ଙ୍କ ପ୍ରତ୍ୟେକ୍ଷ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମ ତିନି ଧରି ମହାସମାରୋହେରେ ଅନୁଷ୍ଠିତ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଶ୍ରୀ ଚାନ୍ଦ୍‌ଙ୍କ ଏଭଳି ପ୍ରୟାସକୁ ସାଧୁବାଦ ଜଣାଇଛନ୍ତି।

ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ସଂଗଠନ ପରିବାରର ସମ୍ପାଦକ ତଥା ପରିବେଶବିତ୍ ପ୍ରମୋଦ କୁମାର ନାୟକ ପରିଚାଳନା କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଜୀବନାନନ୍ଦ ଦାଶ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ୱେଚ୍ଛାସେବୀ ସଂଗଠନ ପରିବାରର ସଭାପତି ବଲ୍ଲଭଚରଣ ପଲେଇ, ୨୪ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କିଶୋର କାପ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲ, ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀମତୀ ଦେବରୂପା କର ପ୍ରମୁଖ ଯୋଗଦାନ କରି ସମସ୍ତ କୃତୀ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ସାମ୍ବାଦିକ ସପ୍ତଜ୍ୟୋତି ରାଉଳ, ସତ୍ୟଜିତ୍ ମହାପାତ୍ର, ଦେବେନ୍ଦ୍ର ଷଢଙ୍ଗୀ ଏବଂ କୃତୀ ପ୍ରତିଯୋଗୀ ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

### ଧର୍ମଶାଳାରେ ପଥର ମାଫିଆଙ୍କ ରାଜ୍

# ନିଷିଦ୍ଧ ପାହାଡ଼ରୁ ଦିନରାତି କଳାପଥର ଲୁଟ୍

**ନୀରବ ପ୍ରଶାସନ, ବିପଦରେ ଲୋକଙ୍କ ଜୀବନ**



ଯାଜପୁର,୧୭।୬ (ସଂଚାର ବ୍ୟୁରୋ)ଃ ଧର୍ମଶାଳା ତହସିଲ ଅଧୀନ ବଳରାମପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଏବଂ କୁଶୁନପୁର ନିଷିଦ୍ଧ ପାହାଡ଼ ଏବେ ପଥର ମାଫିଆଙ୍କ ପାଇଁ ସୁରକ୍ଷିତ ଆଡ୍ଡା ପାଲଟିଥିବା ଅଭିଯୋଗ ହେଉଛି। ପୁଲିସ, ଜଙ୍ଗଲ ବିଭାଗ, ପ୍ରଶାସନ ଓ ଲଘୁ ଖଣି ବିଭାଗର ନାକତଳେ ଦିନରାତି କଳାପଥର ଚୋରି ଚାଲିଥିବାବେଳେ, ଶହ ଶହ ଏକର ଜଙ୍ଗଲ ଧ୍ୱଂସ ହୋଇ ଜୈବ ବିବିଧତା ଗୁରୁତର ସଙ୍କଟରେ ପଡ଼ିଛି।

ସ୍ଥାନୀୟ ଅଭିଯୋଗ ଅନୁଯାୟୀ, ପ୍ରତିଦିନ ଶହଶହ ଟ୍ରିପ୍ କଳାପଥର ବେଆଇନ ଭାବେ ଉଠାଯାଉଛି। ବର୍ଷ ବର୍ଷ ଧରି ଚାଲିଥିବା ଏହି ଚୋରିରେ ଶହ ଶହ କୋଟି ଟଙ୍କାର ଖଣିଜ ସମ୍ପଦ ଲୁଟ ହୋଇଥିବା ବେଳେ, ସରକାର ବିପୁଳ ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ପାହାଡ଼ ପାଦଦେଶରେ ଥିବା ୨୦ରୁ ଅଧିକ ଷ୍ଟୋନ କ୍ରସରକୁ ଚୋରା ପଥର ଯୋଗାଣ ଦିଆଯାଉଥିବା ଅଭିଯୋଗ ଉଠିଛି। ଏହା ପଛରେ ଏକ ସଂଗଠିତ ସିଣ୍ଡିକେଟ୍ କାର୍ଯ୍ୟ କରୁଥିବା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରଶ୍ରୟ ମିଳୁଥିବା ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବାରୁ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠୁଛି।

ଧର୍ମଶାଳା ପାହାଡ଼ରୁ ବେଆଇନ ପଥର ଉତ୍ତୋଳନକୁ ନେଇ ଓଡ଼ିଶା ହାଇକୋର୍ଟ ୨୦୨୫ ମେ ମାସରେ ଜିଲ୍ଲାପାଳ, ଡିଏଫଓ ଓ ପୋଲିସକୁ ଚୋରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ଷେକ ବିତିଥିଲେ ମଧ୍ୟ ପରିସ୍ଥିତିରେ ଉଲ୍ଲେଖନୀୟ ସୁଧାର ଆସିନଥିବା ଅଭିଯୋଗ ହେଉଛି। ସିଏଜି ରିପୋର୍ଟ ଅନୁଯାୟୀ, ଡଙ୍କାରୀ ପାହାଡ଼ରେ ମାପ ତ୍ରୁଟି ଯୋଗୁଁ ପ୍ରାୟ ୮.୫ ଲକ୍ଷ ଘନମିଟର ପଥର ବେଆଇନ ଭାବେ ଉତ୍ତୋଳନ ହୋଇଥିବା ଏବଂ ଏହାର ଆନୁମାନିକ ମୂଲ୍ୟ ୯୮ କୋଟି ଟଙ୍କା ବୋଲି ଉଲ୍ଲେଖ ରହିଛି। ସେହିପରି ୨୦୨୪ରେ ଲିଜ ସୀମା ବାହାରେ ଖନନ କରିଥିବା ୧୮ ଜଣ ଲିଜଧାରୀଙ୍କ ଉପରେ ୨୯୮ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଥିଲା। କୁଶୁନପୁର ପାହାଡ଼ରେ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ ଯୋଗୁଁ ପ୍ରତିଦିନ ଭୂକମ୍ପ ସଦୃଶ କମ୍ପନ ଅନୁଭୂତ ହେଉଛି। ଏଥିରେ ଜଙ୍ଗଲରେ ବସବାସ କରୁଥିବା ବନ୍ୟଜନ୍ତୁଙ୍କ ଆବାସ ନଷ୍ଟ ହେଉଥିବା ବେଳେ ଅନେକ ଦୁର୍ଲଭ ପ୍ରଜାତି ବିଲୁପ୍ତି ମୁହାଁରେ ପହଞ୍ଚିଛନ୍ତି। ବନ୍ୟଜନ୍ତୁ ଜନବସତି ମୁହାଁ ହେଉଥିବାରୁ ମଣିଷ-ବନ୍ୟଜନ୍ତୁ ସଂଘର୍ଷର ଆଶଙ୍କା ମଧ୍ୟ ବଢ଼ିଛି। ବିସ୍ଫୋରଣର କମ୍ପନରେ ନିକଟସ୍ଥ ଗାଁର ଘରବାଡ଼ିରେ ଫାଟ ସୃଷ୍ଟି ହେଉଥିବା ସହ ସ୍ଥାନୀୟ ଲୋକଙ୍କ ଜୀବନ ଓ ଜୀବିକା ବିପନ୍ନ ହୋଇପଡ଼ିଛି।

ପରିବେଶବିତମାନଙ୍କ ମତରେ, ଏଭଳି ଅବାଧ ଖନନ ଜାରି ରହିଲେ ଭବିଷ୍ୟତରେ ସମଗ୍ର ଅଞ୍ଚଳ ଏକ ଗୁରୁତର ପରିବେଶ ବିପର୍ଯ୍ୟୟର ସମ୍ମୁଖୀନ ହେବ।

## ନହକା ଗୋଲେଇ ଛକଃ ଉଠା ଦୋକାନୀଙ୍କୁ ଉଚ୍ଛେଦ ପୂର୍ବରୁ ସମୟ ଦେଲା ତହସିଲ ପ୍ରଶାସନ



ଯାଜପୁର ରୋଡ଼,୧୭।୬(ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ନହକା ଗୋଲେଇ ଛକ ଠାରେ ବେଆଇନ ଭାବେ ରାସ୍ତା ଅବରୋଧ କରି ବ୍ୟବସାୟ ବଣିଜ କରୁଥିବା ଉଠା ଦୋକାନୀ ମାନଙ୍କୁ ଉଚ୍ଛେଦ କରିବା ପୂର୍ବରୁ ଉକ୍ତ ସ୍ଥାନରୁ ଉଠିଯିବା ଲାଗି କିଛି ଦିନ ସମୟ ଦେଲା ବ୍ୟାସନଗର ତହସିଲ ପ୍ରଶାସନ।

ଖବରର ସୂଚନା ମୁତାବକ ବ୍ୟାସନଗର ପୌର ସହରର ନହକା ବାଇପାସ୍ ଗୋଲେଇ ଛକ ଠାରେ କିଛିଦିନ ଧରି ବିଭିନ୍ନ ଉଠା ଦୋକାନୀ ମାନେ ବେନିୟମ ଭାବେ ସରକାରୀ ଜାଗାକୁ ଅକ୍ତିଆର କରି ଦୋକାନ ଘର, ଦୋକାନ କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଥିଲା। ଏହା ଦ୍ୱାରା ବିଭିନ୍ନ ସମୟରେ ରାସ୍ତା ଘାଟ ଯାମ ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଥିଲା। ପ୍ରଶାସନ ତରଫରୁ ବ୍ୟବସାୟୀଙ୍କୁ ବାରମ୍ବାର ନୋଟିସ କରାଯାଇଥିଲା।

ଉକ୍ତ ଦୋକାନୀମାନେ କୌଣସି କର୍ଣ୍ଣପାତ କରୁନଥିବାରୁ ଆଜି ସକାଳୁ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ ଓ ଯାଜପୁର ରୋଡ଼ ଆଇଆଇସି ଆଶିଷ ସାହୁଙ୍କ ଉପସ୍ଥିତିରେ ଦୋକାନ ଘର ଭଙ୍ଗାଯିବା ନେଇ କାର୍ଯ୍ୟପନ୍ଥା ଆରମ୍ଭ ହୋଇଥିଲା। ଗୋଟିଏ ଦୋକାନ ଘର ଭଙ୍ଗାଯିବା ପରେ ସେହି ଛକର କାଳୀପୂଜା କମିଟିର ରବିନ୍ଦ୍ର କୁମାର ନାୟକ ଓ ଅନ୍ୟ ସଦସ୍ୟମାନେ ବ୍ୟବସାୟୀଙ୍କ ଥଇଥାନ ପାଇଁ ମାଜିଷ୍ଟ୍ରେଟଙ୍କୁ ଆଉ କିଛି ଦିନର ସମୟ ମାଗିଥିଲେ। ତେଣୁ ଉଠା ଦୋକାନ ଗୁଡ଼ିକ ସ୍ଥାନାନ୍ତରିତ କରିବା ପାଇଁ କିଛି ଦିନ ସମୟ ଦେଇଛନ୍ତି ମାଜିଷ୍ଟ୍ରେଟ।

ତେବେ କିଛି ଦିନ ପରେ ପରେ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲୁ ରହିବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ପୁହାଣ ଜଣାଇଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ଗୁରୁବାର ୧୮ ଜୁନ୍ ୨୦୨୬, ଭୁବନେଶ୍ୱର
Thursday 18 June 2026, Bhubaneswar

# ମୋଦି-ମେଲୋନିଃ ଭାଇରାଲ ଫିଗର



ସମ୍ପ୍ରତି ଫ୍ରାନ୍ସର ଏଭିଆନ୍-ଲେସ୍-ବେନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମେଳନରେ ଏକ ହାଲୁକା ମୁହୂର୍ତ୍ତ ସମଗ୍ର ବିଶ୍ୱର ସୋସିଆଲ୍ ମିଡିଆକୁ ଆକର୍ଷିତ କରିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ମଧ୍ୟରେ ହୋଇଥିବା ଏକ ସଂଳାପ ଭାଇରାଲ୍ ହୋଇଯାଇଛି। ମେଲୋନି ହସି ହସି କହିଲେ, 'ଆମେ ଇନଷ୍ଟାଗ୍ରାମରେ ସବୁଠୁ ଚର୍ଚ୍ଚିତ ଯୋଡି'। ଏହି ମୁହୂର୍ତ୍ତ କେବଳ ଦୁଇ ନେତାଙ୍କ ମଧ୍ୟରେ ଥିବା ସହୃଦୟତାକୁ ପ୍ରକାଶ କରୁନାହିଁ, ବରଂ ଡିଜିଟାଲ୍ ଯୁଗରେ କୂଟନୀତି କିପରି ଜନପ୍ରିୟତା ଲାଭ କରିପାରେ ତାହାର ଏକ ଉଦାହରଣ ପାଲଟିଛି। ଏହି ଯୁଗଳଙ୍କୁ ଇନଷ୍ଟାଗ୍ରାମର ସବୁଠାରୁ ଭାଇରାଲ୍ ଫିଗର୍ କହିଲେ ଅତ୍ୟୁକ୍ତି ହେବ ନାହିଁ।

'ହାସଟ୍ୟାଗ ମେଲୋଡି' ହାସ୍ୟାସ୍ପଦ ନାମଟି ପ୍ରଥମେ ୨୦୨୩ ଡିସେମ୍ବରରେ ଦୁବାଇ କପ-୨୮ ଶିଖର ସମ୍ମେଳନରେ ଜନ୍ମ ନେଇଥିଲା। ମେଲୋନି ମୋଦିଙ୍କ ସହ ଏକ ସେଲ୍ଫି ସେୟାର୍ କରି ଲେଖିଥିଲେ — 'କପ-୨୮ରେ ଭଲ ବନ୍ଧୁ ✓ମେଲୋଡି'। ଏହି ହ୍ୟାସ୍ଟ୍ୟାଗ୍ ତୁରନ୍ତ ଭାଇରାଲ୍ ହୋଇଗଲା। ମୋଦି ଏବଂ ମେଲୋନିଙ୍କ ସୌହାର୍ଦ୍ଦପୂର୍ଣ୍ଣ ଆଚରଣ, ହସ-ଥଟା ଏବଂ ପାରସ୍ପରିକ ସମ୍ମାନ ଜନସାଧାରଣଙ୍କୁ ଆକର୍ଷିତ କରିଥିଲା। ତା'ପରଠାରୁ ପ୍ରତି ସମ୍ମେଳନରେ ସେମାନଙ୍କ ମିଳନ ସୋସିଆଲ ମିଡିଆର ଟ୍ରେଣ୍ଡିଙ୍ଗ ଟପିକ ହୋଇଯାଏ।

୨୦୨୬ ମେ ମାସରେ ମୋଦିଙ୍କ ଇଟାଲୀ ଗସ୍ତ ଏହି ଟ୍ରେଣ୍ଡକୁ ଆହୁରି ଉଚ୍ଚତାକୁ ନେଇଗଲା। ରୋମ୍ ପହଞ୍ଚିବା ପରେ ମେଲୋନି ମୋଦିଙ୍କୁ କୋଲୋସିୟମ୍ ଘୁମାଇବାକୁ ନେଇଥିଲେ। ସେଠାରେ ନିଆଯାଇଥିବା ସେଲ୍ଫି ଏବଂ କାର ଯାତ୍ରାର ଫଟୋ ଲକ୍ଷ ଲକ୍ଷ ଲାଇକ୍ ପାଇଥିଲା। ସର୍ବୋତ୍ତମ ମୁହୂର୍ତ୍ତ ଥିଲା ମୋଦିଙ୍କ ଦ୍ୱାରା ମେଲୋନିଙ୍କୁ ପାର୍ଲେ ମେଲୋଡି ଟଫି ଉପହାର ଦେବା। ମେଲୋନି ଏହି ମୁହୂର୍ତ୍ତର ଭିଡିଓ ଇନଷ୍ଟାଗ୍ରାମରେ ସେୟାର୍ କରି କହିଥିଲେ, 'ପ୍ରଧାନମନ୍ତ୍ରୀ ମୋଦି ବଢିଆ ଟଫି ଆଣିଛନ୍ତି... ମେଲୋଡି'। ଏହି ଭିଡିଓ କେବଳ କେଇ ଘଣ୍ଟା ଭିତରେ କୋଟି କୋଟି ଭ୍ୟୁ ପାଇଥିଲା ଏବଂ ଲକ୍ଷ ଲକ୍ଷ ଲାଇକ୍ ଆକର୍ଷଣ କରିଥିଲା। ଜି-୭ ସମ୍ମେଳନରେ ମେଲୋନିଙ୍କ କଥା ଏହି ଟ୍ରେଣ୍ଡକୁ ଆଉ ଏକ ଥର ଉଜ୍ଜୀବିତ କରିଛି।

ଏହି ଭାଇରାଲ୍ ମୁହୂର୍ତ୍ତଗୁଡ଼ିକ କେବଳ ମନୋରଞ୍ଜନ ନୁହେଁ। ଏହା ଭାରତ-ଇଟାଲୀ ସମ୍ପର୍କର ଏକ ନୂତନ ଅଧ୍ୟାୟ ଖୋଲିଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରଯୁକ୍ତି ଏବଂ କୂଟନୀତିକ ସହଯୋଗ ବଢୁଛି। ଇଣ୍ଡିଆ-ମିଡଲ୍ ଇଷ୍ଟ ଇଉରୋପ ଇକୋନମିକ କରିଡର ପରି ପ୍ରକଳ୍ପରେ ଇଟାଲୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୋଦିଙ୍କ ବିଦେଶ ନୀତିର ଲୋକପ୍ରିୟତା ଏବଂ ମେଲୋନିଙ୍କ ସକ୍ରିୟ ସୋସିଆଲ୍ ମିଡିଆ ଉପସ୍ଥିତି ଏହି ସମ୍ପର୍କକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇଛି।

ଡିଜିଟାଲ ଯୁଗରେ କୂଟନୀତି ପରିବର୍ତ୍ତିତ ହୋଇଛି। ପୂର୍ବରୁ କେବଳ ଆନୁଷ୍ଠାନିକ ବୈଠକ ଏବଂ ପ୍ରେସ ବିବୃତ୍ତି ଥିଲା, ଏବେ ସେଲ୍ଫି, ରିଲ୍ ଏବଂ ମେମ ମଧ୍ୟ କୂଟନୀତିର ଅଙ୍ଗ ହୋଇଯାଇଛି। ମୋଦି-ମେଲୋନି ଏହି ପରିବର୍ତ୍ତନର ପ୍ରତୀକ। ସେମାନଙ୍କ ମଧ୍ୟରେ ଥିବା ହାସ୍ୟରସ, ପାରସ୍ପରିକ ସମ୍ମାନ ଏବଂ ସାଧାରଣ ମୂଲ୍ୟବୋଧ ବିଶ୍ୱକୁ ଏକ ସକାରାତ୍ମକ ବାର୍ତ୍ତା ଦେଉଛି। ଏହା ଦେଖାଉଛି ଯେ ନେତାମାନେ ମଧ୍ୟ ମାନବୀୟ ହୋଇପାରନ୍ତି ଏବଂ ଜନସାଧାରଣଙ୍କ ସହ ସଂଯୋଗ ସ୍ଥାପନ କରିପାରନ୍ତି। ଅବଶ୍ୟ, ଏହି ଭାଇରାଲ ମୁହୂର୍ତ୍ତ ପଛରେ ଗଭୀର କୂଟନୀତି ରହିଛି। ଭାରତର ଉନ୍ନୟନମୂଳକ ଯାତ୍ରା, ଡିଜିଟାଲ ଇଣ୍ଡିଆ ଏବଂ ମେଲୋନିଙ୍କ ଇଉରୋପୀୟ ରାଜନୀତିରେ ଥିବା ପ୍ରଭାବ ଏହି ସମ୍ପର୍କକୁ ମଜବୁତ କରୁଛି। ଇନଷ୍ଟାଗ୍ରାମରେ ଲକ୍ଷ ଲକ୍ଷ ଫଲୋଅର ଏବଂ କୋଟି କୋଟି ଭ୍ୟୁ ସହ ସେମାନେ ପ୍ରମାଣ କରୁଛନ୍ତି ଯେ ଆଧୁନିକ କୂଟନୀତି ଜନପ୍ରିୟତା ଏବଂ ପାରଦର୍ଶିତା ଉପରେ ଆଧାରିତ।

ମୋଦି-ମେଲୋନିଙ୍କ ଏହି ବନ୍ଧୁତ୍ୱ କେବଳ ଦୁଇ ଦେଶ ମଧ୍ୟରେ ନୁହେଁ, ବରଂ ବିଶ୍ୱ ମଞ୍ଚରେ ଏକ ଉଦାହରଣ ସ୍ଥାପନ କରୁଛି। ଏହା ଦେଖାଉଛି ଯେ ରାଜନୀତି ମଧ୍ୟ ମଧୁର ହୋଇପାରେ — ଯେପରି ମେଲୋଡି ଟଫି। ଭବିଷ୍ୟତରେ ଆହୁରି ଅନେକ ମେଲୋଡି ମୁହୂର୍ତ୍ତ ଆସିବ ଏବଂ ଏହି ଯୁଗଳ ଇନଷ୍ଟାଗ୍ରାମର ରାଜା-ରାଣୀ ଭାବରେ ଜାରି ରହିବ। ଏହା କେବଳ ଭାଇରାଲ୍ ନୁହେଁ, ବରଂ ଏକ ସଫଳ କୂଟନୀତିର ପ୍ରତୀକ।

# ଅଠର ବାଇଶିର ଦୁଃଖଦ ରଥଯାତ୍ରା



କବୀର କୁମାର ଜେନା

ଲୀଳାମୟଙ୍କ ଅସୀମ, ଆନନ୍ଦମୟ ରଥଯାତ୍ରା ଆମ ସମସ୍ତଙ୍କୁ କେବଳ ମହାପ୍ରଭୁଙ୍କ ଦର୍ଶନ ଦେଇନଥାଏ ବରଂ କୃପା ପ୍ରଦାନ କରିଥାଏ। ତେବେ ଏପରି ଏକ ସମୟ ଥିଲା ଯେଉଁଠି, ଲୀଳାମୟଙ୍କ ଏ ଘୋଷ ଯାତ୍ରା ଏକ ଦୁଃଖଦ ଅନୁଭୂତି ସେ ସମୟରେ ଅଭାବନୀୟ ଭାବେ ସୃଷ୍ଟି କରିଥିଲା। ୧୮୨୨ ମସିହା ଅର୍ଥାତ୍ ଇଂରେଜ ସମୟର କଥା। ସେ ସମୟରେ ରଥଯାତ୍ରା ଆଜିକା ପରି ବ୍ୟବସ୍ଥିତ ଓ ଭବ୍ୟ ହେଉନଥିଲା। ବଡ଼ଦାଣ୍ଡ ମଧ ପ୍ରଶସ୍ତ ନଥିଲା ଏବଂ ମଝିରେ ଥିଲା ମାଳିନୀ ନଦୀ। ମୁଁ ଆଲୋଚନା କରୁଥିବା ବର୍ଷର କଥା ଶ୍ରୀଜୀଉଙ୍କ ଅଣସର ପରେ ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପୁରୀକୁ ଧାଡ଼ି ଛୁଟାଇଥାନ୍ତି, ଦିନକୁ ଦିନ ପୁରୀରେ ଗହଳି ବଢୁଥାଏ। ତତ୍କାଳୀନ ସମୟରେ ଇଂରେଜ ହାକିମ ମାନେ ପ୍ରଶାସନ ଚଳାଉଥିଲେ ମଧ ଶ୍ରୀଜୀଉଙ୍କ ନୀତିକାନ୍ତି କରୁଥିବା ଦଇତାପତି, ସେବାୟତ ମାନଙ୍କ ଉପରେ ଶ୍ରୀମନ୍ଦିରର ନିୟମିତ କାର୍ଯ୍ୟକ୍ରମ ପାଇଁ ପରାମର୍ଶ ସହଯୋଗ ଲୋଡ଼ୁଥିଲେ। ତେବେ ସେହି ବର୍ଷ ଏକ ଅଭାବନୀୟ ଓ ଦୁଃଖଦ ଘଟଣା ସଂଗଠିତ ହୋଇଥିଲା। ଅନେକ ଦିନରୁ ଶ୍ରୀଜୀଉଙ୍କ ଦର୍ଶନ ପାଇ ନଥିବା ବ୍ୟାକୁଳିତ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ, ଭକ୍ତମାନେ ବିରାଟ ଗହଳି ସହିତ ମନ୍ଦିର ଭିତରକୁ ଏକତ୍ର ଯିବା ପାଇଁ ଉଦ୍ୟମ କଲେ, ଅସମ୍ଭାଳ ଠେଲାପେଲାରେ ସିଡ଼ିରେ ଆହତ ହୋଇ ଓ ପାହାଚରେ ଗୋଡ଼ ଖସି ପଡ଼ିଯାଇଥିବା କିଛି ଶ୍ରଦ୍ଧାଳୁଙ୍କ ଉପରେ ଅନ୍ୟମାନେ ଦଳି ଚକଟି ଚାଲିଯାଇଥିଲେ। ସେମାନଙ୍କୁ ଗହଳି ଭିତରୁ ତତ୍କାଳ ଉଦ୍ଧାର କରିବା ଅସମ୍ଭବ ଥିଲା। କେବଳ ମନ୍ଦିର ଭିତରେ ଅଠର ଜଣ ମହିଳାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ବୋଲି ଗବେଷକ ଡକ୍ଟର ଭାସ୍କର ମିଶ୍ରଙ୍କ ତଥ୍ୟରୁ ଜଣା ଯାଇଛି। ତେବେ ସେଠି ଆଉ ଏକ ଚର୍ଚ୍ଚା ମଧ ଅନେକଙ୍କୁ ମ୍ରିୟମାଣ କରିପକାଇ ଥିଲା। କୁହାଯାଏ କି ସେ ସମୟରେ ନୀଚ ଜାତି କୁହାଯାଉଥିବା ବର୍ଗର ଏହି ମହିଳାମାନେ ହୋଇଥିବାରୁ ସେମାନଙ୍କ ଶବ ତୁରନ୍ତ ଉଠି ପାରିଲା ନାହିଁ। ଅନ୍ୟପଟେ ପ୍ରଶ୍ନ ଉଠିଲା ସେମାନଙ୍କ ପାଇଁ ମନ୍ଦିର ପ୍ରବେଶ ନିଷେଧ ଥିବାବେଳେ ସେମାନେ ମନ୍ଦିର ଭିତରକୁ ପ୍ରବେଶ କଲେ କିପରି ଓ କାହିଁକି? ତେଣୁ ସେ ସମୟର ଦାୟିତ୍ୱ ପରିଚାଳନା କରୁଥିବା ନିର୍ବାହକମାନେ ମତ ଦେଲେ ଯେ ଶ୍ରୀମନ୍ଦିରର ଦ୍ୱାର ବାଟରେ ସେ ଶବକୁ ବାହାରକୁ ଅଣାଗଲେ ଏହା ଶୁଭ ନୁହେଁ। ପରବର୍ତ୍ତୀ ସମୟରେ ସେହି ଦ୍ୱାର ବାଟେ ଅନ୍ୟ ଭକ୍ତମାନେ ଆସିବାକୁ ନଚାହିଁ ପାରନ୍ତି। ତେଣୁ ଏହିପରି ଏକ ସନ୍ଧିକ୍ଷଣ ସମୟରେ ଶବ ଗୁଡ଼ିକୁ ପାଚେରୀ ବାଟେ ଏକ ପ୍ରକାର ବାହାରକୁ କଢ଼ା ଯାଇଥିଲା ବା ଫିଙ୍ଗା ଯାଇଥିଲା। ସେ ସମୟରେ ଜାତିପ୍ରଥା ଭାରି ଉଗ୍ର ଅବସ୍ଥାରେ ଥିଲା ଏବଂ ଏହି ଭେଦଭାବ ଅନେକ ଅଘଟଣ ମଧ କେବଳ ସୃଷ୍ଟି କରୁନଥିଲା ଅନେକ ସ୍ଥାନରେ ଏହା ରକ୍ତାକ୍ତ ପରିବେଶ ସୃଷ୍ଟି କରୁଥିଲା। ତେଣୁ ବିଭିନ୍ନ ଦୃଷ୍ଟିକୋଣକୁ ଦେଖି ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ କେତେକ ଗବେଷକ ମଧ ତଥ୍ୟ ଉଲ୍ଲେଖ କରିଛନ୍ତି। ତେବେ ଏପରି କିଛି କାରଣ ପାଇଁ ସେହି ବର୍ଷ ବିଳମ୍ବରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଅଘଟଣ ସେଇଠି ସରିନଥିଲା। ପରବର୍ତ୍ତୀ ସମୟର କଥା। ରଥଯାତ୍ରା ସମୟରେ ବିଦେଶରୁ ଆସିଥିବା କିଛି ଲୋକ ହାତୀ ପିଠିରେ ବଡ଼ଦାଣ୍ଡରେ ରଥ ଟାଣିବା ପାଇଁ କୌତୁହଳୀ ହୋଇ ରଥ ନିକଟରେ ଛିଡ଼ା ହୋଇପଡ଼ିଲେ। ତେବେ ରଥ ଦଉଡି ହଠାତ୍ ଦୁର୍ଘଟଣାବଶତଃ ଘଷି ଯିବାରୁ ଭିଡ଼ ଭିତରେ ପାଖାପାଖି ଚାରି ଜଣ ତୀର୍ଥଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା ଅନ୍ୟ ଜଣେ ଗୁରୁତର ହୋଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଶେଷ ଲୋକ ଜଣଙ୍କ ଅକ୍ଷତ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଏହି ଅଘଟଣ ପାଇଁ ସେ ସମୟର ଇଂରେଜ ପ୍ରଶାସକ ଏକ ତଦନ୍ତ ମଧ କରିଥିଲେ। ତେବେ ଆଲୋଚନା ହେଲା ଯେ ଏ ଘଟଣାର ମୁଖ୍ୟ ଯେ ହେତୁ ସେହି ବିଦେଶୀ ହାତୀ ଚଢ଼ି ଥିବା ଗୋରାସାହେବଙ୍କ କାରଣରୁ ହୋଇଥିବାରୁ କେହି ଦଣ୍ଡିତ ହୋଇନଥିଲେ। କିନ୍ତୁ ଏ ସମ୍ପର୍କରେ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ସେ ବର୍ଷ ରଥଯାତ୍ରାରେ ଉଲ୍ଲେଖନୀୟ ଭିଡ଼ ମଧ ହୋଇଥିଲା ତେବେ ଉପରୋକ୍ତ ଦୁଇ ଦୁଇଟି ଅଘଟଣ ଶ୍ରଦ୍ଧାଳୁଙ୍କ ଭିତରେ ଦୁଃଖଦ ଅନୁଭୂତି ରଖିଥିଲା।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭
E-MAIL : KABIRKJENA@GMAIL.COM




# ଶିବ ବିବାହ ଓ ଶୀତଳ ଷଷ୍ଠୀ





ଜ୍ୟୋସ୍ନା ମହାପାତ୍ର

ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଶିବ ପାର୍ବତୀଙ୍କର ବିବାହ ହୋଇଥାଏ। ମୋ ପିଲାବେଳୁ ଶିବ ବିବାହ ଓ ଶୀତଳ ଷଷ୍ଠୀ ସମ୍ପର୍କରେ ଶୁଣିଥିଲି ପରେ ମନ୍ଦିରରେ ଅନୁଷ୍ଠିତ ହେଉଥିବା ଦମ୍ପତିଙ୍କ ବିବାହ ଯେଉଁ ଲୋକାଚାରରେ ଅନୁଷ୍ଠିତ ହୁଏ ତାହା ସବୁ ଦେଖିବାର ଏବଂ ସେହି ମହାନ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ପାଇଲି। ଶୀତଳ ଷଷ୍ଠୀ ବାସ୍ତବରେ ଏକ ମହାନ ସଂସ୍କୃତିର ଚେତନାକୁ ଜାଗରିତ କରେ। ଆମ ଓଡ଼ିଶାର ପଶ୍ଚିମାଞ୍ଚଳ ବିଶେଷକରି ସମ୍ବଲପୁର ସହରର ଶୀତଳ ଷଷ୍ଠୀର ଇତିହାସ ଖୁବ ପୁରୁଣା। ଶୀତଳ ଷଷ୍ଠୀ ହେଉଛି ଏପରି ଏକ ପର୍ବ ଯେଉଁଥିରେ ଦେବ ଦମ୍ପତି ଠିକ ଆମ ମାନଙ୍କ ପରି ମାନବୀୟ ଲୀଳା ପ୍ରଦର୍ଶନ କରିଥାନ୍ତି।

ଆମ ଓଡ଼ିଆ ଲୋକ ରୀତିନୀତିରେ ସାଧାରଣ ଘରେ କନ୍ୟା ହେଉ ବା ପୁତ୍ର ବିବାହ ସମୟରେ ଯେଉଁପରି ଦେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ଠିକ ସେହିପରି ଅକ୍ଷୟ ତୃତୀୟା ଦିନରୁ ଥାଳ ଉଠା ରୀତିରୁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ଆରମ୍ଭ ହୋଇଥାଏ। କାରଣ ଏହି କାର୍ଯ୍ୟକ୍ରମରେ କନ୍ୟା ପିତାମାତାଙ୍କ ମନୋନୟନ କରାଯାଏ ଓ ପରେ ନିର୍ବନ୍ଧ ବା ପତ୍ରପେଣ୍ଡି ନୀତି ଅନୁଷ୍ଠିତ ହୁଏ। ଏହାର ପରେ ଦେବତା ନିମନ୍ତ୍ରଣ, ତୈଳାଭିଶେକ ଓ ଶୁଭଲଗ୍ନରେ ଶିବ-ପାର୍ବତୀଙ୍କ ବିବାହ ହୁଏ। ଶୋଭଯାତ୍ରାରେ ବରଯାତ୍ରୀ ଆସି ସମ୍ପୂର୍ଣ୍ଣ ଲୋକାଚାରରେ ଦେବ ଦମ୍ପତିଙ୍କ ବିବାହ ଓ ପାଣିଗ୍ରହଣ କରାଯାଏ। ବିବାହ ପରେ ଷଷ୍ଠୀ ଦିନ ରାତିରେ ଶିବ ପାର୍ବତୀଙ୍କର ନଗର ପରିକ୍ରମା ଆରମ୍ଭ ହୁଏ। ଏକ ସୁସଜ୍ଜିତ ବିରାଟ ମେଢ଼ ଉପରେ ବୃଷଭ ଉପରେ ମହାଦେବ ଓ ଆଗରେ ସିଂହ ଉପରେ ପାର୍ବତୀ ନାନା ସ୍ୱର୍ଣ୍ଣାଳଙ୍କାରରେ ଭୂଷିତା ହୋଇ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି। ପ୍ରଧାନ ମେଢ଼ ଛଡ଼ା ହନୁମାନ ନୃସିଂହ ଓ ଅନ୍ୟାନ୍ୟ ଦେବ ଦେବୀଙ୍କର ମେଢ଼ ମଧ ବାହାରିଥାଏ।ବିବାହ ପରବର୍ତ୍ତୀ ରାତି ଯୁଗଳ ଦର୍ଶନ ଶୋଭାଯାତ୍ରା ଓ ଶେଷ ଦିନ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭା ଯାତ୍ରା ବେଶ ଭବ୍ୟ ଓ ଆକର୍ଷଣୀୟ ହୋଇଥାଏ। ପୌରାଣିକ ତଥ୍ୟ ଅନୁଯାୟୀ ସତୀଙ୍କ ଚିନ୍ତାରେ ମହାଦେବ ସବୁବେଳେ ଚିନ୍ତିତ ରହୁଥିଲେ। ସେପଟେ ସତୀ ଦେବୀଙ୍କ ସଂକଳ୍ପ ରହିଥିଲା ଯେ ସେ ସାରା ଜୀବନ କେବଳ ଭଗବାନ ଆଶୁତୋଷ ବା ଶିବଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ରହିବେ। ପରବର୍ତ୍ତୀ ସମୟରେ ପର୍ବତ ରାଜା ହିମାଳୟଙ୍କ କନ୍ୟା ଭାବେ 'ପାର୍ବତୀ' ନାମରେ ସେ ଜନ୍ମ ହୋଇଥିଲେ ଏବଂ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ଶିବ ବିବାହ ପୂର୍ବକୁ ଶୀତଳ ଷଷ୍ଠୀ ପର୍ବ ଭାବରେ ମଧ ପାଳନ କରାଯାଇଥାଏ।

'ଶୈବ ରସାମୃତ'ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ। ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର। ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ। ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଇନା। ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିରାଜନା ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ। ଦୋଳତ୍ସବ ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥାଏ। ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ। ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଆଧାତ୍ମିକ ଶ୍ରଦ୍ଧାଳୁମାନେ।

ଶୀତଳ ଷଷ୍ଠୀର ଅନ୍ୟ ଏକ ଅନୁଚିନ୍ତନ ହେଉଛି ଜ୍ୟେଷ୍ଠ ମାସର ଶୁକ୍ଳ ପକ୍ଷର ଷଷ୍ଠୀ ତିଥିର ପରବର୍ତ୍ତୀ ସମୟରେ ପୃଥିବୀ ମାତା କ୍ରମଶଃ ଶୀତଳ ପ୍ରାପ୍ତ ହୋଇଥାନ୍ତି ଓ ସୂର୍ଯ୍ୟଦେବଙ୍କର ଗତି ଆକାଶରେ ମେଘମହ୍ଲାର ସୃଷ୍ଟି କରି ବର୍ଷା କରିଥାନ୍ତି। ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ। ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ। ଭଗବାନ ଶିବ ସମଗ୍ର ଜୀବସତ୍ତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବାବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଶିକ୍ତ। ଶିବ-ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି। ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ। ତା'ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସତ୍ତା ସହିତ ବହିର୍ଜାଗତିକ ପ୍ରବୃତ୍ତି ସତ୍ତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ। ଏଇଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବାବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ। ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇଥାଏ। କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଏହି ଉତ୍ସବ ଲାଗି ରହିଥାଏ। ଭଗବାନ ଆଶୁତୋଷଙ୍କୁ ଭକ୍ତି ବିଭିନ୍ନ ନାମରେ ପ୍ରାର୍ଥନା କରିଥାନ୍ତି। ଶୀତଳ ଷଷ୍ଠୀ ହେଉଛି କେବଳ ପୁରାଣ ଚେତନା ନୁହେଁ, ଶାନ୍ତି, ଆନନ୍ଦ ଓ ମଙ୍ଗଳର ଏକ ଆନନ୍ଦମୟ ଅବସର। ଭଗବାନ ଆଶୁତୋଷ ଶିବ ଓ ଦେବୀ ପାର୍ବତୀ ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-MAIL : ABHISEKMOHAPATRA1999@GMAIL.COM

# ଦୁଇ ମାସର ଛୁଟି ପରେ ଖୋଲିଲା ସ୍କୁଲ

## ନୂଆ ଉତ୍ସାହ ଓ ସଂକଳ୍ପ ସହ ଶ୍ରେଣୀଗୃହକୁ ଫେରିଲେ ଛାତ୍ରଛାତ୍ରୀ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଦୁଇ ମାସର ଦୀର୍ଘ ଗ୍ରୀଷ୍ମକାଳୀନ ଛୁଟିର ଅବସାନ ଘଟାଇ ଆଜି ରାଜ୍ୟର ସମସ୍ତ ବିଦ୍ୟାଳୟଗୁଡିକ ପୁଣି ଥରେ ଖୋଲିବାକୁ ଯାଉଛି ଏବଂ ଏହି ଖବର ପ୍ରତିଟି ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମନରେ ଏକ ଅପୂର୍ବ ଶିହରଣ, ଆନନ୍ଦ ଓ ସକାରାତ୍ମକ ଉତ୍ସାହ ସୃଷ୍ଟି କରିଛି। ଦୀର୍ଘ ଷାଠିଏ ଦିନ ଧରି ନିଶ୍ଚଳ ଓ ନୀରବ ହୋଇ ପଡ଼ିରହିଥିବା ସେହି ଶ୍ରେଣୀଗୃହ, ଖେଳପଡ଼ିଆ, ପାଠାଗାର ଓ ସ୍କୁଲ ବାରଣ୍ଡାଗୁଡିକ ଏବେ ପୁଣି ଥରେ ନିଜର ପ୍ରିୟ କୋମଳମତି ଶିଶୁମାନଙ୍କ ଗହଳି ଓ କୋଳାହଳରେ ମୁଖରିତ ହେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛନ୍ତି। ବିଦ୍ୟାଳୟ ହେଉଛି ଜ୍ଞାନର ଆଲୋକବର୍ତ୍ତିକା ଏବଂ ଚରିତ୍ର ଗଠନର ପବିତ୍ର ସ୍ଥଳ, ଯେଉଁଠାରେ ପିଲାମାନଙ୍କ ହସକାନ୍ଦ, ପ୍ରଶ୍ନୋତ୍ତର ଏବଂ ଖେଳକୁଦ ହିଁ ପ୍ରକୃତ ପ୍ରାଣ ସଞ୍ଚାର କରିଥାଏ। ଏହି ଦୀର୍ଘ ଛୁଟିଦିନ ମଧ୍ୟରେ ପିଲାମାନେ ନିଜ ନିଜ ଘରେ ପରିବାର ସହିତ ସମୟ ବିତାଇବା, ମାମୁଁଘର ବୁଲିଯିବା, ନୂଆ ନୂଆ ଗପବହି ପଢ଼ିବା ଏବଂ ନାନାଦି ସୃଜନଶୀଳ କାର୍ଯ୍ୟରେ ନିଜକୁ ବ୍ୟସ୍ତ ରଖିବା ପରେ ଏବେ ପୁଣି ସେହି ପୁରୁଣା ଚିହ୍ନା ପରିବେଶକୁ ଫେରିବା ପାଇଁ ସେମାନଙ୍କ ମନରେ ଏକ ନିଆରା ବ୍ୟାକୁଳତା ପ୍ରକାଶ ପାଇଛି। ଛୁଟିଦିନର ମଧୁର ସ୍ମୃତିକୁ ମନରେ ସାଉଁଟି, ନୂଆ ବହିର ସୁବାସିତ ଅଘ୍ରାଣ ନେବା ସହ ନୂଆ ପୋଷାକ, ନୂଆ ବ୍ୟାଗ୍ ଓ ମନରେ ଆଶାକୁ ବୁକୁରେ ସଞ୍ଚି ପ୍ରତିଟି ଶିଶୁ ଯେତେବେଳେ ସ୍କୁଲ୍ ପରିସରରେ ପାଦ ଥାପିବ, ସେତେବେଳେ ସେହି ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ପ୍ରେରଣାଦାୟୀ ହେବ। ଏହି ପୁନର୍ମିଳନ କେବଳ ସାଙ୍ଗସାଥୀମାନଙ୍କ ମଧ୍ୟରେ ସୀମିତ ନରହି ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଥିବା ସେହି ସ୍ନେହ-ଆଦରର ସମ୍ପର୍କକୁ ଆହୁରି ସୁଦୃଢ କରିବ, କାରଣ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ମଧ୍ୟ ନିଜର ପ୍ରିୟ ଛାତ୍ରଛାତ୍ରୀମାନଙ୍କୁ ଦୀର୍ଘ ଦିନ ପରେ ପାଖରେ ପାଇ ସେମାନଙ୍କର ଶିକ୍ଷାଦାନ ଶୈଳୀକୁ ଅଧିକ ରୋଚକ, ସରସ ଓ ସହଜ କରିବା ପାଇଁ ନୂତନ ଡିଜିଟାଲ କୌଶଳ ଓ ଯୋଜନାମାନ ପ୍ରସ୍ତୁତ କରିଛନ୍ତି। ସାଙ୍ଗସାଥୀମାନଙ୍କ ସହିତ ମଧ୍ୟାହ୍ନ ଭୋଜନ ବାଣ୍ଟି ଖାଇବାର ସେହି ପ୍ରତିଯୋଗିତା, କ୍ଲାସ୍ ଶେଷରେ ଘଣ୍ଟି ବାଜିବାର ସେହି ଚିରପରିଚିତ ଆହ୍ଲାଦଦାୟକ ଶବ୍ଦ ଏବଂ ଖେଳପଡ଼ିଆରେ ଏକାଠି ଦୌଡାଦୌଡି କରିବାର ସେହି ମୁକ୍ତ ସ୍ୱାଧୀନତା ପିଲାମାନଙ୍କ ମାନସିକ ଓ ଶାରୀରିକ ବିକାଶରେ ଏକ ସଞ୍ଜୀବନୀ ସଦୃଶ କାର୍ଯ୍ୟ କରିବ। ଏହି ଅବକାଶ ପରେ ବିଦ୍ୟାଳୟ ଖୋଲିବା ଦ୍ୱାରା ପିଲାମାନଙ୍କ ଜୀବନରେ ପୁଣି ଥରେ ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ଦୈନନ୍ଦିନ କାର୍ଯ୍ୟସୂଚୀର ପୁନରାବୃତି ଘଟିବ, ଯାହା ସେମାନଙ୍କୁ ଭବିଷ୍ୟତରେ ଏକ ଦାୟିତ୍ୱବାନ ଓ ସଚେତନ ନାଗରିକ ଭାବରେ ଗଢିତୋଳିବାରେ ବିଶେଷ ସହାୟକ ହେବ। ଅଭିଭାବକମାନେ ମଧ ନିଜ ପିଲାମାନଙ୍କର ଏହି ନୂତନ ଉତ୍ସାହ ଓ ସକାଳୁ ସକାଳୁ ସ୍କୁଲ ଯିବାର ପ୍ରସ୍ତୁତିକୁ ଦେଖି ବେଶ୍ ଆନନ୍ଦିନ, କାରଣ ସେମାନେ ଜାଣନ୍ତି ଯେ ଘରର ଚାରିକାନ୍ଥ ଭିତରେ କମ୍ପ୍ୟୁଟର ବା ମୋବାଇଲ୍ ସ୍କ୍ରିନ୍ ସାମ୍ନାରେ ରହିଯାଇଥିବା ଶିଶୁଟିର ବାସ୍ତବ ଓ ବୌଦ୍ଧିକ ବିକାଶ ପାଇଁ ସ୍କୁଲର ସାମାଜିକ ଓ ସାମୂହିକ ପରିବେଶ କେତେ ଗୁରୁତ୍ୱପୂର୍ଣ୍ଣ। ନୂତନ ଶିକ୍ଷା ବର୍ଷର ଏହି ପର୍ଯ୍ୟାୟ ପ୍ରାରମ୍ଭରେ ପ୍ରତିଟି ଶିଶୁ ମନରେ କିଛି ନୂଆ ଆବିଷ୍କାର, ନୂଆ ଜ୍ଞାନ ଆହରଣ କରିବାର ଏବଂ ଶ୍ରେଣୀରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାର ଏକ ଦୃଢ ସଂକଳ୍ପ ଜାଗ୍ରତ ହୋଇଥାଏ। ବିଦ୍ୟାଳୟ ହେଉଛି ସେହି ସ୍ଥାନ ଯେଉଁଠାରେ ପିଲାମାନଙ୍କର ସ୍ୱପ୍ନଗୁଡିକୁ ଡେଣା ମିଳିଥାଏ ଏବଂ ଦୀର୍ଘ ଦୁଇ ମାସର ଏହି ବ୍ୟବଧାନ ସେମାନଙ୍କୁ ସେହି ସ୍ୱପ୍ନର ପକ୍ଷୀକୁ ଆକାଶରେ ଉଡାଇବା ପାଇଁ ଏକ ନୂଆ ଶକ୍ତି, ଧୈର୍ଯ୍ୟ ଓ ସାହସ ପ୍ରଦାନ କରିଛି। ଏହି ପୁନଃଆରମ୍ଭର ସମୟରେ ବିଦ୍ୟାଳୟର ପ୍ରାର୍ଥନା ସଭାରେ ଗାନ କରାଯାଉଥିବା ସେହି ମଧୁର ସଙ୍ଗୀତର ସ୍ୱର ଏବଂ ଗୁରୁବନ୍ଦନା ସମଗ୍ର ପରିବେଶକୁ ପବିତ୍ର ଓ ଆଧାତ୍ମିକ କରିଦେବ, ଯାହା ପ୍ରତିଟି ଛାତ୍ରର ହୃଦୟରେ ସକାରାତ୍ମକ ଭାବନାର ସଞ୍ଚାର କରିବ। ପାଠ୍ୟପୁସ୍ତକର ପାରମ୍ପରିକ ଜ୍ଞାନ ସହିତ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ବିଜ୍ଞାନ ପ୍ରଦର୍ଶନୀ ଓ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ପିମଲାମାନଙ୍କ ଭିତରେ ଲୁଚି ରହିଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏକ ବଡ ମାଧମ ସାଜିବ। ସ୍କୁଲ ଆରମ୍ଭ ହେବା ମାତ୍ରେ ହିଁ ସକାଳର ସେହି ସୁନ୍ଦର ଚିତ୍ର ପୁଣି ରାସ୍ତାଘାଟରେ ଫେରିଆସିବ, ଯେଉଁଠି ପିଲାମାନେ ନିଜ ନିଜ ସ୍କୁଲ୍ ବସକୁ ହସଖୁସିରେ ଅପେକ୍ଷା କରି ରହିଥିବେ କିମ୍ବା ବାପାମାଆଙ୍କ ହାତ ଧରି ଆଗ୍ରହର ସହ ବିଦ୍ୟାଳୟ ଆଡକୁ ପାଦ ବଢ଼ାଉଥିବେ। ଏହି ସାମଗ୍ରିକ ବାତାବରଣ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ବରଂ ସମଗ୍ର ସମାଜ ପାଇଁ ଏକ ଜୀବନ୍ତ, ପ୍ରଗତିଶୀଳ ଓ ଚଳଚଞ୍ଚଳ ବାତାବରଣ ସୃଷ୍ଟି କରିଥାଏ। ଛୁଟି ସମୟରେ ପିଲାମାନେ ଯେଉଁସବୁ ନୂଆ ଅନୁଭୂତି ହାସଲ କରିଛନ୍ତି, ତାହା ସେମାନେ ନିଜ ସହପାଠୀମାନଙ୍କ ସହ ସେୟାର କରିବେ ଏବଂ ଏହି ଭାବର ଆଦାନପ୍ରଦାନ ସେମାନଙ୍କ ମଧ୍ୟରେ ଥିବା ସ୍ନେହ ଓ ବନ୍ଧୁତ୍ୱର ସମ୍ପର୍କକୁ ଆହୁରି ନିବିଡ ଓ ମଧୁର କରିବ। ବିଦ୍ୟାଳୟ ଖୋଲିବା ସହିତ ହିଁ ଜ୍ଞାନର ସେହି ମହାନ ଯଜ୍ଞ ପୁଣି ଥରେ ଆରମ୍ଭ ହେବାକୁ ଯାଉଛି, ଯେଉଁଠାରେ ସଫଳତାର ସମସ୍ତ ଆହୁତି ପାଇଁ ଛାତ୍ରଛାତ୍ରୀମାନେ ନିଜକୁ ନୂତନ ଉଦ୍ୟମରେ ପ୍ରସ୍ତୁତ କରିବେ। ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ଅନଲାଇନ୍ ଶିକ୍ଷା ଯେତେ ଆଗକୁ ଗଲେ ମଧ, ସ୍କୁଲ କ୍ୟାମ୍ପସରେ ବସି ଗୁରୁଙ୍କ ମୁଖରୁ ସିଧାସଳଖ ଶିକ୍ଷାଲାଭ କରିବାର ଏବଂ ସହପାଠୀମାନଙ୍କ ସହ ମିଶି ବାସ୍ତବ ଦୁନିଆକୁ ଅନୁଭବ କରିବାର କୌଣସି ବିକଳ୍ପ ନାହିଁ। ଏହି ସକାରାତ୍ମକ ବାତାବରଣ ପ୍ରତିଟି ଶିଶୁକ ନିଜର ସୀମା ବାହାରକୁ ଯାଇ କିଛି ନୂଆ ଶିଖିବାକୁ ଏବଂ ନିଜକୁ ଜଣେ ଭଲ ମଣିଷ ଭାବରେ ଗଢିବାକୁ ପ୍ରେରିତ କରିବ। ସ୍କୁଲଗୁଡିକ ମଧ ସ୍ୱଚ୍ଛତା, ସୁରକ୍ଷା ଓ ସୁନ୍ଦର ପରିବେଶ ଉପରେ ବିଶେଷ ଗରୁତ୍ୱ ଦେଇ ପିଲାମାନଙ୍କ ପାଇଁ ଏକ ସୁସ୍ଥ ଓ ଆକର୍ଷଣୀୟ ବାତାବରଣ ସୁନିଶ୍ଚିତ କରିଛନ୍ତି। ଆଗାମୀ ଦିନଗୁଡିକରେ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପର୍ବପର୍ବାଣୀର ସାମୂହିକ ପାଳନ ପିଲାମାନଙ୍କ ମଧ୍ୟରେ ଏକତା, ସହଭାଗିତା ଓ ଭ୍ରାତୃଭାବର ମନୋଭାବ ସୃଷ୍ଟି କରିବ। ପ୍ରତିଟି ଶ୍ରେଣୀଗୃହ ଏବେ ପୁଣି ଥରେ ପ୍ରଶ୍ନ ଓ ଉତରର ଜୀବନ୍ତ କେଳାହଳରେ ଉଛୁଳି ପଡ଼ିବ, ଯେଉଁଠି ପିଲାମାନଙ୍କର ଜିଜ୍ଞାସା ଏବଂ ଶିକ୍ଷକମାନଙ୍କର ସ୍ନେହପୂର୍ଣ୍ଣ ଧୈର୍ଯ୍ୟର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିବ। ଏହି ନୂତନ ଅଧାୟ ପିଲାମାନଙ୍କୁ କେବଳ ପରୀକ୍ଷା ପାଇଁ ନୁହେଁ, ବରଂ ଜୀବନର ପ୍ରତିଟି ଆହ୍ୱାନର ସଫଳ ସାମ୍ନା କରିବା ପାଇଁ ପ୍ରସ୍ତୁତ କରିବ। ଆଶା, ବିଶ୍ୱାସ ଓ ସଫଳତାର ଏହି ମହାପର୍ବରେ ସମସ୍ତ ଛାତ୍ରଛାତ୍ରୀ ନିଜର ସମସ୍ତ ଆଳସ୍ୟକୁ ପରିତ୍ୟାଗ କରି ଏକ ନୂତନ ଶକ୍ତିର ସହ ଆଗକୁ ବଢ଼ିବେ ଏବଂ ନିଜର ପରିବାର, ବିଦ୍ୟାଳୟ ତଥା ସମଗ୍ର ଦେଶର ନାମ ରୋଶନ କରିବେ। ଦୀର୍ଘ ଦୁଇ ମାସର ବିରତି ପରେ ସ୍କୁଲ ଖୋଲିବାର ଏହି ଶୁଭ ମୁହୂର୍ତ୍ତରେ ସମସ୍ତ ଛାତ୍ରଛତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଅଭିଭାବକମାନଙ୍କୁ ସ୍ୱାଗତ ଜଣାଇବା ସହ ଏହି ନୂତନ ଶୈକ୍ଷିକ ଯାତ୍ରା ସମସ୍ତଙ୍କ ପାଇଁ ମଙ୍ଗଳମୟ ଓ ଅପୂର୍ବ ସଫଳତାପୂର୍ଣ୍ଣ ହେଉ ବୋଲି କାମନା କରାଯାଉଛି, କାରଣ ଯେତେବେଳେ ଏକ ବିଦ୍ୟାଳୟ ହସିଉଠେ, ସେତେବେଳେ ସମଗ୍ର ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହୋଇଉଠେ। ପିଲାମାନଙ୍କର ଏହି ପ୍ରତ୍ୟାବର୍ତ୍ତନ କେବଳ ଏକ ସାଧାରଣ ଦୈନିକ ଘଟଣା ନୁହେଁ, ବରଂ ଏହା ହେଉଛି ଜ୍ଞାନର ପ୍ରଦୀପ ଶିଖାକୁ ଆହୁରି ପ୍ରଜ୍ୱଳିତ କରିବାର ଏକ ମହାନ ସୁଯୋଗ, ଯେଉଁଠାରେ ପ୍ରତିଟି ଶିଶୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଏକ ନୂଆ ଆକାଶ ପାଇବ ଏବଂ ସେମାନଙ୍କର ପ୍ରତିଟି ଛୋଟ ପାଦ ଆମକୁ ଏକ ସମୃଦ୍ଧ, ଶିକ୍ଷିତ ଓ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଦ୍ରୁତ ଗତିରେ ଆଗେଇ ନେବ। ଏହି ସୁନ୍ଦର ଆରମ୍ଭକୁ ଆମେ ସମସ୍ତେ ମିଶି ଉତ୍ସବ ଭାବରେ ପାଳନ କରିବା ଏବଂ ପିଲାମାନଙ୍କର ଏହି ନୂତନ ସଫଳତାର ଯାତ୍ରାକୁ ଅଧିକ ପ୍ରେରଣାଦାୟୀ ଓ ସ୍ମରଣୀୟ କରିବାପାଇଁ ସକାରାତ୍ମକ ସହଯୋଗର ହାତ ବଢ଼ାଇବା। ନୂଆ ଆଶା, ନୂଆ ପାଠ ଓ ନୂଆ ସଂକଳ୍ପ ସହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତ୍ୟାବର୍ତନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକମାନଙ୍କୁ ବିଦ୍ୟାଳୟ ପ୍ରତ୍ୟାବର୍ତନର (ଡରକ୍ଷକ୍ଟମଙ୍କର ଈବମଳ ଗ୍ୱକ୍ଟ ଝମଷକ୍ଟକ୍ଟଷ)ଅନେକ ଅନେକ ଶୁଭେଚ୍ଛା ନୂଆ ବହିର ମହକ, ନୂଆ ସଂକଳ୍ପ ଏବଂ ସାଙ୍ଗସାଥୀମାନଙ୍କ ସହ ପୁନର୍ମିଳନର ଏହି ଯାତ୍ରା ସମସ୍ତଙ୍କ ପାଇଁ ମଙ୍ଗଳମୟ ଓ ସଫଳତାପୂର୍ଣ୍ଣ ହେଉ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

## ଜି-୭ ବୈଠକରେ ବିଶ୍ୱନେତାଙ୍କ ହର୍ମୁଜ୍ ମୁକ୍ତ ବିମର୍ଶ

# ଭୟମୁକ୍ତ ପରିବହନ ଉପରେ ଗୁରୁତ୍ୱଦେଲେ ମୋଦି



ଏଭିଏନ୍-ଲେସ-ବେନ୍ସ, ୧୭।୬: ଜି-୭ ସମ୍ମିଳନୀରେ ଯୋଗ ଦେବାକୁ ଫ୍ରାନ୍ସରେ ପହଁଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେଠାରେ ସେ ସମ୍ମିଳନୀରେ ନିଜର ଉଦବୋଧନ ମଧ୍ୟ ଦେଇଛନ୍ତି। ଉଦବୋଧନ ପୂର୍ବରୁ ବିଶ୍ୱର ଅନେକ ଟପ୍ ନେତାଙ୍କୁ ପ୍ରଧାନମନ୍ତ୍ରୀ ସାକ୍ଷାତ କରିଥିଲେ। ଏହାପରେ ନିଜ ଉଦବୋଧନରେ ସେ ପରୋକ୍ଷରେ ଅନେକ ଶକ୍ତିଶାଳୀ ଦେଶର ଏକଚାଟିଆ ନୀତିକୁ ସମାଲୋଚନା କରିଛନ୍ତି।

ମୋଦୀ ନିଜ ଉଦବୋଧନରେ ଭାରତୀୟ ନାବିକଙ୍କ ଦୁର୍ଦ୍ଦଶା ବାବଦରେ କହିଛନ୍ତି। ଏହାସହ କହିଛନ୍ତି ଯେ, ସମସ୍ତ ସାମୁଦ୍ରିକ ପଥ ସୁରକ୍ଷିତ ରହିବା ଦରକାର। ଏଦିଗରେ ସମସ୍ତେ ଧ୍ୟାନ ଦିଅନ୍ତୁ। ପରିବହନ ବିନା ଭୟରେ ସମ୍ପାଦିତ ହେବା ଉଚିତ। ମଧ୍ୟପ୍ରାଚ୍ୟର ଉତ୍ତେଜନା କେବଳ ଅର୍ଥନୈତିକ ସଙ୍କଟ ଆଣିନି। ବରଂ ସାଧାରଣ ଲୋକଙ୍କ ଜୀବନ ନେଇଛି। ସମୁଦ୍ରରେ କାର୍ଯ୍ୟ କରୁଥିବା ଅନେକ ଭାରତୀୟ ପ୍ରାଣ ହରାଇଛନ୍ତି। ଏହାସହ ସେ କହିଛନ୍ତି ଯେ, ଭାରତ ଶାନ୍ତି ଚୁକ୍ତିକୁ ସ୍ୱାଗତ କରୁଛି। ଭାରତର ବନ୍ଧୁ ରାଷ୍ଟ୍ରରେ ଅନେକ ଧନଜୀବନ ଯାଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୋଜରେ ଘଟିଥିବା ଉତ୍ତେଜନା ସାରା ବିଶ୍ୱରେ ପ୍ରଭାବ ପକାଇଛି। ସମୁଦ୍ରରେ କିପରି ସୁରକ୍ଷିତ ଭାବେ ଜାହାଜ ପରିବହନ ହୋଇପାରିବ ତାହା ସମସ୍ତଙ୍କ ଦାୟିତ୍ୱ।

ମୋଦୀଙ୍କ ବୟାନ ସେହି ସମୟରେ ସାମ୍ନାକୁ ଆସିଛି ଯେତେବେଳେ କିଛି ଦିନ ତଳେ ତିନି ଭାରତୀୟ ନାବିକ ଗଲଫ୍ ଅଫ୍ ଓମାନରେ ପ୍ରାଣ ହରାଇଥିଲେ। ଇରାନ ଏବଂ ଆମେରିକା ଯୁଦ୍ଧରେ ବର୍ଷା ହେଉଥିବା ମିସାଇଲ ଏବଂ ବୋମା ପାଇଁ ସେମାନଙ୍କ ଜୀବନ ଯାଇଥିଲା। ସେମାନେ ଏକ ଜାହାଜରେ ଗଲଫ୍ ଅଫ୍ ଓମାନ ଅତିକ୍ରମ କରୁଥିଲେ। ଜାହାଜରେ ୨୪ ଜଣ ଭାରତୀୟ ସଦସ୍ୟ ଥିଲେ। କିନ୍ତୁ ସେମାନଙ୍କ ଉପରେ ଆକ୍ରମଣ ହୋଇଥିଲା।

## ତୁମକୁ ପୁଣି ଦେଖି ଭଲଲାଗିଲା

### ମୋଦି-ମେଲୋନି ଭିଡିଓ ଭାଇରାଲ୍



ଜି-୭ ଶିଖର ସମ୍ମିଳନୀରେ ମୋଦି ଓ ମେଲୋନିଙ୍କୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଜି-୭ ସମ୍ମିଳନୀ ଅବସରରେ ଉଭୟ ନେତାଙ୍କ ମଧ୍ୟରେ ପୁଣିଥରେ ସାକ୍ଷାତ ହୋଇଥିବା ଭିଡ଼ିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ଭିଡ଼ିଓରେ ମେଲୋନି ଓ ପ୍ରଧାନମନ୍ତ୍ରୀ ମୋଦି ପରସ୍ପରକୁ ସହ ଅଭିବାଦନ କରୁଥିବାର ଦେଖାଯାଉଛି। ସେମାନଙ୍କ ଆଲୋଚନା ସଂକ୍ଷିପ୍ତ, ମାତ୍ର ପ୍ରଭାବଶାଳୀ। ମେଲୋନି ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହୁଛନ୍ତି ଯେ, ତୁମକୁ ପୁଣି ଦେଖି ଭଲଲାଗିଲା। ପରେପରେ ସେ ସାମ୍ବାଦିକମାନଙ୍କୁ କହୁଛନ୍ତି, ଆମେ ଦୁହେଁ ଇନଷ୍ଟାଗ୍ରାମରେ ସବୁଠାରୁ ପ୍ରସିଦ୍ଧ କପଲ୍। ଯଦିଓ ମେଲୋନି ଏହାକୁ ହାସ୍ୟପୂର୍ଣ୍ଣ ସ୍ଥିତି ସୃଷ୍ଟିକରିବାକୁ କହିଥିଲେ, ମାତ୍ର ଏହା ଏବେ ସୋସିଆଲ ମିଡିଆ ସେନସେସନ ପାଲଟିଛି।

## ମୁଁ ସମସ୍ତଙ୍କ ବସ୍

### ଜି-୭ ବୈଠକରେ ଘୋଷଣା କଲେ ଟ୍ରମ୍ପ!

ବୁଧବାର ଜି-୭ ନେତାମାନଙ୍କ ବୈଠକର ଶେଷ ଦିନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ଏକ ବିବୃତ୍ତି ଭାଇରାଲ ହେଉଛି। କ୍ଲିପରେ ସମସ୍ତେ ବସିଥିବାବେଳେ ରାଷ୍ଟ୍ରପତିଙ୍କୁ କହୁଥିବାର ଶୁଣାଯାଉଛି, 'ମୁଁ ହେଉଛି ବସ୍'। ଭିଡିଓଟି ପ୍ୟାରିସର ଏକ ରିସର୍ଟରେ ଟ୍ରମ୍ପଙ୍କ ବୈଠକରେ କଏଦ କରାଯାଇଛି। ଟ୍ରମ୍ପ୍ ଏହା କହିବା ପରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମରଙ୍କ ପିଠି ଥାପୁଡ଼ାଉଥିବା ଦେଖାଯାଉଛି। ଜି-୭ ରାଷ୍ଟ୍ରଗୁଡ଼ିକୁ ବର୍ତ୍ତମାନ ଆମେରିକାର ଆବଶ୍ୟକତା ରହିଛି। ୟୁରୋପୀୟ ଦେଶଗୁଡ଼ିକ ରୁଷ ସମ୍ବନ୍ଧୀୟ ସମସ୍ୟା ସହିତ ସଂଘର୍ଷ କରୁଥିବା ବେଳେ, ଜାପାନ ଭଳି ରାଷ୍ଟ୍ରଗୁଡ଼ିକ ଚୀନର ଚାପର ସମ୍ମୁଖୀନ ହେଉଛନ୍ତି। ଜି-୭ ବୈଠକ ସମୟରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ରୁଷ୍ ବିରୁଦ୍ଧରେ ନୂତନ କଟକଣା ପାଇଁ ଆହ୍ୱାନ କରିଛନ୍ତି।



'କକ୍ରୋଚ୍' ପରେ 'ପରଜୀବୀ'

## ସାଇବର ଅପରାଧୀଙ୍କୁ ନେଇ ସିଜେଆଇଙ୍କ ଚିନ୍ତା



ନୂଆଦିଲ୍ଲୀ,୧୭।୬: ସାଇବର ଅପରାଧୀମାନଙ୍କୁ ପରଜୀବୀ କହିଛନ୍ତି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ। ତାଙ୍କର କକ୍‌ରୋଚ୍ ଟିପ୍ପଣୀକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ତାଙ୍କର ପରଜୀବୀ ମନ୍ତବ୍ୟ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି। ସୁପ୍ରିମକୋର୍ଟରେ ସାଇବର ଫ୍ରଡ୍ ମାମଲାର ଶୁଣାଣି ଚାଲିଥିବା ବେଳେ ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ, ସାଇବର ଅପରାଧୀମାନେ ହେଉଛନ୍ତି 'ପରଜୀବୀ', ଯେଉଁମାନେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରି ଲୁଟି ନିଅନ୍ତି। ସେମାନଙ୍କୁ ଧରିବା ମଧ୍ୟ ସହଜ ହୋଇ ନଥାଏ। ଏଭଳି ଅପରାଧୀମାନଙ୍କୁ ଜେଲରେ ରଖିବା ଦ୍ୱାରା ହିଁ ସମାଜର ହିତ ସାଧନ ହେବ। ତେଣୁ ଏଭଳି ପରଜୀବୀମାନେ ଜେଲ ରହିବା ଭଲ ବୋଲି ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି। ସିଜେଆଇ ସାଇବର ଅପରାଧର ବ୍ୟାପକତାକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଥିଲେ। ସେ ଆହୁରି କହିଥିଲେ, ଠକମାନେ କୌଣସି ଗୋଟିଏ ରାଜ୍ୟରେ ସୀମିତ ନାହାଁନ୍ତି। ତାମିଲନାଡୁରେ ଜାହାଜ ଠକୁଛ, ସେଠାରୁ ଜମ୍ମୁ ଚାଲିଯାଉଛ। ତୁମ ଭଳି ଲୋକ ଜେଲ ଭିତରେ ରୁହନ୍ତୁ, ଏହା ହିଁ ସମାଜର ମଙ୍ଗଳ।

ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ମଧ୍ୟ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଏକ ଟିପ୍ପଣୀକୁ ନେଇ ପ୍ରବଳ ବିବାଦ ଦେଖାଦେଇଥିଲା। ଗତ ମାସରେ ଏକ ଆବେଦନର ଶୁଣାଣି ବେଳେ ସିଜେଆଇ ସୂର୍ଯ୍ୟକାନ୍ତ କଥିତ ଭାବେ ବେକାର ଯୁବକମାନଙ୍କୁ 'କାକରୋଚ୍' ସହ ତୁଳନା କରିଥିଲେ। ସେ କହିଥିଲେ ଯେ ବେକାର ଯୁବକମାନେ ପରବର୍ତ୍ତୀ ସମୟରେ ମିଡିଆ, ସୋସିଆଲ ମିଡିଆ ଏବଂ ଆରଟିଆଇ କର୍ମୀ ସାଜି ସିଷ୍ଟମ୍ ବା ବ୍ୟବସ୍ଥା ଉପରେ ଆକ୍ରମଣ କରିବା ଆରମ୍ଭ କରନ୍ତି। ଏବେ ସାଇବର ଅପରାଧ ସହିତ ଜଡ଼ିତ ଯୁବକଙ୍କୁ ପରଜୀବୀ କହିବା କେଉଁ ପ୍ରତିକ୍ରିୟା ସୃଷ୍ଟି କରୁଛି ତାହା ଦେଖିବାକୁ ବାକି ରହିଲା।

## ପରିବେଶ ନଷ୍ଟ ପାଇଁ ପୁରୁଷସତ୍ତା ଦାୟୀ

● ନିଜ ବୟାନକୁ ଦୋହରାଇଲେ ଦିୟା



ନୂଆଦିଲ୍ଲୀ,୧୭।୬: ସୋହା ଅଲି ଖାନ୍‌ଙ୍କ ପଡ୍‌କାଷ୍ଟରେ ଦିୟା ମିର୍ଜା କ୍ଲାଇମେଟ୍ ଚେଞ୍ଜ ଏବଂ ପରିବେଶ ନଷ୍ଟ ପାଇଁ ପୁରୁଷମାନଙ୍କୁ ଦାୟୀ କରିଥିଲେ। ସେ କହିଥିଲେ ଯେ, ପିତୃସତ୍ତା ହିଁ କ୍ଲାଇମେଟ୍ ଚେଞ୍ଜର ସବୁଠାରୁ ବଡ଼ କାରଣ। ଏହି ବୟାନକୁ ନେଇ ଦିୟା ଏବେ ବିବାଦ ଘେରକୁ ଆସିଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରାଯାଉଥିବବା ବେଳେ ସେ ତାହା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମୁଁ ମୋର ଏହି ବୟାନରେ ଏବେ ବି ସ୍ଥିର ଅଛି। ପିତୃସତ୍ତା କାରଣରୁ ହିଁ ଜଳବାୟୁ ସଙ୍କଟ ସୃଷ୍ଟି ହୋଇଛି। ଶତାବ୍ଦୀ ଶତାବ୍ଦୀ ଧରି ପାଟ୍ରିଆର୍ଚି ବ୍ୟବସ୍ଥାଗୁଡ଼ିକ କ୍ଷମତାକୁ ନିଜ ହାତରେ ରଖିଛନ୍ତି। ଯତ୍ନ ନେବା ବଦଳରେ ପ୍ରାକୃତିକ ସମ୍ପଦର ଶୋଷଣକୁ ପ୍ରାଥମିକତା ଦେଇଛନ୍ତି। ପ୍ରକୃତି ଓ ଦୁର୍ବଳ ସମୁଦାୟକୁ ସୁରକ୍ଷା ଦେବା ପରିବର୍ତ୍ତେ କେବଳ ଉପଭୋଗର ଏକ ମାଧ୍ୟମ ଭାବରେ ଦେଖିଛନ୍ତି। ଦିୟା ଆହୁରି ଲେଖିଛନ୍ତି ଯେ, ପିତୃକେନ୍ଦ୍ରିକ ଢାଞ୍ଚା ସମାଜରେ ଯେଉଁଭଳି ଭାବେ ମହିଳା ଓ ଝିଅମାନଙ୍କ ସହ ବ୍ୟବହାର କରାଯାଏ, ଠିକ୍ ସେହିପରି ଜଙ୍ଗଲ, ନଦୀ, ମହାସାଗର ଏବଂ ଇକୋସିଷ୍ଟମ୍ ସହିତ ମଧ୍ୟ କରାଯାଇଛି। ସେଗୁଡ଼ିକୁ ମଧ୍ୟ କେବଳ ଗୋଟିଏ ସାମଗ୍ରୀ ବା ବସ୍ତୁ ଭାବରେ ଦେଖାଯାଇଛି।

## ଠିଆ ହୋଇଥିବା ଟ୍ରକକୁ ପିଟିଲା ବସ୍, ୬ ମୃତ, ୩୦ ଗୁରୁତର



ଭଦୋଦରା,୧୭।୬: ଭଦୋଦରାସ୍ଥିତ କୋଟାମ୍ବି ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍ ନିକଟରେ ବୁଧବାର ଭୋର ପ୍ରାୟ ୪ଟା ସମୟରେ ରାସ୍ତାକଡରେ ଠିଆ ହୋଇଥିବା ଟ୍ରକକୁ ଗୋଟିଏ ବସ୍ ଧକ୍କା ଦେବା ଫଳରେ ୯ ବର୍ଷର ଶିଶୁ ପ୍ରୀତ ଭାଟିଆଙ୍କ ସମେତ ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୩୦ ଜଣ ଗୁରୁତର ଆହତ ହୋଇଛନ୍ତି। ରାଜସ୍ଥାନର ବାଂଶୱାଡାରୁ ଗୁଜରାଟର ସୁରଟ ଅଭିମୁଖେ ଯାଉଥିବା 'ବାଲାଜୀ ଟ୍ରାଭେଲ୍ସ'ର ଏକ ଦ୍ରୁତଗାମୀ ବସ୍ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛପଟୁ ଜୋରଦାର ଧକ୍କା ଦେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମୃତକଙ୍କ ମଧ୍ୟରୁ ୪ ଜଣଙ୍କୁ ବିନୋଦ ଡାମୋର (୩୦), ମୁକେଶ ଡିଣ୍ଡୋର (୩୪), ପ୍ରୀତ ଭାଟିଆ (୯) ଓ ମହେନ୍ଦ୍ର ପାଣ୍ଡ୍ୟା (୬୮) ଭାବେ ଚିହ୍ନଟ କରାଯାଇଛି। ଆହତମାନଙ୍କ ମଧ୍ୟରେ ୧୦ ଓ ୧୨ ବର୍ଷର ଦୁଇଟି ଶିଶୁ ମଧ୍ୟ ଅଛନ୍ତି। ବାଘୋଡିଆ ପୋଲିସ ଷ୍ଟେସନରେ ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ, ଭଦୋଦରା ମେୟର ଗୀତା ମାକୱାନା ଓ ଡେପୁଟି ମେୟର ଆଦିତ୍ୟ ପଟେଲ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ମାସକ ଭିତରେ ଦ୍ୱିତୀୟ ନିଟ୍ ଛାତ୍ରଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୧୭।୬: ରାଜସ୍ଥାନର ସିକରରେ ଜଣେ ନିଟ୍ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ସୋମବାର ୨୨ ବର୍ଷୀୟ ଉମେଶ ମାଲିଙ୍କ ମୃତଦେହ ସିକରର ଉଦ୍ୟୋଗ ନଗର ଅଞ୍ଚଳରେ ତାଙ୍କ ଫ୍ଲାଟରେ ମିଳିଥିଲା। ଉମେଶ ଜୁନ୍ ୨୧ରେ ହେବାକୁ ଥିବା ନିଟ୍ ୟୁଜି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ଜଣାପଡିଛି। ସିକର ପୋଲିସର ସୂଚନା ଅନୁଯାୟୀ, ଉମେଶ ମେ ୩ରେ ନିଟ୍ ୟୁଜି ପରୀକ୍ଷା ଦେଇଥିଲେ। ତାହା ତାଙ୍କର ତୃତୀୟ ପ୍ରୟାସ ଥିଲା। ଉଲ୍ଲେଖଯୋଗ୍ୟ ଯେ ଗୋଟିଏ ମାସ ମଧ୍ୟରେ ସିକରରେ ନିଟ୍ ଛାତ୍ରଙ୍କ ଆତ୍ମହତ୍ୟାର ଏହା ଦ୍ୱିତୀୟ ଘଟଣା। ଏହା ପୂର୍ବରୁ, ମେ ୧୫ରେ ପ୍ରଦୀପ ମହିଚ ଆତ୍ମହତ୍ୟା କରିଥିଲେ। ଉଦ୍ୟୋଗ ନଗର ଏସଏଚ୍‌ଓ ରାଜେଶ କୁମାର କହିଛନ୍ତି ଯେ ସୋମବାର ଉମେଶ ନିଜ ମାଆଙ୍କୁ ଝୁନଝୁନୁର ତାଙ୍କ ଗାଁରେ ଛାଡି ଆସିଥିଲେ। ଭଉଣୀ ଏବଂ ଭାଇ କୋଚିଂ କ୍ଲାସକୁ ଯାଇଥିଲେ। ଉମେଶ ଆତ୍ମହତ୍ୟା କରିବା ସମୟରେ ଘରେ ଏକା ଥିଲେ। ପୋଲିସ ଘଟଣାସ୍ଥଳରୁ ଏକ ଚିଠି ମଧ୍ୟ ଜବତ କରିଛି। ସେଥିରେ ଲେଖାଅଛି, ମୁଁ ଏହି ଦୁନିଆ ଛାଡି ଯାଉଛି, କ୍ଷମା କରିବେ।

● ଟେଲିଗ୍ରାମ ସିଇଓଙ୍କ ସମାଲୋଚନା

## ଅନ୍ୟ ଆପ୍‌ରେ ବି ହୋଇପାରେ ପେପର ଲିକ୍

ନୂଆଦିଲ୍ଲୀ,୧୭।୬: ନିଟ-ୟୁଜି ପୁନଃ ପରୀକ୍ଷା ପାଇଁ ଭାରତ ସରକାର ଟେଲିଗ୍ରାମ ଆପ୍ ବ୍ୟାନ୍ କରିବାକୁ ନେଇ ଟେଲିଗ୍ରାମ୍ ସିଇଓ ପାଭେଲ ଦୁରୋଭ ଭାରତ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଭଳି ନିଷ୍ପତ୍ତି ନେଇ ଅକାରଣରେ ସାଧାରଣ ୟୁଜରଙ୍କୁ ଦଣ୍ଡିତ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଭାରତର ୧୫ କୋଟିରୁ ଅଧିକ ସାଧାରଣ ବ୍ୟବହାରକାରୀ ଅଛନ୍ତି। ସେମାନେ ଏହାଦ୍ୱାରା ପ୍ରଭାବିତ ହେବେ। କୌଣସି ବ୍ୟାନ୍ ପ୍ରଶ୍ନପତ୍ର ଲିକକୁ ରୋକିପାରିବ ନାହିଁ, ଏହା ଅନ୍ୟ ଆପ ମାଧ୍ୟମରେ ମଧ୍ୟ ହୋଇପାରିବ ବୋଲି ଦୁରୋଭ କହିଛନ୍ତି। ମେସେଜିଂ ଆପ୍ ଟେଲିଗ୍ରାମ୍ ଉପରେ ଲଗାଯାଇଥିବା ଅସ୍ଥାୟୀ କଟକଣାକୁ 'ଇଣ୍ଟରନେଟ୍ ଫ୍ରିଡମ୍ ଫାଉଣ୍ଡେସନ୍' କଡ଼ା ଭାଷାରେ ସମାଲୋଚନା କରିଛି। ଏନଟିଏ ପକ୍ଷରୁ ଟେଲିଗ୍ରାମ୍ ପ୍ଲାଟଫର୍ମ ବିରୋଧରେ ନିଆଯାଇଥିବା ପଦକ୍ଷେପକୁ ନେଇ ଫାଉଣ୍ଡେସନ୍ ଏହାର ଆପତ୍ତି କରିଛି।

## ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ବନ୍ଦ

ଢାକା,୧୭।୬: ବାଂଲାଦେଶର ଗାଏବାନ୍ଧା ଜିଲ୍ଲାରେ ମୌଳବାଦୀଙ୍କ ବିରୋଧ ଯୋଗୁଁ ବାଂଲାଦେଶରେ ଭଗବାନ ରାମଙ୍କ ସର୍ବବୃହତ ପ୍ରତିମୂର୍ତ୍ତି ନିର୍ମାଣ ବନ୍ଦ କରାଯାଇଛି। ଏହାକୁ ନେଇ ହିନ୍ଦୁମାନେ ପ୍ରତିବାଦ କରିଛନ୍ତି। ଢାକା ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଏହି ଘଟଣାର ପ୍ରତିବାଦ କରି ଏକ ମଶାଲ ରାଲି କରି ଗାଏବାନ୍ଧାରେ ଭଗବାନ ରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପୁନଃ ଆରମ୍ଭ କରିବାକୁ ଦାବି କରିଛନ୍ତି। ଗାଏବାନ୍ଧାର ପଳାଶବାରୀ ଉପଜିଲ୍ଲାରେ ଦେଶର ସର୍ବବୃହତ ଭଗବାନ ରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଅଶୀ ପ୍ରତିଶତ କାମ ସମାପ୍ତ ହୋଇଛି, କିନ୍ତୁ ପ୍ରକଳ୍ପଟି ଏବେ ଉଗ୍ରବାଦୀଙ୍କ ଟାର୍ଗେଟରେ ପରିଣତ ହୋଇଛି। ଗାଏବାନ୍ଧା ପଳାଶବାରୀ କୋମୋରପୁର ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ମନ୍ଦିର ସମିତିର ପ୍ରତିଷ୍ଠାତା ଏବଂ ସଭାପତି ହରିଚନ୍ଦ୍ର ଦାସଙ୍କ ଉଦ୍ଧୃତି ଅନୁଯାୟୀ, ଆମେ ସନାତନ ଧର୍ମର ଶକ୍ତିର ମୁଖ୍ୟ ଉତ୍ସ ମଧ୍ୟରୁ ଜଣେ ପ୍ରଭୁ ରାମଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରୁଛୁ। ୮୧ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିର ୮୦ ପ୍ରତିଶତ କାମ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ କିଛି ମୌଳବାଦୀ ଗୋଷ୍ଠୀ ଏବେ ଆମକୁ ନିର୍ମାଣ ବନ୍ଦ କରିବାକୁ ବାଧ୍ୟ କରୁଛନ୍ତି। ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ, ଆଇନ ପ୍ରବର୍ତ୍ତନ ଅଧିକାରୀ ଓ ନାଗରିକ ସମାଜକୁ କାମ ସମାପ୍ତ କରିବା ନିଶ୍ଚିତ ପାଇଁ ନିବେଦନ କରିଛନ୍ତି।

### ହିନ୍ଦୁ ସମ୍ପ୍ରଦାୟର ପ୍ରତିବାଦ



ତୃଣମୂଳ ପରେ ଟାର୍ଗେଟ୍ ଶିବସେନା

## ଦଳ ବିଭାଜନ ଲାଗି ୧୫ କୋଟି ଅଫର୍



ମୁମ୍ବାଇ,୧୭।୦୬: ପୁଣିଥରେ ଚର୍ଚ୍ଚାରେ ମହାରାଷ୍ଟ୍ର ପଲିଟିକ୍ସ। ଏଠାରେ ଉଦ୍ଧବ ଠାକରେଙ୍କ ଶିବସେନାକୁ ବଡ ଝଟକା ଲାଗିବାକୁ ଯାଉଛି। ଉଦ୍ଧବଙ୍କ ଦଳର ଏମପି ଏବଂ ଏମଏଲଏମାନେ ଫୋନ୍ ରିସିଭ୍ କରୁନାହାଁନ୍ତି। ଦଳର ୬ ଜଣ ସାଂସଦ ବିଦ୍ରୋହ କରିବା ପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି। ଯାହାକୁ ନେଇ ୟୁବିଟି ବା ଉଦ୍ଧବ ଶିବସେନାର ସାଂସଦ ସଞ୍ଜୟ ରାଓ୍ୱତ୍ ଦାବି କରିଛନ୍ତି।

ସଞ୍ଜୟ କହିଛନ୍ତି ଯେ, ସାଂସଦମାନଙ୍କୁ କିଣିବା ପାଇଁ ପ୍ରୟାସ କରାଯାଉଛି। ସବୁ ଟଙ୍କାର ଖେଳ ଅଟେ। ମହାରାଷ୍ଟ୍ରର ସାଂସଦମାନଙ୍କୁ ୧୫ କୋଟି ଟଙ୍କାର ଅଫର ମିଳିଛି। ଏହାସହ ସେ ଦେବେନ୍ଦ୍ର ଫଡନବିସଙ୍କୁ ମଧ୍ୟ ଟାର୍ଗେଟ୍ କରିଛନ୍ତି।

ମହାରାଷ୍ଟ୍ରରେ ଚାଲିଥିବା ରାଜନୀତି ମଧ୍ୟରେ ଏକନାଥ ସିନ୍ଦେ ଦିଲ୍ଲୀ ଗସ୍ତ କରିଛନ୍ତି। କୁହାଯାଉଛି ଯେ, ୟୁବିଟିର ୬ ଜଣ ସାଂସଦ ଏକ ଭିନ୍ନ ଗୋଷ୍ଠୀ କରିପାରନ୍ତି। ସେମାନେ ବିଜେପିରେ ସାମିଲ ହେବାର ସମ୍ଭାବନା ମଧ୍ୟ ରହିଛି। ଅନେକ ବିଦ୍ରୋହୀ ସାଂସଦ ମଧ୍ୟ ଚାର୍ଟାର୍ଡ ଫ୍ଲାଇଟରେ ଦିଲ୍ଲୀ ଗସ୍ତ କରିଛନ୍ତି।

ସୂତ୍ରାନୁସାରେ, ଉଦ୍ଧବଙ୍କ ଗୋଷ୍ଠୀର ଅନେକ ସାଂସଦ ଦିଲ୍ଲୀରେ ଶ୍ରୀକାନ୍ତ ସିନ୍ଦେଙ୍କ ବାସଭବନରେ ବୈଠକ କରିବେ। ଏଥିରେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଉପସ୍ଥିତ ରହିବେ। ସକାଳ ୯ଟାରେ ବୈଠକ ହେବା ନେଇ ନିଷ୍ପତ୍ତି ହୋଇଛି। ଏହାପରେ ସମସ୍ତେ ବାଚସ୍ପିତ ଓମ୍ ବିର୍ଲାଙ୍କୁ ସାକ୍ଷାତ କରିବେ।

ହତ୍ୟା ଓ ଗଣଦୁଷ୍କର୍ମ ମାମଲା

## ୨ ବିଏସ୍‌ଏଫ୍ ଯବାନଙ୍କୁ ୪୨ ବର୍ଷ ଜେଲ୍

ଆଇଜଲ, ୧୭।୬: ମିଜୋରାମର ଏକ ଜିଲ୍ଲାକୋର୍ଟ ୯ ବର୍ଷ ତଳର ଏକ ଗଣଦୁଷ୍କର୍ମ ମାମଲାରେ ଐତିହାସିକ ରାୟ ପ୍ରଦାନ କରିଛନ୍ତି। କୋର୍ଟ ୨୦୧୭ ମସିହାରେ ଜଣେ ସ୍ଥାନୀୟ ମହିଳାଙ୍କ ସହିତ ଗଣଦୁଷ୍କର୍ମ ମାମଲାରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଦୁଇ ଜଣ ଯବାନଙ୍କୁ କଠୋର ଜେଲ ଦଣ୍ଡାଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୯ ବର୍ଷ ତଳେ ୨୦୧୭ ମସିହା ଜୁଲାଇରେ ଜଣେ ପୀଡ଼ିତା ନିଜ ବନ୍ଧୁ ସହିତ ବାଂଲାଦେଶ ସୀମା ସ୍ଥିତ ମମିତା ଜିଲ୍ଲାରେ ଗାସ୍କାଟା ନଦୀର ଘଞ୍ଚ ଜଙ୍ଗଲକୁ ଜଙ୍ଗଲି ପନିପରିବା ଆଣିବାକୁ ଯାଇଥିଲେ। ସେହି ସମୟରେ ସ୍ଥାନୀୟ ସୀମା ଶିବିରରେ ମୁତୟନ ଯବାନ ନୀଳାଞ୍ଜନ ଦାସ ଓ ଦିନେଶ କୁମାର ଦୁଇ ମହିଳାଙ୍କୁ ଘେରି ଯାଇଥିଲେ। ଯବାନମାନେ ଜଣେ ମହିଳାଙ୍କ ସହିତ ଦୁଷ୍କର୍ମ କରିଥିଲେ। ଏହାପରେ ସେମାନେ ନିଜ ପରିଚୟ ଲୁଚେଇବାକୁ ପୀଡ଼ିତାଙ୍କ ଦୃଷ୍ଟିଶକ୍ତି ନଷ୍ଟ କରିବାକୁ ତାଙ୍କ ମୁହଁ ଉପରେ ଏସିଡ ପକାଇ ଦେଇଥିଲେ।



ଏହି ଭୟଙ୍କର ଘଟଣା ପରେ ପୀଡ଼ିତା ବଞ୍ଚି ଯାଇଥିଲେ ମଧ୍ୟ ତାଙ୍କ ଚେହେରାସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଓ ସେ ସବୁ ଦିନ ପାଇଁ ଦୃଷ୍ଟିଶକ୍ତି ହରାଇଥିଲେ। ଏହି ଗଣଦୁଷ୍କର୍ମ ସମୟରେ ତାଙ୍କ ବନ୍ଧୁ ରହସ୍ୟମୟ ଭାବେ ନିଖୋଜ ହୋଇଯାଇଥିଲେ। ୧୧ ଦିନ ପରେ ଗ୍ରାମ୍ୟ ପ୍ରତିରକ୍ଷା ପାର୍ଟି ଓ ରାଜ୍ୟ ପୁଲିସ ବହୁ ଖୋଜାଖୋଜି କରିବା ପରେ ପୀଡ଼ିତାଙ୍କ ବନ୍ଧୁର ଗଳିତ ଶବ ଜଙ୍ଗଲରୁ ଉଦ୍ଧାର କରିଥିଲେ। ଯବାନମାନେ ଉକ୍ତ ମହିଳାଙ୍କୁ ହତ୍ୟା କରିଥିବା ପ୍ରମାଣ କରିବାକୁ ବହୁ ଚେଷ୍ଟା କରାଯାଇଥିଲା। କିନ୍ତୁ ପ୍ରମାଣ ଅଭାବରୁ କୋର୍ଟ ଯବାନଙ୍କୁ ହତ୍ୟା ମାମଲାରେ ଦୋଷମୁକ୍ତ କରିଦେଇଥିଲେ।

ଏହି ମାମଲାରେ ଯବାନଙ୍କୁ ଧରିବା ରାଜ୍ୟ ପୁଲିସ ପାଇଁ ଖୁବ୍ କଠିନ ଥିଲା। ତେବେ ତଦନ୍ତ ରିପୋର୍ଟ, ୧୮ ସାକ୍ଷୀ ତଥା ମେଡିକାଲ ରିପୋର୍ଟ ଆଧାରରେ ଦୁଇ ଯବାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କୋର୍ଟ ଆଇପିସିର ବିଭିନ୍ନ ଧାରାରେ ମୋଟ ୪୨ ବର୍ଷ କଠୋର କାରାଦଣ୍ଡାଦେଶ ଓ ୬୦ ହଜାର ଟଙ୍କା ଲେଖାଏଁ ଜରିମାନା ଦିଆଯାଇଛି।

● ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ବିଲ୍

## ଗୌରୀକ ଦଳର ଏକମାତ୍ର ଅସ୍ତ୍ର ଦଳୀୟ ବିଭାଜନ

ନୂଆଦିଲ୍ଲୀ,୧୭।୬: ସଂସଦର ମୌସୁମୀ ଅଧିବେଶନ ଆସନ୍ତା ମାସରେ ଆରମ୍ଭ ହେବାକୁ ଯାଉଛି, ଏବଂ ଏହି ଅଧିବେଶନ ପୂର୍ବରୁ ରାଜନୈତିକ କାର୍ଯ୍ୟକଳାପ ଜୋରଦାର ହୋଇଛି। ଆଲୋଚନା ହେଉଛି ଯେ, ସରକାର ମୌସୁମୀ ଅଧିବେଶନ ସମୟରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ କୋଟା କାର୍ଯ୍ୟକାରୀ କରିବା ପାଇଁ ବିଲ୍ ପୁନଃଆଗତ କରିପାରନ୍ତି। ଏନଡିଏ ପାଖରେ ଆବଶ୍ୟକ ସଂଖ୍ୟା ଅଛି କି ନାହିଁ ତାହା ମଧ୍ୟ ପ୍ରଶ୍ନ ରହିଛି। ତେବେ ଦେଶର ରାଜନୈତିକ ସ୍ଥିତି ଏନଡିଏ ସପକ୍ଷରେ ଥିବା ପରି ମନେ ହେଉଛି। ଟିଏମସି ପରେ ଉଦ୍ଧବ ଠାକରେଙ୍କ ୟୁବିଟି ଏବେ ବିଭାଜନର ଦ୍ୱାରଦେଶରେ। ଉଦ୍ଧବ ସେନାର ବିଦ୍ରୋହୀ ସାଂସଦମାନେ ଦିଲ୍ଲୀରେ ପହଞ୍ଚିଛନ୍ତି। ଆଲୋଚନା ହେଉଛି ଯେ, ଦଳର ଛଅ ଜଣ ବିଦ୍ରୋହୀ ସାଂସଦ ଖୁବ୍ ଶୀଘ୍ର ଲୋକସଭା ବାଚସ୍ପତିଙ୍କୁ ଭେଟିପାରନ୍ତି। ଟିଏମସିରେ ବିଭାଜନ ଏବଂ କଂଗ୍ରେସଠାରୁ ଡିଏମକେର ଦୂରତା ଲୋକସଭାରେ ବିରୋଧୀଙ୍କ ଶକ୍ତିକୁ ହ୍ରାସ କରିଛି। ଦଳୀୟ ବିଭାଜନ ବା ଡିଭାଇଡ-ଆଣ୍ଡ-ରୁଲ୍‌କୁ ଅସ୍ତ୍ର କରି ବିଲ୍ ପାରିତ କରିବାର ଯୋଜନାରେ ଗୌରୀକ ଦଳ ରହିଛି ବୋଲି ଆଲୋଚନା ହେଉଛି। ସୀମା ନିର୍ଦ୍ଧାରଣରେ ବହୁତ ସମୟ ଲାଗିବ, ଏବଂ ଯଦି ୨୦୨୯ରେ ବର୍ଦ୍ଧିତ ଆସନ ସହିତ ନିର୍ବାଚନ କରାଯିବ ସେଥିପାଇଁ ତେବେ ବିଲ୍ ଶୀଘ୍ର ପାରିତ ହେବା ଆବଶ୍ୟକ। ଏଥିପାଇଁ ସରକାରଙ୍କ ପାଖରେ ସୀମିତ ସମୟ ଅଛି।



# ଗ୍ରୀଷ୍ମ ପ୍ରବାହରେ ପ୍ରଭାବିତ ବିଶ୍ୱର ୧୫୦ କୋଟି ଶିଶୁ

ନ୍ୟୁୟର୍କ ସିଟି,୧୭।୬: ୟୁନିସେଫ୍ ପକ୍ଷରୁ ଚିଲଡ୍ରେନ୍ କ୍ଲାଇମେଟ ରିସ୍କ ରିପୋର୍ଟ ୨୦୨୬ ପ୍ରକାଶିତ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ଅଧା ପିଲା ଜଳବାୟୁ ସଙ୍କଟ ଯୋଗୁ ସୃଷ୍ଟ ୩ଟି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛନ୍ତି। ବିଶେଷକରି ବର୍ତ୍ତମାନ ବୃଦ୍ଧି ପାଉଥିବା ଗ୍ରୀଷ୍ମପ୍ରବାହ, ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ସମସ୍ୟା ସେମାନଙ୍କୁ ଅଧିକ ପ୍ରଭାବିତ କରୁଛି। ୟୁନିସେଫ୍ ପକ୍ଷରୁ ଏ ସଂକ୍ରାନ୍ତରେ କିଛି ଫଟୋ ମଧ୍ୟ ଜାରି କରାଯାଇଛି, ଯେଉଁଥିରେ ଦେଖିବାକୁ ମିଳିଛି କି ପାପୁଆ ନ୍ୟୁ ଗିନିରେ ପିଲାମାନେ ସ୍କୁଲ ଯିବା ଲାଗି କୁମ୍ଭୀର ଭରା କେମ୍ପ ୱେଲ୍ଟ ନଦୀ ପାର ହେଉଛନ୍ତି।



ବିଶ୍ୱରେ ପ୍ରାୟ ପ୍ରତ୍ୟେକ ଶିଶୁଙ୍କୁ କୌଣସି ନା କୌଣସି ଗୋଟିଏ ଜଳବାୟୁ ସଙ୍କଟର ସାମ୍ନା କରିବାକୁ ପଡୁଛି। ୧୨ କୋଟି ୩୦ ଲକ୍ଷରୁ ଅଧିକ ପିଲା ଏଭଳି ସ୍ଥାନରେ ରହୁଛନ୍ତି ଯେଉଁଠାରେ ସେମାନଙ୍କୁ ଅତିକମ୍‌ରେ ୬ଟି ଜଳବାୟୁ ସଙ୍କଟର ସାମ୍ନା କରିବାକୁ ହେଉଛି। କେବଳ ବିକାଶଶୀଳ ନୁହେଁ, ବିକଶିତ ଦେଶର ପିଲା ମଧ୍ୟ ଏହି ସଙ୍କଟରୁ ବାଦ୍ ପଡିନାହାନ୍ତି। ୟୁନିସେଫ ପକ୍ଷରୁ ପିଲାମାନଙ୍କ ଉପରେ ଜଳବାୟୁ ସଙ୍କଟ ଯୋଗୁ ପଡୁଥିବା ୮ଟି ବିପଦ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଯେଉଁଥିରେ ଉପକୂଳ ବନ୍ୟା, ନଦୀ ବନ୍ୟା,

### ୟୁନିସେଫ୍‌ର ଚିନ୍ତାଜନକ ରିପୋର୍ଟ

ମରୁଡ଼ି, ତାପମାତ୍ରା ବୃଦ୍ଧି, ଗ୍ରୀଷ୍ମ ପ୍ରବାହ, ଜଙ୍ଗଲ ନିଆଁ, ଧୂଳିଝଡ ଓ ବାତ୍ୟା ସାମିଲ ଅଛି। ରିପୋର୍ଟ ଅନୁସାରେ ମରୁଡ଼ି ଯୋଗୁ ୧୮୦ କୋଟି ଶିଶୁ ପ୍ରଭାବିତ ହୋଇଥିଲା ବେଳେ ଗ୍ରୀଷ୍ମ ପ୍ରବାହ ଯୋଗୁ ୧୫୦ କୋଟି, ତାପମାତ୍ରା ବୃଦ୍ଧି ଯୋଗୁ ୧୨୦ କୋଟି, ବାୟୁ ପ୍ରଦୂଷଣ ଯୋଗୁ ୨୩୦ କୋଟି,ଜଙ୍ଗଲ ନିଆଁ ଯୋଗୁ ୨୦.୬ କୋଟି, ଧୂଳିଝଡ ଯୋଗୁ ୧୨.୩ କୋଟି, ବାତ୍ୟା ଯୋଗୁ ୬୬.୨ କୋଟି, ବନ୍ୟା ଯୋଗୁ ୩୩.୭ କୋଟି ଏବଂ ଉପକୂଳ ବନ୍ୟା ଯୋଗୁ ୩୩ ଲକ୍ଷ ପ୍ରଭାବିତ ହେଉଛନ୍ତି।

ଏହି ୮ଟି ଜଳବାୟୁ ବିପଦ ବ୍ୟତୀତ ବାୟୁ ପ୍ରଦୂଷଣ ଓ ମ୍ୟାଲେରିଆ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ପିଲାଙ୍କ ଉପରେ ବିଶ୍ଳେଷଣ କରାଯାଇଛି। ବିଶ୍ୱର ପ୍ରାୟ ସବୁ ପିଲା ବାୟୁ ପ୍ରଦୂଷଣ ଯୋଗୁ ପ୍ରଭାବିତ। ୧୦୦ କୋଟିରୁ ଅଧିକ ପିଲା ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ରହୁଛନ୍ତି। ଜଳବାୟୁ ବିପଦ ସହ ମ୍ୟାଲେରିଆ ଯୋଗୁ ସେମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ରିପୋର୍ଟରେ ଚେତାବନୀ ଦିଆଯାଇ କୁହାଯାଇଛି କି ଯଦି ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଯିବ ତେବେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆହୁରି ଅଧିକ ତଥା ଭୀଷଣ ବିପଦ ଆଣିବ। ଫଳରେ ସରକାରୀ ବ୍ୟବସ୍ଥା ଓ ବଜେଟ ଉପରେ ଚାପ ପଡିବ।

### ଦିନିକିଆ ସିରିଜ୍: ପୁଣି ହାରିଲା ଆଫଗାନିସ୍ତାନ

# ସିରିଜ୍‌ରେ ଭାରତକୁ ଅପରାଜେୟ ଅଗ୍ରଣୀ



ଲକ୍ଷ୍ନୌ,୧୭।୬(ସଂଚାର ବ୍ୟୁରୋ): ଚଳିତ ଦିନିକିଆ ସିରିଜ୍‌କୁ ୨-୦ରେ ହାତେଇନେଇଛି ଘରୋଇ ଭାରତ। ପ୍ରଥମ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଥିବା ଭାରତ ଆଜିର ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୧୭୦ ରନ୍‌ରେ ପରାସ୍ତ କରି ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅପରାଜେୟ ଅଗ୍ରଣୀ ହାସଲ କରିଛି। ଭାରତୀୟ ଦଳର ଅଧିନାୟକ ତଥା ଓପନର ଶୁବମାନ ଗିଲ୍ ୧୫୪ ରନ୍‌ର ମାରାଥନ୍ ଇନିଂସ ଖେଳି ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ କରି ଭାରତ ୪୯.୫ ଓଭର୍‌ରେ ୪୦୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଯଶସ୍ୱୀ ଜୈସ୍ୱାଲ୍ ମାତ୍ର ୪ ରନ୍‌ରେ ଆଉଟ୍ ହୋଇଥିଲେ ମଧ୍ୟ ଗିଲ୍ ଓ ଅନ୍ୟତମ ଓପନର ରୋହିତ ଶର୍ମା (୪୮ ରନ୍, ୬ ଚୌକା, ୨ ଛକା) ଦ୍ୱିତୀୟ ୱିକେଟ୍‌ରେ ୮୯ ରନ୍ ଯୋଡ଼ିଥିଲେ। ପରେ ଗିଲ୍ ଓ ଈଶାନ୍ କିଶନ୍‌ଙ୍କ ମଧ୍ୟରେ ତୃତୀୟ ୱିକେଟ୍‌ରେ ୨୨୪ ରନ୍‌ର ବଡ଼ ଭାଗୀଦାରୀ ହେବା ଫଳରେ ଭାରତ ଏକ ବଡ଼ ଟାର୍ଗେଟ୍ ଆଡ଼କୁ ଅଗ୍ରସର ହୋଇଥିଲା। ଗିଲ୍ ୨୨ଟି ଚୌକା ଓ ୨ଟି ଛକା ଜରିଆରେ ୧୫୪ ରନ୍ କରିଥିବା ବେଳେ କିଶନ୍ ମାତ୍ର ୭୯ ବଲ୍‌ରେ ୧୪ଟି ଚୌକା ଓ ୭ଟି ଛକା ସହ ୧୨୫ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରେୟସ୍ ଆୟର୍ ୨୬ ଓ ୱାଶିଂଟନ୍ ସୁନ୍ଦର ୧୯ ରନ୍ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ଏନ. ଖରୋଟି ୪ଟି, ରଶିଦ୍ ଖାନ୍ ୩ଟି ଏବଂ ଏଏମ୍ ଗଜନ୍‌ଫର୍ ଓ ମହମ୍ମଦ ସଲୀମ୍ ସାଫି ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଆଫଗାନିସ୍ତାନ ୪୪.୩ ଓଭର୍‌ରେ ୨୩୨ ରନ୍‌ରେ ଅଲ୍‌ଆଉଟ୍ ହେବା ଫଳରେ ଭାରତ ବୃହତ୍ ବିଜୟ ହାସଲ କରିଛି। ଦଳ ପକ୍ଷରୁ ରହମତ୍ ଶାହ ୮ଟି ଚୌକା ସହ ସର୍ବାଧିକ ୭୯ ରନ୍ କରିଥିବା ବେଳେ ସେଦିକୁଲ୍ଲା ଅଟଲ୍ ୫ଟି ଚୌକା ଓ ଗୋଟିଏ ଛକା ସହ ୪୨, ଓପନର ରହମନ୍‌ଉଲ୍ଲା ଗୁରବାଜ୍ ୭ଟି ଚୌକା ଓ ଗୋଟିଏ ଛକା ସହ ୪୧ ଓ ତାଙ୍କ ଓପନିଂ ଯୋଡ଼ିଦାର ଇବ୍ରାହିମ୍ ଜାଡରାନ୍ ୨୧ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଓ ଗୁର୍‌ନୁର ବ୍ରାର୍ ୩ଟି ଲେଖାଏଁ ଏବଂ ନବାଗତ ପ୍ରିନ୍ସ ଯାଦବ ୨ଟି ଓ ସୁନ୍ଦର ଗୋଟିଏ ୱିକେଟ୍ ନେଇଥିଲେ। ଦୁଇ ଦଳ ମଧ୍ୟରେ ଆସନ୍ତା ୨୦ ତାରିଖରେ ଚେନ୍ନାଇଠାରେ ସିରିଜ୍‌ର ତୃତୀୟ ତଥା ଚୂଡ଼ାନ୍ତ ଦିନିକିଆ ଖେଳାଯିବ।

## ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ



କଟକ, ୧୭।୬(ସଂଚାର ବ୍ୟୁରୋ): ଆଠଗଡ଼ ଟାଉନ କ୍ଲବ ପକ୍ଷରୁ ଆୟୋଜିତ ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କ୍ଲବ ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଭୁବନାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ ଲେଖକ ହିମାଂଶୁ ପରିଡ଼ା, ଟାଉନ କ୍ଲବର ସଦସ୍ୟ ଉଦୟନାଥ ଶତପଥୀ, ଲକ୍ଷ୍ମୀଧର ଜେନା,ସହ ସମ୍ପାଦକ ସୋମନାଥ ଭକ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଲବ କୋଷାଧକ୍ଷ ମନୋରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତିପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ବିଜୟ ମହାପାତ୍ରଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ପାରମ୍ପରିକ ପିଠା, ହୁଳହୁଳି, ଶଙ୍ଖ ସହ ଏକକ ନୃତ୍ୟରେ କନିଷ୍ଠ, ବରିଷ୍ଠ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆତ୍ମସମର୍ପଣ କଲେ ମାଓନେତ୍ରୀ ପୁଷ୍ପା



କୋଲକାତା, ୧୭।୬ (ସଂଚାର ବ୍ୟୁରୋ): ମାଓନେତ୍ରୀ ଶକୁନ୍ତଳା ମହତୋ ଓରଫ ପୁଷ୍ପା ଆତ୍ମସମର୍ପଣ କରିଛନ୍ତି। ସେ ବୁଧବାର ଲାଲବଜାରଠାରେ ପୁଲିସ କମିଶନର ଅଜୟ ନନ୍ଦାଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ପୁଲିସ କମିଶନରଙ୍କୁ ଏକ ଏସଏଲଆର, ୪୦ ରାଉଣ୍ଡ ଗୁଳି ଓ ଏକ ମାଗାଜିନ ପ୍ରଦାନ କରିଛନ୍ତି। ଶକୁନ୍ତଳା ବେଲପାହାଡ଼ିର ବାସିନ୍ଦା ଥିଲେ। ତାଙ୍କର କାର୍ଯ୍ୟକଳାପ ମୁଖ୍ୟତଃ ଝାଡ଼ଖଣ୍ଡର ଡାଲମା ପାହାଡ଼ ଅଞ୍ଚଳରେ କେନ୍ଦ୍ରିତ ଥିଲା। ପୁଲିସ କମିଶନର କହିଛନ୍ତି ଯେ, ଶକୁନ୍ତଳା ୨୦୦୧ ମସିହାରୁ ଝାଡ଼ଖଣ୍ଡର ଜଙ୍ଗଲରେ ସକ୍ରିୟ ଥିଲେ। ତାଙ୍କ ମୁଣ୍ଡର ଦାମ୍ ୧୦ ଲକ୍ଷ ଥିଲା। ଯଦିଓ ସେ ଝାଡ଼ଖଣ୍ଡରେ କାର୍ଯ୍ୟ କରୁଥିଲେ, ପଶ୍ଚିମବଙ୍ଗରେ ତାଙ୍କ ବିରୁଦ୍ଧରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଆତ୍ମସମର୍ପଣ କରିବା ପରେ ଶକୁନ୍ତଳା କହିଛନ୍ତି ଯେ, ମୁଖ୍ୟଧାରାକୁ ଫେରି ଭଲ ଲାଗୁଛି। ମୁଁ ବିଶ୍ୱାସ କରେ ଯେ, ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଆନ୍ଦୋଳନ ଆଉ ଯଥାର୍ଥ ନୁହେଁ। ସୂଚନାଯୋଗ୍ୟ ଯେ, ଶକୁନ୍ତଳା ବେଲପାହାଡିର ମେଚୁଆ ଗାଁର ବାସିନ୍ଦା ଓ ସେ ୨୨ ନମ୍ବର ପ୍ଲାଟୁନ ସହିତ ଜଡ଼ିତ ଥିଲେ। ସେ ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ରହୁଥିଲେ। ଶକୁନ୍ତଳା କହିଛନ୍ତି ଯେ, ସରକାର ପୁନର୍ବାସ ପ୍ରତିଶ୍ରୁତି ଦେଇଛନ୍ତି।

## ଫାଲ୍‌ଟା ହେବ ଆଦର୍ଶ ବିଧାନସଭା ନିର୍ବାଚନମଣ୍ଡଳୀ

କୋଲକାତା,୧୭।୬(ସଂଚାର ବ୍ୟୁରୋ): ଫାଲଟା ଜନ କଲ୍ୟାଣ ଶିବିରରେ ମଞ୍ଚରୁ ବକ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ମୁଁ ଫାଲଟାକୁ ଏକ ଆଦର୍ଶ ବିଧାନସଭା ନିର୍ବାଚନମଣ୍ଡଳୀରେ ପରିଣତ କରିବି। ଫାଲଟାରେ ଏକ ମହିଳା ଥାନା ପ୍ରତିଷ୍ଠା କରାଯିବ ଓ ଅଧିକ ମହିଳା ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ଫାଲଟା ଥାନାରେ ମହିଳାଙ୍କ ପାଇଁ ଏକ ଉତ୍ସର୍ଗୀକୃତ ସହାୟତା ଡେସ୍କ ସ୍ଥାପନ କରାଯିବ। ମୁଁ ଫାଲଟାରେ ଆଉ କୌଣସି ଅଶାନ୍ତି କିମ୍ବା ଦୁର୍ନୀତି ହେବାକୁ ଦେବିନାହିଁ।

## ପାଠ୍ୟପୁସ୍ତକ ତ୍ରୁଟି ପିଲାଙ୍କ ଭବିଷ୍ୟତ ନଷ୍ଟ ପାଇଁ ଷଡ଼ଯନ୍ତ୍ର: ଭକ୍ତ



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଭବନଠାରେ ଓଡ଼ିଶା ସ୍କୁଲ ପାଠ୍ୟକ୍ରମରେ ଗୁରୁତ୍ୱର ତ୍ରୁଟି ବିଷୟକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି।

ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ଦାସ କହିଛନ୍ତି ଯେ ଶିକ୍ଷାରେ ପ୍ରାଇମେରୀ ସ୍ତର ହେଉଛି ମୂଳଦୁଆ। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ତାଙ୍କ ବିଚାରଧାରାକୁ ଏନସିଇଆରଟି ଓ ଓଡ଼ିଶାର ପାଠ୍ୟକ୍ରମରେ ଛାପୁଛନ୍ତି। ଓଡ଼ିଶା ଅସ୍ମିତା ନାମରେ ସରକାରକୁ ଆସିଥିବା ଦଳ ଅସ୍ମିତାର ହତ୍ୟା କରୁଛନ୍ତି। ପ୍ରଥମେ ଜଳ, ଜଙ୍ଗଲ, ଜମି ଓ ଏଠାରେ ବସବାସ କରୁଥିବା ନିରୀହ ଆଦିବାସୀଙ୍କୁ ଧ୍ୱଂସ କରି ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପଙ୍ଗୁ କରିବା ପାଇଁ ଉଦ୍ୟମ କରିଛନ୍ତି। ପାଠ୍ୟଖସଡ଼ା ପ୍ରସ୍ତୁତି ବେଳେ ଓଡ଼ିଶାର ଗୁଣୀ ଜ୍ଞାନୀମାନଙ୍କୁ ଅଣଦେଖା କରାଯାଉଛି। ଦେଶ ଜାତି ପାଇଁ କିଛି ବଳିଦାନ ନାହିଁ। ଶିକ୍ଷା ସଂସ୍କୃତି କିଛି ନାହିଁ। ଏମାନେ ଦେଶର ଶିକ୍ଷା ବିଷୟରେ କ'ଣ ଜାଣିବେ। ରାଜ୍ୟରେ ବୁଦ୍ଧିହୀନ ସରକାର ଚାଲିଛି।

ସରକାରଙ୍କ ଖାମଖିଆଲି ନୀତି ଯୋଗୁଁ ୫୦ କୋଟି ଟଙ୍କା ପାଣିରେ ପଡ଼ିଲା। କୋର କମିଟିର ଅନୁଧ୍ୟାନ ବିନା ବହି ଛପା ହେଲା କେମିତି? ଯାହା ପ୍ରସ୍ତୁତ କରିବାକୁ ପ୍ରାୟ ତିନି ବର୍ଷ ସମୟ ଲାଗେ ତାହା ୬ ମାସରେ ପ୍ରସ୍ତୁତ ହେଲା କେମିତି? ଅପରାଧୀଙ୍କୁ ଦଣ୍ଡିତ କରାଯାଉ, ଶିକ୍ଷାମନ୍ତ୍ରୀ କ୍ଷମା ମାଗନ୍ତୁ। ୧୬୭୮ଟି ଭୁଲ ରାଜ୍ୟ ଶିକ୍ଷା ବିଭାଗ ପ୍ରତି ଉପହାସ। ଆଶ୍ଚର୍ଯ୍ୟର କଥା, ଶିକ୍ଷାମନ୍ତ୍ରୀ ନିଜ ବିଧାନସଭା ମଧ୍ୟ ଚିହ୍ନିପାରିଲେ ନାହିଁ। ଡଙ୍ଗରିଆ ଆଦିବାସୀଙ୍କୁ ଡଙ୍ଗରିଆ ବନାନ ଭୁଲ। ପ୍ରଖ୍ୟାତ ନିୟମଗିରି ଲଢ଼େଇ ସାରା ବିଶ୍ୱରେ ବିଦିତ ହୋଇଥିବା ବେଳେ ତାହା ଝାଡ଼ଖଣ୍ଡର ବୋଲି ଦର୍ଶାଯାଇଛି। ସବୁଠାରୁ ପରିତାପର ବିଷୟ ଯେ ଶିକ୍ଷାମନ୍ତ୍ରୀ ଏହି ଗୁରୁତର ଭୁଲକୁ ସ୍ୱୀକାର ନ କରି ଓଲଟା ଶିକ୍ଷକମାନେ ସୁଧାରି ଶିକ୍ଷାଦାନ କରିବେ ବୋଲି କହୁଛନ୍ତି, ଯାହାକି ଲଜ୍ଜାଜନକ।

● ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ବୈଠକ

## ବିଦ୍ୟୁତ୍ ଶୁଳ୍କ ବଢ଼ିଲେ ଗଣଆନ୍ଦୋଳନ ହେବ



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ଏକ ବୈଠକ ଆଜି ମହାସଂଘର ରାଜ୍ୟ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମହାସଂଘ ସମ୍ପାଦକ ରବି ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ଜଳ ବିଦ୍ୟୁତ ନିଗମ, ଓଡ଼ିଶା ପାୱାର ଟ୍ରାନ୍ସମିଶନ ଲିମିଟେଡ଼ ଓ ଟାଟା ପାୱାର ପକ୍ଷରୁ ଶୁଳ୍କ ବୃଦ୍ଧି ପାଇଁ ଓଇଆରସିଙ୍କ ନିକଟରେ ଯେଉଁ ଆବେଦନ କରାଯାଇଛି, ତାହାକୁ ବୈଠକରେ ନିନ୍ଦା କରାଯିବା ସହ ଆଗାମୀ ଦିନରେ ମହାସଂଘର ଏକ ପ୍ରତିନିଧି ଦଳ ଓଇଆରସି ଅଧ୍ୟକ୍ଷ ଓ ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଦାବିପତ୍ର ଦିଆଯିବ। ଏହାଛଡ଼ା ବିଜୁଳି କମ୍ପାନୀଙ୍କର ଆୟବ୍ୟୟର ସିଏଜି ଅଡିଟ କରିବା, ସ୍ମାର୍ଟ ମିଟର ସଂଯୋଗ ବନ୍ଦ କରିବା, ଉପଭୋକ୍ତାଙ୍କଠାରୁ ବିଜୁଳି କମ୍ପାନୀମାନେ ବିଗତ ଦିନରେ ଆଦାୟ କରିଥିବା ଅଧିକ ଶୁଳ୍କ ଫେରସ୍ତ, ପାୱାର କଟ୍ ଆଦି ବନ୍ଦ କରିବା ଆଦି ଦାବିରେ ଆଗାମୀ ଦିନରେ ବିଜୁଳି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଟାଟା ପାୱାର ସାଉଥ, ଟାଟା ପାୱାର ନର୍ଥ, ଟାଟା ପାୱାର ୱେଷ୍ଟ ଓ ଟାଟା ପାୱାର ସେଣ୍ଟ୍ରାଲ ସ୍ତରରେ ସଂଗଠନକୁ ନୂଆ ରୂପରେଖ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଗଙ୍ଗା ଘାଟ ସଫାକଲେ ଶୁଭେନ୍ଦୁ

କୋଲକାତା,୧୭।୬ (ସଂଚାର ବ୍ୟୁରୋ): କ୍ଷମତାକୁ ଆସିବା ପରଠାରୁ ବର୍ତ୍ତମାନର ରାଜ୍ୟ ସରକାର ସ୍ୱଚ୍ଛତା ଅଭିଯାନ ଉପରେ ବହୁତ ଗୁରୁତ୍ୱ ଦେଇଛନ୍ତି। ବୁଧବାର ସକାଳେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନିଜେ ଗଙ୍ଗା ଘାଟଗୁଡ଼ିକୁ ସଫା ରଖିବା ପାଇଁ ଏକ ସଫେଇ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ସେ ସକାଳେ ବାଗବଜାରର 'ମେୟର ଘାଟ' ପରିଦର୍ଶନ କରିଥିଲେ। ଗଛ ଲଗାଇବା ସହିତ ସେ ବ୍ୟକ୍ତିଗତ ଭାବରେ ଘାଟକୁ ସଫା କରିଥିଲେ। ପରେ ସେ ମନ୍ଦିରରେ ପୂଜା ଦେଇଥିଲେ। ତାଙ୍କ ସହିତ ମନ୍ତ୍ରୀ ଅଗ୍ନିମିତ୍ରା ପାଲ, ତାପସ ରାୟ ଏବଂ ଅନ୍ୟମାନେ ଥିଲେ। କିଛି ଦିନ ପୂର୍ବରୁ ଘୋଷଣା କରାଯାଇଥିଲା ଯେ ବଙ୍ଗଳାରେ 'ସ୍ୱଚ୍ଛତା-କେ ସ୍ୱାଗତ' ଶୀର୍ଷକ ଏକ ଅଭିଯାନ ଆରମ୍ଭ କରାଯିବ। ଏହି ପଦକ୍ଷେପ ଏବେ ଆରମ୍ଭ ହୋଇଛି। ଏହି ଅଭିଯାନ ପାଞ୍ଚ ଦିନ ଧରି ଚାଲିବାକୁ ସ୍ଥିର ହୋଇଛି। ବୁଧବାର ଗଙ୍ଗା ସଫେଇ ଅଭିଯାନ ଆରମ୍ଭ ହୋଇଛି।

# କୁରାଢ଼ିରେ ମା'କୁ ଦୁଇଗଡ଼ କଲା ପୁଅ

### ବସ୍ତାରେ ପୂରାଇ ପୋଖରୀରେ ଭସାଇ ଦେଲା ମୁଣ୍ଡ



କୋଲକାତା,୧୭।୬ (ସଂଚାର ବ୍ୟୁରୋ): କୁରାଢ଼ିରେ ମା'ର ଶରୀରକୁ ଦୁଇଖଣ୍ଡ କରିଦେଲା ପୁଅ। ତା'ପରେ କଟାମୁଣ୍ଡକୁ ବସ୍ତାରେ ପୂରାଇ ପୋଖରୀରେ ଭସାଇ ଦେଲା। ଘର ଭିତରେ ବିଛଣାରେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ପଡ଼ୋଶୀ ପୁଲିସକୁ ଖବର ଦେଇଥିଲେ। କୋଲାଘାଟ ଥାନା ଅନ୍ତର୍ଗତ କୌରଚଣ୍ଡି ଗାଁରେ ବୁଧବାର ସକାଳେ ଘଟିଥିବା ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ମୃତକଙ୍କ ନାମ ଭାରତୀ ଚକ୍ରବର୍ତ୍ତୀ (୬୫)। ହତ୍ୟା ଅଭିଯୋଗରେ କୋଲାଘାଟ ଥାନାର ପୁଲିସ ତାଙ୍କ ସାନପୁଅ ବାସୁଦେବ ଚକ୍ରବର୍ତ୍ତୀଙ୍କୁ ଗିରଫ କରିଛି। ଭାରତୀଙ୍କ କଟାମୁଣ୍ଡ ପୋଖରୀରୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ବାସିନ୍ଦା ଅଭିଯୁକ୍ତ ପୁଅକୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଭାରତୀଦେବୀଙ୍କ ସ୍ୱାମୀ ବହୁବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ। ତାଙ୍କ ତିନିପୁଅ ମଧ୍ୟରୁ ସେ ସାନ ପୁଅ ବାସୁଦେବଙ୍କ ସହିତ ରହୁଥିଲେ। ଅନ୍ୟ ଦୁଇପୁଅ ଅଲଗା ରହୁଥିଲେ। ବାସୁଦେବ ମାନସିକ ଅସ୍ଥିରତାରେ ପୀଡ଼ିତ। ବୁଧବାର ସକାଳେ ଜଣେ ମହିଳା ପଡ଼ୋଶୀ ବାସୁଦେବଙ୍କୁ ପୋଖରୀରେ ଏକ ବସ୍ତା ଫିଙ୍ଗି ଦେଉଥିବାର ଦେଖି ତାଙ୍କ ଉପରେ ସନ୍ଦେହ କରିଥିଲେ। ସକାଳେ ବିଛଣାରେ ମୁଣ୍ଡବିହୀନ ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ବାସୁଦେବ ଚୁପଚାପ୍ ଠିଆ ହୋଇଥିବା ବେଳେ ତାଙ୍କ ପ୍ୟାଣ୍ଟରେ ରକ୍ତ ଦାଗ ଲାଗିଥିବା ଦେଖାଯାଇଥିଲା। ସେ ତାଙ୍କ ମା'ଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଖବର ପାଇ କୋଲାଘାଟ ଥାନାର ପୁଲିସ ପହଞ୍ଚି ବାସୁଦେବଙ୍କୁ ଗିରଫ କରି ହେପାଜତକୁ ନେଇଥିଲା। ଭାରତୀଦେବୀଙ୍କ ମୃତଦେହ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ସକାଳ ପ୍ରାୟ ୯ଟା ସମୟରେ ତମଲୁକର ସର୍କଲ ଇନ୍ସପେକ୍ଟର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ହତ୍ୟା ପଛର କାରଣ ଅସ୍ପଷ୍ଟ ରହିଛି।

# ବହି ବିଭ୍ରାଟର ବିଚାର ବିଭାଗୀୟ ତଦନ୍ତ ଦାବି




ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯୋଗାଯାଇଥିବା ପାଠ୍ୟ ପୁସ୍ତକରେ ୧୬୮୧ରୁ ଅଧିକ ତ୍ରୁଟି ଦେଖାଯାଇଛି। ଏହି ଅସମ୍ବେଦନଶୀଳ ଓ ଅତ୍ୟନ୍ତ ଦାୟିତ୍ୱହୀନ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଓ ମହାସଚିବ ଅଶୋକ ପାଇକରାଙ୍କୁ ନେଇ ଏକ ପ୍ରତିନିଧି ଦଳ ଆଜି ଏସସିଇଆରଟିର ନିର୍ଦ୍ଦେଶକ ମଧୁସ୍ମିତା ସାହୁଙ୍କୁ ଭେଟିଥିଲେ। ସାକ୍ଷାତ ସମୟରେ ସେ ସ୍କୁଲ ପାଠ୍ୟପୁସ୍ତକ ମୁଦ୍ରଣ ଓ ଗୁଣବତ୍ତା ସମ୍ବନ୍ଧୀୟ ଗମ୍ଭୀର ସମସ୍ୟାର ସମାଧାନ କରିବାରେ ନିଜର ଅସାମର୍ଥ୍ୟ ପ୍ରକାଶ କରିଥିଲେ। ପରୋକ୍ଷରେ ସେ ସ୍ୱୀକାର କରିଥିଲେ ଯେ ଏସସିଇଆରଟି ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପାଇଁ ଅନଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇ ଗୁରୁତର ତ୍ରୁଟି କରିଛି। ଏସସିଇଆରଟି ପାଠ୍ୟପୁସ୍ତକ ପ୍ରକାଶନକୁ ଯେଉଁଭଳି ଭାବେ ପରିଚାଳନା କରିଛି, ତାହା ଅତ୍ୟନ୍ତ ସନ୍ଦେହଜନକ। ବିଷୟବସ୍ତୁ ଲିଖନ ଏବଂ ପ୍ରୁଫ୍-ରିଡିଂ ବା ତ୍ରୁଟି ସଂଶୋଧନ ପାଇଁ ଗଠିତ କମିଟି ଅନଭିଜ୍ଞ ଓ ଅଯୋଗ୍ୟ ବୋଲି ଅଭିଭାବକ ମହାସଂଘ କହିଛି।

ମହାସଂଘର ଅଭିଯୋଗ ଅନୁଯାୟୀ କିଛି ଘରୋଇ ବିଦ୍ୟାଳୟର ଶିକ୍ଷକ ଓ କିଛି ସଂଗଠନର ପ୍ରମୁଖ କର୍ମକର୍ତ୍ତାଙ୍କୁ ଏହି ପ୍ରକ୍ରିୟାରେ ପ୍ରମୁଖ ଦାୟିତ୍ୱ ଦିଆଯାଇଥିଲା। ଏହି ଘଟଣା ଅତ୍ୟନ୍ତ ମାରାତ୍ମକ ଓ ସନ୍ଦେହଜନକ। ଘଟଣାଚକ୍ରର ଅନୁସନ୍ଧାନରେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ଏବଂ ସଚିବ ଏହି ଅବହେଳା ଓ ତ୍ରୁଟି ପାଇଁ ସିଧାସଳଖ ଦାୟୀ ବୋଲି ଅଭିଯୋଗ କରିବା ସହ ମହାସଂଘ ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ଉନ୍ନୟନ କମିଶନରଙ୍କ ଦ୍ୱାରା ଗଠିତ କମିଟି ବିଭାଗୀୟ ମନ୍ତ୍ରୀ, ସଚିବ ଓ ବରିଷ୍ଠ ଅଧିକାରୀଙ୍କୁ ତଦନ୍ତ ପରିସରକୁ ଆଣିପାରିବ ନାହିଁ। ତେଣୁ ମହାସଂଘ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧୀନରେ ନ୍ୟାୟିକ ତଦନ୍ତ ଦାବି କରିଛି।

## ହକରଙ୍କ ସପକ୍ଷରେ ରାଜରାସ୍ତାକୁ ଓହ୍ଲାଇଲେ ମମତା




କୋଲକାତା,୧୭।୬(ସଂଚାର ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହକରମାନଙ୍କୁ କ୍ରମାଗତ ଉଚ୍ଛେଦର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ଛାତିରେ ପ୍ଲାକାର୍ଡ ଲଗାଇ ଧର୍ମତାଲାରେ ଶୋଭାଯାତ୍ରାରେ ଚାଲିଛନ୍ତି ତୃଣମୂଳ ସୁପ୍ରିମୋ। କିଛି ରାଜନୈତିକ ବିଶ୍ଳେଷକଙ୍କ ମତରେ, ସେ ପ୍ରତିବାଦକୁ ଓହ୍ଲାଇ ଶକ୍ତି ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି। ଏହା ପୂର୍ବରୁ ଯାଦବପୁର ଷ୍ଟେସନରେ ବାମନେତା ସୁଜନ ଓ ଶ୍ରୀଜନଙ୍କ ନେତୃତ୍ୱରେ ହୋଇଥିବା ପ୍ରତିବାଦରେ ସାଧାରଣ ଜନତାଙ୍କ ଏକ ଅଂଶ ଯୋଗ ଦେଇଥିବା ଦେଖାଯାଇଥିଲା। ବୁଧବାର କୁନାଲ ଘୋଷ ଓ ଡୋଲା ସେନ ଭଳି ନେତାମାନେ ଏସ୍ପ୍ଲାନେଡ୍‌ରେ ପଦଯାତ୍ରାରେ ତୃଣମୂଳ ସୁପ୍ରିମୋଙ୍କ ସହ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖଟା ହେଉଛି...

ଉପକୂଳରୁ ଭାରତ ପଶ୍ଚିମ ସୀମା ଯାଏ ଏହାର ଦାୟିତ୍ୱ ପୂର୍ବପରି ସମାନ ରହିବ। ଫ୍ରାନ୍ସରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ପ୍ରାକ୍-ଯୋଜନାବଦ୍ଧ ବୈଠକର ମାତ୍ର କେଇ ଘଣ୍ଟା ପୂର୍ବରୁ ତଥା ଓମାନ ଉପକୂଳରେ ଏକ ତୈଳ ଟ୍ୟାଙ୍କର ଉପରେ ଆମେରିକା ସେନାର ଆକ୍ରମଣ ଯୋଗୁଁ ତିନି ଜଣ ଭାରତୀୟ ମୃତ୍ୟୁବରଣ କରିବାର ସପ୍ତାହକ ପରେ ଆମେରିକା ପ୍ରତିରକ୍ଷା ବିଭାଗ ଏପରି ନିଷ୍ପତ୍ତି ନେଇଛି, ଯାହା ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ କ୍ରମଶଃ ତିକ୍ତତା ଆଡ଼କୁ ଗତି କରୁଥିବା ରାଜନୈତିକ ବିଶ୍ଳେଷକମାନେ ମତ ବ୍ୟକ୍ତ କରିଛନ୍ତି। ଆମେରିକାର ଏଭଳି ପଦକ୍ଷେପକୁ ପୂର୍ବତନ ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ ଅରୁଣ ପ୍ରକାଶ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଆମେରିକାର ଏହି ପଦକ୍ଷେପ କେବଳ ୱାଶିଂଟନର ନୀତିଗୁଡ଼ିକୁ ଅବିଶ୍ୱସନୀୟ ଭାବରେ ପ୍ରତିଫଳିତ କରୁଛି। ୨୦୧୮ରେ କମାଣ୍ଡର ନାମ ପରିବର୍ତ୍ତନ କରାଯାଇଥିବା ବେଳେ ଏହାକୁ ଏକ ପ୍ରମୁଖ ରଣନୈତିକ ପଦକ୍ଷେପ ଭାବେ ଉପସ୍ଥାପନ କରାଯାଇଥିଲା। ମାତ୍ର ଏବେ ସେମାନଙ୍କର ସ୍ୱାର୍ଥ ବଦଳି ଯାଇଥିବାରୁ ସେମାନେ ସେମାନଙ୍କ ନୀତି ପରିବର୍ତ୍ତନ କରିଛନ୍ତି। ସେହିପରି ପୂର୍ବତନ ବୈଦେଶିକ ସଚିବ ନିରୁପମା ମେନନ୍ ରାଓ କହିଛନ୍ତି ଯେ ଚୀନ ଫ୍ୟାକ୍ଟର (ଚୀନ୍-ଆମେରିକା ସମ୍ପର୍କରେ ଅନିଶ୍ଚିତତା) ଭାରତ ଓ ଆମେରିକାକୁ ନିକଟତର କରିଥିଲା। ମାତ୍ର ଏ ସମ୍ପର୍କ ଆଉ ଅଧିକ ଦିନ ତିଷ୍ଠିବ ବୋଲି ସେ ଭାବୁନାହାନ୍ତି।

### ୨୦ ମେଗା...

ଡାଇଅକ୍ସାଇଡ ପିଗମେଣ୍ଟ ୟୁନିଟ୍। ଏହିସବୁ ୟୁନିଟ୍ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୫୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଉତ୍ପାଦନ କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିବାକୁ ରତ୍ନମଣି ମେଟାଲ୍ସ ଆଣ୍ଡ ଟ୍ୟୁବ୍ସ ପକ୍ଷରୁ ଯାଜପୁରରେ ୧୬୪୨ କୋଟି ନିବେଶରେ ପ୍ରତିଷ୍ଠା ହେବ ଇସ୍ପାତ ଉତ୍ପାଦନ ୟୁନିଟ। ସମ୍ବଲପୁରରେ ସେହିଭଳି ୧୧୭୦ କୋଟି ବ୍ୟୟବରାଦରେ ନେକଟାର ଲାଇଫ ସାଇନ୍ସ ପକ୍ଷରୁ ପ୍ରତିଷ୍ଠା ହେବ ଔଷଧ ଉତ୍ପାଦନ କେନ୍ଦ୍ର। ଯାଜପୁରରେ ଜୁପିଟର ୱାଗନ୍ସ ଲିମିଟେଡ ୧୫୦୦ କୋଟି ବିନିଯୋଗରେ ପ୍ରତିଷ୍ଠା କରିବ ରେଲୱେ କୋଚ୍ ଉତ୍ପାଦନ କେନ୍ଦ୍ର। ଏହି ତିନୋଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଯାଜପୁର ଓ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୨୮ ଶହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଯାଜପୁରରେ ରଶ୍ମି ମେଟାଲର୍ଜିକାଲ ଇଣ୍ଡଷ୍ଟ୍ରି ୧୫ ହଜାର କୋଟି ନିବେଶରେ ପ୍ରତିଷ୍ଠା ୪ ନିୟୁତ ଟନ କ୍ଷମତାସମ୍ପନ୍ନ ଷ୍ଟିଲ ପ୍ଲାଣ୍ଟ। ଏହାଦ୍ୱାରା ୧୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶ୍ୟାମ ମେଟାଲିକ୍ସ ଓ ଏନର୍ଜି ସମ୍ବଲପୁରରେ ୭୫୮୦ କୋଟି ନିବେଶରେ ପ୍ରତିଷ୍ଠା କରିବ ୧ ନିୟୁତ ଟନ କ୍ଷମତାସମ୍ପନ୍ନ ଇଣ୍ଟିଗ୍ରେଟେଡ ଷ୍ଟିଲ ଉତ୍ପାଦନ କେନ୍ଦ୍ର। ଏହାଦ୍ୱାରା ୩୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

### ଭାରତର ରେକର୍ଡ...

ଓଭର୍‌ରେ ୧୧୫ ରନ୍ ଯୋଡ଼ିବା ପରେ ଶେଫାଳୀ ଆଉଟ୍ ହୋଇଥିଲେ। କିନ୍ତୁ ସେତେବେଳକୁ ଶେଫାଳୀ ତାଙ୍କର ଅର୍ଦ୍ଧଶତକ ପୂରଣ କରିସାରିଥିଲେ। ସେ ୩୮ ବଲ୍‌ରେ ୧୦ଟି ଚୌକା ସହ ୫୫ ରନ୍ କରି ଆଉଟ୍ ହେବା ପରେ ମନ୍ଧାନାଙ୍କ ସହ ଜେମିମା ରଡରିଗ୍ସ ଯୋଗଦେଇ ଦଳୀୟ ସ୍କୋରକୁ ୧୬୨ରେ ପହଞ୍ଚାଇଥିଲେ। ଏହି ସମୟରେ ମନ୍ଧାନା ୪୭ ବଲ୍‌ରେ ୧୧ଟି ଚୌକା ଓ ଗୋଟିଏ ଛକା ବଳରେ ୭୪ ରନ୍ କରି ବିଦାୟ ନେଇଥିଲେ। ଏହାପରେ ଦଳର ଜଣେ ପରେ ଜଣେ ବ୍ୟାଟ୍ସୱମ୍ୟାନ୍ ଆଉଟ୍ ହୋଇଥିଲେ ମଧ୍ୟ ଶେଷ ଭାଗରେ ରୀଚା ଘୋଷଙ୍କ ୮ ବଲ୍‌ର ୨୦ (ଗୋଟିଏ ଚୌକା ଓ ୨ଟି ଛକା) ରନ୍ ଓ ଦୀପ୍ତି ଶର୍ମାଙ୍କ ମାତ୍ର ୨ ବଲ୍‌ରେ ଗୋଟିଏ ଲେଖାଏଁ ଛକା ଓ ଚୌକା ମାଧ୍ୟମରେ ୧୦ ରନ୍ କରିଥିଲେ। ଏହା ପୂର୍ବରୁ ଜେମିମା ୨ଟି ଚୌକା ସହ ୧୯ ଓ ଅଧିନାୟିକା ହରମନ୍‌ପ୍ରୀତ୍ କୌର୍ ୨ଟି ଚୌକା ସହ ୧୨ ରନ୍‌ର ଯୋଗଦାନ ମଧ୍ୟ ଦେଇଥିଲେ। ନେଦରଲ୍ୟାଣ୍ଡସ ପକ୍ଷରୁ କ୍ୟାରିଲୋନ୍ ଡି ଲାଙ୍ଗେ ୨ଟି ଏବଂ ଆଇରିସ୍ ଜ୍ୱିଲିଙ୍ଗ୍, ହିଦର୍ ସିଗର୍ସ ଓ ମିର୍ଥେ ଭାନ୍ ଡେନ୍ ରାଡ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସେହିପରି ଦଳ ପକ୍ଷରୁ ୱିକେଟ୍‌କିପର୍-ବ୍ୟାଟ୍ସୱମ୍ୟାନ୍ ୩ଟି ଚୌକା ସହ ସର୍ବାଧିକ ୨୮, ଓପନର ସିଗର୍ସ ୪ଟି ଚୌକା ସହ ୨୧, ଷ୍ଟେର୍ କାଲିସ୍ ୩ଟି ଚୌକା ସହ ୧୮ ଓ ଅନ୍ୟତମ ଓପନର ଫେବ୍ ମୋକେନ୍‌ବୋର୍ ୨ଟି ଚୌକା ସହ ୧୫ ରନ୍ କରିଥିଲେ। ଅନ୍ୟ କେହି ବ୍ୟାଟ୍ସୱମ୍ୟାନ୍ ଦୁଇ ଅଙ୍କରେ ବି ପହଞ୍ଚିପାରିନଥିଲେ। ଭାରତ ପକ୍ଷରୁ ଶ୍ରୀ ଚରନୀ ସର୍ବାଧିକ ୪ଟି, ଶେଫାଳୀ ୩ଟି, ନନ୍ଦନୀ ଶର୍ମା ୨ଟି ଓ ଦୀପ୍ତି ଗୋଟିଏ ୱିକେଟ୍ ନେଇଥିଲେ। ଭାରତ କ୍ରମାଗତ ବିଜୟ ସହ ପଏଣ୍ଟ ଟେବଲ୍‌ରେ ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆକୁ ହଟାଇ ଶୀର୍ଷରେ ପହଞ୍ଚିଛି। ଦଳ ତା'ର ତୃତୀୟ ମ୍ୟାଚ୍ ଆସନ୍ତା ୨୧ ତାରିଖରେ ମାଞ୍ଚେଷ୍ଟର୍‌ଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ।

### ବନସ୍ପତି ଘିଅରେ...

ଅବଢ଼ା ଓ ଦୀପ ପ୍ରତ୍ୟେକ ସାମଗ୍ରୀର ଦର ବୃଦ୍ଧି ହୋଇଛି। ଏସବୁ ସତ୍ତ୍ୱେ ମୁନାଫାଖୋରଙ୍କ ମନମୁଖୀ କାର୍ଯ୍ୟ ଉପରେ କାହିଁକି ରୋକ ଲଗାଯାଇପାରୁନି ବୋଲି ପ୍ରଶ୍ନ କରିଛନ୍ତି ଶ୍ରଦ୍ଧାଳୁ ଓ ସେବାୟତ। ଶ୍ରୀମନ୍ଦିର ପରିସରରୁ ନକଲି ଘିଅ ଜବତ ହେବା ପରେ ଅନ୍ୟ ପ୍ରମୁଖ ମନ୍ଦିରଗୁଡ଼ିକରେ ମଧ୍ୟ ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି ପୁରୀ ସହରବାସୀ।

### ଏଇଇ ଲକ୍ଷ୍ମଣ...

ଥାନା ପୁଲିସ। ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦସ୍ତଖତ ଜାଲି କରିବା, ସରକାରୀ ଡିଓ ପ୍ୟାଡ୍‌ର ଦୁରୁପଯୋଗ କରିବା ଓ ଜାଲ୍ ଦସ୍ତଖତ ବ୍ୟବହାର କରି ବଦଳି କରିବା ଉଦ୍ଦେଶ୍ୟରେ ଷଡ଼ଯନ୍ତ୍ର ରଚାଯାଇଥିବା ଅଭିଯୋଗରେ ଦୁଇ ଜଣ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଏଫଆଇଆର୍ ରୁଜୁ କରାଯାଇଛି। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ସା' କ୍ୟାପିଟାଲ ଥାନା ଆଇଆଇସିଙ୍କୁ ଲେଖିଥିବା ଚିଠିରେ ବାଂଶପାଳ ବ୍ଲକ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁସାରେ, ଗତ ୧୬ ଜାନୁଆରୀରେ ଏହି ଚିଠି ଲେଖାଯାଇଥିଲା। ଏହି ଚିଠି ଆଧାରରେ ଦୁଇ ଜଣଙ୍କ ବଦଳି ମଧ୍ୟ ହୋଇଥିଲା। ଉଭୟ ଅଧିକାରୀ ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଓ ତାଙ୍କ କାର୍ଯ୍ୟାଳୟର ଅଧିକୃତ ଡିଓ ପ୍ୟାଡ୍ ବ୍ୟବହାର କରି ଜାଲ ଦସ୍ତାବେଜ ପ୍ରସ୍ତୁତ କରିଥିଲେ। ପରେ ସେହି ଦସ୍ତାବେଜକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିକଟରେ ଦାଖଲ କରି ସୁନ୍ଦରଗଡ଼ ଜିଲ୍ଲାର ବରଗାଁ ଓ ସଦର ବ୍ଲକ୍‌କୁ ବଦଳି ପାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଉପବାଚସ୍ପତିଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିଛି ଯେ ଉକ୍ତ ଚିଠିଗୁଡ଼ିକ କେବେ ବି ତାଙ୍କ କାର୍ଯ୍ୟାଳୟରୁ ଜାରି କିମ୍ବା ଅନୁମୋଦିତ ହୋଇ ନ ଥିଲା। ସେପଟେ ଉପ ବାଚସ୍ପତି ଶ୍ରୀ ଭୋଇ କହିଛନ୍ତି ଯେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଉନ୍ନୟନ କମିଶନଙ୍କ...

ସୂଚନା ଅନୁସାରେ, ପାଠ୍ୟପୁସ୍ତକ ପ୍ରସ୍ତୁତ ପାଇଁ ଯେତିକି ସମୟ ଆବଶ୍ୟକ ତା'ଠୁ ଢେର କମ୍ ସମୟରେ ପ୍ରସ୍ତୁତ ହେଲା। ଜାତୀୟ ସ୍ତରରେ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାକୁ ୩ରୁ ୪ ବର୍ଷ ଲାଗୁଛି। ଓଡ଼ିଶାରେ ଏନ୍‌ସିଇଆର୍‌ଟି ମାତ୍ର ୬ ମାସରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଛାପିବା ପାଇଁ ପଠାଇଦେଲେ। କେବଳ ସେତିକି ନୁହେଁ, ଚୂଡ଼ାନ୍ତ ସମୀକ୍ଷା ପାଇଁ କମିଟିର ସଦସ୍ୟମାନେ ପାଠ୍ୟପୁସ୍ତକକୁ ଆଦୌ ଦେଖି ନ ଥିବା ଅଭିଯୋଗ ହେଉଛି। ଯେଉଁମାନେ ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ନିୟୋଜିତ ହୋଇଥିଲେ, ସେମାନଙ୍କୁ ଚାପ ଦିଆଯାଇ ତରତର କରି ବହି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି। ମିଳିଥିବା ସୂଚନାନୁସାରେ, ୨ କୋଟି ୯୮ ଲକ୍ଷ ବହି ପ୍ରସ୍ତୁତିରେ ପାଖାପାଖି ଦୁଇ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାଛଡ଼ା ବହି ଛାପିବା ପାଇଁ ଆହୁରି ୪୫ରୁ ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

### ଚାମେଲି ପାଇଁ...

ଭାଷାରେ ଗାଳିଗୁଲଜ କରିଥିଲେ। ଏଇଠୁ ବିବାଦର ସୂତ୍ରପାତ ହେବା ପରେ ପରେ ବିଡିଓ ତତ୍‌କ୍ଷଣାତ ଚାମେଲିଙ୍କ ନାମରେ ଏତଲା ଦେଇଥିଲେ ଓ ପୁଲିସ୍ ତାଙ୍କୁ ଗିରଫ କରି ନେଇଯାଇଥିଲା। ତେବେ ପୁଲିସ୍ ନେବା ସମୟରେ ତାଙ୍କୁ ମାଡ଼ ମାରିବା ଯୋଗୁଁ ଚାମେଲି ଜେଲ୍‌ରୁ ଡାକ୍ତରଖାନାକୁ ଆସିଥିଲେ। ଏହି ସମୟରେ ତାଙ୍କ ମୋବାଇଲକୁ ପୁଲିସ୍ ଜବତ କରିଥିଲା। ଏବେ ଚାମେଲି ସୁସ୍ଥ ହେବା ପରେ ତାଙ୍କ ମୋବାଇଲ ପାଇ ସେଥିରେ ଥିବା ଭିଡିଓକୁ ସାର୍ବଜନୀନ କରିଛନ୍ତି। ଚିକିତ୍ସିତ ହେବା ସମୟରେ ଚାମେଲି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ସ୍ଥାନୀୟ ବିଧାୟକଙ୍କ ଇଙ୍ଗିତରେ ଏଭଳି ଆକ୍ରମଣ ଓ ଅଶାଳୀନ ବ୍ୟବହାର ହୋଇଥିବା ସିଧାସଳଖ ଅଭିଯୋଗ କରିଛନ୍ତି। ଏପରିକି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ତାଙ୍କ ଇଜ୍ଜତ ମାଗୁଥିଲେ ଓ ସେ ରାଜି ନ ହେବାରୁ ଏଭଳି କାଣ୍ଡ କରିଥିବା ଲେଖିଛନ୍ତି। ଏବେ ଚାମେଲି ସୁସ୍ଥ ହେବା ପରେ ବିଧାୟକ ତାଙ୍କୁ ପ୍ରତି ମାସରେ ଲକ୍ଷେ ଟଙ୍କାର ଚାନ୍ଦା ମାଗୁଥିବା ଅଭିଯୋଗ ଆଣିଛନ୍ତି। ଚାମେଲିଙ୍କ ଗିରଫଦାରୀକୁ ନେଇ ରାଜନୀତି ସରଗରମ ଥିବା ବେଳେ ଏଥିରେ ମହିଳା କମିଶନ ହସ୍ତକ୍ଷେପ କରିଛନ୍ତି। କମିଶନ୍‌ର ଜଣେ ସଦସ୍ୟ ଚାମେଲିଙ୍କୁ ଭେଟି ତଥ୍ୟ ସଂଗ୍ରହ କରିଛନ୍ତି। ତେବେ ଚାମେଲି ଇତିମଧ୍ୟରେ ନ୍ୟାୟ ପାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ପୁଣିଥରେ ଏହି ଘଟଣାରେ ରାଜନୀତି ସରଗରମ ହୋଇଛି। କାରଣ ଦିନକ ପରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଅନ୍ୟପକ୍ଷରେ ଏତେସବୁ କାଣ୍ଡ ପରେ ବି ମହାକାଳପଡ଼ା ବିଧାୟକ, ବିଡିଓ କିମ୍ବା ଥାନା ଅଧିକାରୀ କେହି ହେଲେ ମୁହଁ ଖୋଲୁନାହାନ୍ତି। ତେବେ ଲଢ଼େଇ ଜାରି ରହିଥିବା ବେଳେ ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି ଏବଂ ଏସଆଇଟି ତଦନ୍ତ ପାଇଁ ଏଥିରେ ଦାବି କରାଯାଇଛି। ଚାମେଲିଙ୍କୁ ନ୍ୟାୟ ଦେବା ପାଇଁ ବିରୋଧୀ ବିଜେଡି ଓ କଂଗ୍ରେସ ଘନ ଘନ କେନ୍ଦ୍ରାପଡ଼ା ଗସ୍ତ କରୁଥିବା ବେଳେ ସମସ୍ତଙ୍କ ନଜର ଏବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉପରେ ରହିଛି।

## ପୁଲିସ୍ ଜାଲରେ ପଡ଼ିଲା ନକଲି ପୁଲିସ



କୋରେଇ,୧୭।୬ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କ ଟିମ୍ ଏକ ନକଲି ପୁଲିସକୁ ଧରିବାରେ ସଫଳ ହୋଇଛନ୍ତି। ଖବର ମୁତାବକ ଥାନା ଅନ୍ତର୍ଗତ ଚାନ୍ଦମା ଗ୍ରାମର ପ୍ରଭାତି ସାହୁ ନାମକ ଜଣେ ମହିଳା ତାଙ୍କ ପୁଅଙ୍କୁ ପୋସ୍କୋ କେଶରେ ଜେଲରୁ ମୁକୁଳେଇବା ପାଇଁ ତାଙ୍କ ଠାରୁ ସତ ମିଛ କହି ଏକ ଲକ୍ଷ ଚାଳିଶି ହଜାର ଟଙ୍କା କୋରେଇ ଥାନା ଫାଜଲପୁର ଗ୍ରାମର ଯୁବକ ଅବିନାଶ ସାହୁ ଠକେଇ କରି ନେଇଯାଇଥିଲେ। ଏନେଇ ପ୍ରଭାତୀ କୋରେଇ ଥାନାରେ ଅଭିଯୋଗ କରିଥିଲେ। କୋରେଇ ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ୨୨୬/୨୬ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଥିଲେ । ଅଭିଯୁକ୍ତ ଅବିନାଶ ସାହୁ ନକଲି ପୁଲିସ ଓ ବିଭିନ୍ନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହିତ ଏଆଇରେ ଫଟୋ ରଖି ନକଲି ପରିଚୟ ପତ୍ର ବନାଇ ବିଭିନ୍ନ ଲୋକଙ୍କ ଠାରୁ ଚାକିରି ଏବଂ ବିଭିନ୍ନ ପ୍ରଲୋଭାନ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟିଥିବା ଜାଣିବାକୁ ପାଇଥିଲେ । ପୁଲିସ ଅଭିଯୁକ୍ତଙ୍କ ଠାରୁ ଏକ ନକଲି ପୁଲିସ ଡ୍ରେସ, ଜୋତା, ଆଇକାର୍ଡ ଓ ମୋବାଇଲ ଜବତ କରିବା ସହ କୋର୍ଟ ଚାଲାଣ କରିଥିବା ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ ଏକ ପ୍ରେସ ମିଟ ଜରିଆରେ ସୂଚନା ଦେଇଛନ୍ତି।

## ଦୁଷ୍କର୍ମ ମାମଲାରେ ୩ ଅଭିଯୁକ୍ତ ଗିରଫ



ସୁନ୍ଦରଗଡ଼,୧୭।୬ (ସଂଚାର ବ୍ୟୁରୋ): ଜୁନ ୧୭ ତାରିଖ ଧରୁଆଡିହି ଥାନା ଅଂଚଳର ଜଣେ ନାବାଳିକା ଦୁଷ୍କର୍ମ ଘଟଣା ଥାନାକୁ ଆସିବାର ଠିକ୍ ତିନି ଘଣ୍ଟା ମଧ୍ୟରେ ସମସ୍ତ ୩ ଦୁଷ୍କର୍ମକାରୀଙ୍କୁ ପୁଲିସ ଗିରଫ କରିଛି। ୩ ଜଣ ଯାକ ଦୁଷ୍କର୍ମକାରୀ ଧରୁଆଡିହି ଥାନା ଅନ୍ତର୍ଗତ ତଳସରା ଗାଁର ବୋଲି ଜଣାପଡିଛି। ତେବେ ଏହି ଅଭାବନୀୟ ଓ ଲଜ୍ଜାକର ଘଟଣା ଗତକାଲି ଅପରାହ୍ନରେ ଘଟିଥିଲା। ପୀଡ଼ିତା ଓ ତାଙ୍କ ମା ଧରୁଆଡିହି ଥାନାରେ ପହଞ୍ଚି ଲିଖିତ ସୂଚନା ଦେଇଥିଲେ। ଧରୁଆଡିହି ପୁଲିସ ସଦର ଏସଡିପିଓଙ୍କୁ ସଙ୍ଗେ ସଙ୍ଗେ ସୂଚନା ଦେଇଥିଲେ। ସଦର ଏସଡିପିଓ ଏସ୍ପିଙ୍କୁ ସୂଚନା ଦେବା ପରେ ଘଟଣାସ୍ଥଳକୁ ପୁଲିସ ପହଞ୍ଚିବା ସହ ଆଖ ପାଖ ଅଞ୍ଚଳ ସୀଲ୍ କରି ଅପରେସନ ଜାରି ରଖିବା ସହ ସମସ୍ତ ୩ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ବୟସ ଯଥା କ୍ରମେ - ୨୩,୨୪ ଓ ୨୫ ବର୍ଷ। ଏ ନେଇ ଧରୁଆ ଡିହି ଥାନା କେଶ ନମ୍ବର -୧୨୫ ରେ ଏକ ମାମଲା ରୁଜୁ କରାଯାଇ ତିନି ଅଭିଯୁକ୍ତଙ୍କୁ ଦଫା - ୭୦(୨)/୭୭/୩୫୧(୨) ବିଏନ୍ଏସ୍ ଓ ୬ ପସ୍କୋ ଆକ୍ଟରେ ଗିରଫ କରାଯାଇଥିବା କଥା ଏସପି ଅମ୍ରିତା ପାଲ କୌର ସୂଚନା ଦେଇଛନ୍ତି।

## ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ



ହିଞ୍ଜିଳିକାଟୁ,୧୭।୬ (ସଂଚାର ବ୍ୟୁରୋ): ବୁଧବାର ଦିନ ହିଞ୍ଜିଳି ପୁଲିସ ଦିନବେଳେ ପାଟ୍ରୋଲିଂ ବେଳେ ବେଆଇନ ଚୋରା ଚାଲାଣ ଅଭିଯୋଗରେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ଗାଡି ଚାଳକଙ୍କୁ ଅଟକ ରଖି ପଚରା ଉଚୁରା କରୁଛି | ଏନେଇ ହିଞ୍ଜିଳି ଥାନାରେ କେସ ନଂ ୪୨୦/୨୬ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି |

## ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା



**ଡାକ୍ତରଙ୍କୁ ମାଡ଼ ଅଭିଯୋଗ**

ମାଲକାନଗିରି, ୧୭।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଗର୍ଭବତୀ ମହିଳାଙ୍କ ଅକାଳ ମୃତ୍ୟୁକୁ ନେଇ ବୁଧବାର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା। ମୃତକଙ୍କ ପରିବାର ଲୋକେ ଚିକିତ୍ସାରେ ଅବହେଳା ହୋଇଥିବା ଅଭିଯୋଗ କରି ଡ୍ୟୁଟିରେ ଥିବା ଡାକ୍ତରଙ୍କ ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଘଟଣାକୁ କେନ୍ଦ୍ର କରି କିଛି ସମୟ ପାଇଁ ହସ୍ପିଟାଲ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା।

ପ୍ରାପ୍ତ ସୂଚନା ଅନୁସାରେ, ଏମ୍.ଭି.-୪୩ ଗ୍ରାମର ବାସିନ୍ଦା ବନ୍ଦନା ମଣ୍ଡଳ ନାମକ ଜଣେ ଗର୍ଭବତୀ ମହିଳାଙ୍କୁ ସାପ କାମୁଡ଼ିଥିବା ସନ୍ଦେହରେ ପରିବାର ସଦସ୍ୟମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ସିଦ୍ଧାର୍ଥ ଭୋଳ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରାଥମିକ ଯାଞ୍ଚରେ ମହିଳାଙ୍କ ଅବସ୍ଥା ସାଧାରଣ ଥିବା ଜଣାପଡ଼ିଥିଲା। ତଥାପି ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ହସ୍ପିଟାଲରେ ପର୍ଯ୍ୟବେକ୍ଷଣ ଅଧୀନରେ ରଖିବାକୁ ପରାମର୍ଶ ଦିଆଯାଇଥିଲା। ମାତ୍ର ପରିବାର ଲୋକେ କୌଣସି ସୂଚନା ନଦେଇ ରୋଗୀଙ୍କୁ ଘରକୁ ନେଇ ଯାଇଥିଲେ। ପରଦିନ ସକାଳେ ବନ୍ଦନାଙ୍କ ଶାରୀରିକ ଅବସ୍ଥା ଖରାପ ହୋଇଯିବାରୁ ପୁଣି ତାଙ୍କୁ ହସ୍ପିଟାଲକୁ ଅଣାଯାଇଥିଲା। ତେବେ ଚିକିତ୍ସାଳୟରେ ପହଞ୍ଚିବା ପରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

# କାର୍ଯ୍ୟକ୍ଷମ ହେଉନି ପାନୀୟ ଜଳ ଯୋଗାଣ ପ୍ରକଳ୍ପ



**ଅଭିଯୋଗ ପରେ ବି ହେଉନି ସମସ୍ୟାର ସମାଧାନ**

**ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ**

ଫୁଲବାଣୀ,୧୭।୬ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ରାଜ୍ୟ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଜଳ ଓ ପରିମଳ ବିଭାଗ ଦ୍ୱାରା ଜଳ ଜଳଯୋଗାଣ ପ୍ରକଳ୍ପ ଗୁଡ଼ିକ ନିର୍ମାଣ କରୁଛନ୍ତି। ପ୍ରକଳ୍ପ ନିର୍ମାଣ ମଧ୍ୟ ହେଉଛି। କିନ୍ତୁ ବିଭାଗୀୟ ଅବହେଳା ପାଇଁ ଏହି ପ୍ରକଳ୍ପ ଗୁଡ଼ିକ କାମ ସାରିବାର ବର୍ଷବର୍ଷ ବିତିଯାଉଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନି। ଯାହା ପାଇଁ ବିଶୁଦ୍ଧ ପାନୀୟ ଜଳ ପାଇବା ଆଶାରେ ଥିବା ଉପାନ୍ତ ଅଞ୍ଚଳରେ ବସବାସ କରି ଆସୁଥିବା ଗ୍ରାମବାସୀମାନଙ୍କ ଆଶା ଆଶାରେ ହିଁ ରହିଯାଉଛି । ଏଭଳି ଏକ ଜଳ ଯୋଗାଣ ପ୍ରକଳ୍ପ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା କୁଏରୀମାଣ୍ଡୁ ପଞ୍ଚାୟତରେ।

ଏହି ପଞ୍ଚାୟତର ଚାରି ନମ୍ବର ୱାର୍ଡରେ ଥିବା ଡୁମେରକେତା, ଦକାଡି ଓ ଗାଞ୍ଜେରୀପଡା ଗ୍ରାମବାସୀଙ୍କ ପାଣି ସମସ୍ୟାକୁ ଦୂର କରିବା ପାଇଁ ବାରମ୍ବାର ଅଭିଯୋଗ ପରେ ବ୍ଲକ ପ୍ରଶାସନ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏକ ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ତେବେ ପ୍ରକଳ୍ପଟିର କାର୍ଯ୍ୟ ସରିବାର ପ୍ରାୟ ୫ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇପାରିଲାନାହିଁ । ଯାହା ଫଳରେ ଏହି ୱାର୍ଡରେ ରହିଆସୁଥିବା ତିରିଶଟି ପରିବାର ଏବେ ଯଥା ପୂର୍ବଂ ତଥା ପରମ ନୀତିରେ ବର୍ଷ ସାରା ଜଳ କଷ୍ଟ ଭୋଗୀ ଆସୁଛନ୍ତି। ପୂର୍ବ ପରି ଗାଁ ପାଖରେ ଥିବା ନଦୀ, ନାଳ କିମ୍ବା ଗାଁରେ ଥିବା ଏକ ପରିତ୍ୟକ୍ତ କୁଅର ପାଣିକୁ ବ୍ୟବହାର କରିବା ପାଇଁ ବାଧ୍ୟ ହେଉଛନ୍ତି ।

ସେପଟେ ଏହି ଜଳ ଯୋଗାଣ ପ୍ରକଳ୍ପକୁ ଚାଲୁ କରିବା ପାଇଁ ବହୁବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ଖାମଖିଆଲି ମନବୃତ୍ତି ଯୋଗୁଁ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇପାରୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ତେବେ ଆଗାମୀ କିଛିଦିନ ମଧ୍ୟରେ ଏହି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ନହଲେ ଗ୍ରାମବାସୀମାନେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

# ଯୁଗୀଯୁଗେନ ଡ୍ୟାମକୁ ଲୋକଙ୍କ ବିରୋଧ



ସୁନ୍ଦରଗଡ଼,୧୭।୬ (ସଂଚାର ବ୍ୟୁରୋ): ସୁନ୍ଦରଗଡ ଜିଲ୍ଲା ସବଡେଗା ବ୍ଲକ କଟଙ୍ଗଡ଼ିହି ଠାରେ ହେବାକୁଥିବା ଇବ ନଦୀବନ୍ଧ ଯୋଜନାକୁ ଲୋକଙ୍କ ବିରୋଧ। ଏହି ନଦୀ ବନ୍ଧ ହେଲେ ୪୦ଟି ଗାଁ ପାଣିରେ ବୁଡିବ। ଯେଉଁଥିରେ ଏକର ଏକର ଜମି ସହିତ ଲକ୍ଷ ଲକ୍ଷ ଲୋକ ବାସହରା ହେବେ। ଏହାକୁ ନେଇ ୪୦ଟି ଗାଁର ଲୋକେ ତୀବ୍ର ପ୍ରତିବାଦ କରିଛନ୍ତି। ଜୀବନ ପଛେ ଦେଇଦେବୁ କିନ୍ତୁ ଜାଗା ଜମିନ ଛାଡିବୁ ନାହିଁ କହି ସରକାରଙ୍କ ଏହି ଯୋଜନାକୁ ବିରୋଧ କରିଛନ୍ତି।

ଏ ବିଷୟକୁ ନେଇ ୧୭ ତାରିଖ ବୁଧବାର ସବଡେଗା ବଷ୍ଟାଣ୍ଡ ଠାରେ ବୁଡି ଗ୍ରାମର ଲୋକଙ୍କୁ ନେଇ ଏକ ବିରାଟ ସଭାର ଆୟୋଜନ କରିବାର ସବଡେଗା ଯୁଗୀଯୁଗେନ ସଂଗ୍ରାମ ସମିତି ତରଫରୁ ଡାକରା ଦିଆଯାଇଥିଲା। ଏହା ଜାଣି ୧୬ ତାରିଖରେ ତଳସରାର ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ସୋସିଆଲ ମିଡ଼ିଆରେ ଯୁଗୀଯୁଗେନ ଡ୍ୟାମ ହେବ ନାହିଁ ଅଯଥା କଥା ଶୁଣି ବିଭ୍ରାନ୍ତ ହୁଅନାହିଁ ବୋଲି ଲୋକଙ୍କୁ ବୁଝାଇ ପ୍ରତିଶ୍ରୁତି ଦେଇଥିଲେ।

ହେଲେ ଆଜି ସବଡେଗା ବସ୍ଷ୍ଟାଣ୍ଡ ଠାରେ ଶହ ଶହ ମହିଳା ଓ ପୁରୁଷ ଯୋଗଦେଇ ଏକ ବିରାଟ ସଭା କରିଥିଲେ। ସଭାରେ ବିଧାୟକ ତଥା ଉପ ବାଚସ୍ପତିଙ୍କ ପ୍ରତିଶୃତିକୁ ରକ୍ଷା କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଆମକୁ କୁହନ୍ତୁ କି ଏହି ଡେମ କେବେ ଏହି ଯାଗାରେ ହେବନାହିଁ ତାହେଲେ ଏହି ଆନ୍ଦୋଳନ ବନ୍ଦ ହେବ। ନଚେତ ଏ ଆନ୍ଦୋଳନ ଗଣ ଆନ୍ଦୋଳନର ରୂପନେବ ବୋଲି ଜଳ ସମାଧି ଅଞ୍ଚଳର ଲୋକେ କହିଛନ୍ତି। ସଭା ପରେ ସଭା ସ୍ଥଳରୁ ଏକ ରାଲି କରି ଡେମ ବନ୍ଦ କରାଯାଉ ବୋଲି ସ୍ଲୋଗାନ ଦେଇ ବ୍ଲକରେ ପହଁଞ୍ଚି ବିଡିଓଙ୍କ ଜରିଆରେ ଏକ ଚିଠି ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି।

## ସାନ୍ଦିପନୀ ଚୌଧୁରୀଙ୍କୁ ଇଂରାଜୀ ସାହିତ୍ୟରେ ଡକ୍ଟରେଟ୍ ସମ୍ମାନ



ଭୁବନେଶ୍ୱର, ୧୭।୬ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ ସୋସିଆଲ୍ ସାଇନସ୍ ଓ ହ୍ୟୁମାନିଟିଜ୍ ବିଭାଗର ଇଂରାଜୀ ବିଭାଗର ଗବେଷକ ଛାତ୍ର ଶ୍ରୀଯୁକ୍ତ ସାନ୍ଦିପନି ଚୌଧୁରୀଙ୍କୁ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରାଯାଇଛି।

ତାଙ୍କର ସନ୍ଦର୍ଭଟି ମାଲେସିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ନୟନଦିପ୍ ସିଂ କନୱାଲ୍ଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଛି। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଆମେରିକାର ବିଶିଷ୍ଟ ଔପନ୍ୟାସିକ କୋର୍ମାକ୍ ମାର୍କକାର୍ଥିଙ୍କ ଉପନ୍ୟାସର ବର୍ଣ୍ଣନାଧର୍ମୀ ଶୈଳୀ ଉପରେ ଶ୍ରୀ ଚୌଧୁରୀ ଯେଉଁ ମୌଳିକ ଉପାଦେୟ ମୂଳକ ତଥ୍ୟ ଉପସ୍ଥାପନ କରିଛନ୍ତି ତାହା ବେଶ୍ ସୁଦୃଢ଼ ଓ ସଶକ୍ତ ଭିତିଭୂମି ଉପରେ ପ୍ରତିଷ୍ଠିତ ବୋଲି ଶ୍ରୀ ସିଂ ମତବ୍ୟକ୍ତ କରିଛନ୍ତି।

ହରିୟାନାସ୍ଥ ସେଂଟ୍ରାଲ୍ ୟୁନିଭରସିଟିର ପ୍ରଫେସର୍ ଡକ୍ଟର ତନୁ ଗୁପ୍ତା ସନ୍ଦର୍ଭଟିର ଗୁଣାତ୍ମକ ମୂଲ୍ୟବୋଧ ଓ ନିଷ୍କର୍ଷରେ ମୌଳିକତା ସ୍ପଷ୍ଟ ପରିଲକ୍ଷିତ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି।

ଶ୍ରୀ ଚୌଧୁରୀ ସୋଆ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡକ୍ଟର ସ୍ୱୟଂପ୍ରଭା ଶତପଥୀଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଦୀର୍ଘ ୪ବର୍ଷରୁ ଅଧିକ ସମୟ ଧରି ଗବେଷଣା କରିଆସୁଥିଲେ। ଏଠାରେ ଉଲ୍ଲେଖଯୋଗ୍ୟଯେ, ସୋଆର ଅନେକ ଛାତ୍ରଛାତ୍ରୀ ସେମାନଙ୍କ ଉଚ୍ଚ ଗବେଷଣା କାର୍ଯ୍ୟ ନିମନ୍ତେ ବିଶ୍ୱର ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କ ଦ୍ୱାରା ପ୍ରଶଂସିତ ହୋଇ ବିଶ୍ୱବିଦ୍ୟାଳୟର ଗର୍ବ ଓ ଗୌରବର ପରମ୍ପରା ବଜାୟ ରଖିଛନ୍ତି।

## ଆଦିବାସୀ ଓ ଦଳିତ ଠିକା ଓ ପରିବହନ ସଂସ୍ଥା ସଭାପତିଙ୍କୁ ଆକ୍ରମଣ, ରାଜସ୍ୱ ମନ୍ତ୍ରୀଙ୍କୁ ଦାବୀପତ୍ର



ସୁନ୍ଦରଗଡ଼,୧୭।୬ (ସଂଚାର ବ୍ୟୁରୋ): ଗତ ମେ ମାସ ଆଠ ତାରିଖ ଦିନ ପାଉଁଶ ପରିବହନରେ ପ୍ରତି ଗାଡ଼ିରୁ ବେଆଇନ ଭାବେ ଟଙ୍କା ଆଦାୟକୁ ବିରୋଧ କରୁଥିବା ଆଦିବାସୀ ଦଳିତ ପରିବହନ ଓ ଠିକା ସଂସ୍ଥାର ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କର ଗୋଡ଼ ଭାଙ୍ଗି ଦେଇଥିଲେ। ଏହି ଘଟଣା ନେଇ ସଭାପତି ଦିଲ୍ଲୀପ କୁମରା ଭସ୍ମାଥାନାରେ ସୁରଜ ପଟେଲ, ବିଶ୍ୱ ମାଝୀ ଓ ପ୍ରକାଶ ଦାସଙ୍କ ନାମରେ ଏତଲା ଦେଇଥିଲେ କିନ୍ତୁ ପୁଲିସ ଏହି ଘଟଣାରେ ଅନ୍ୟ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଦେଲା। ଏହାକୁ ବିରୋଧ କରି ଗତକାଲି ଶହ ଶହ ଆଦିବାସୀ ଦଳିତ ସମାଜ ତରଫରୁ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଏତଲାରେ ନା ଥିବା ତିନି ଜଣକୁ ଗିରଫ ଦାବୀ କରିଥିଲେ।

ଆଜି ସୁନ୍ଦରଗଡ଼ ଗସ୍ତରେ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଆଦିବାସୀ ଦଳିତ ସଂସ୍ଥାର କାର୍ଯ୍ୟକର୍ତ୍ତା ଭେଟି ଘଟଣାରେ ଜଡିତ ଆସାମୀ ମାନଙ୍କୁ ଗିରଫ ସହ ବେଆଇନ ଭାବେ ତିନି ଶହ ଟଙ୍କା ଚାନ୍ଦା ଆଦାୟ ବନ୍ଦ ନେଇ ଏକ ଦାବିପତ୍ର ଦେଇଛନ୍ତି।

## ଚନ୍ଦାହାଣ୍ଡିରେ ଜନଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର/ଚନ୍ଦାହାଣ୍ଡି,୧୭।୬ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି ଏବଂ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ଶବର ଯୁଗ୍ମ ଭାବେ ଅଧ୍ୟକ୍ଷତା କରିଥିଲେ।

ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଉପଜିଲ୍ଲାପାଳ ଶରତ କୁମାର ମାଝୀ, ଚନ୍ଦାହାଣ୍ଡି ବିଡିଓ ଚୈନ୍ନୁ ଗଣ୍ଡ, ତହସିଲଦାର ସହଦେବ କୁଟ୍ରୁକାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ମୋଟ ୬୨ଟି ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଏବଂ ୧୪ଟି ଗ୍ରାମ୍ୟ ଓ ସାମୂହିକ ସମସ୍ୟା ସମ୍ବନ୍ଧୀୟ ଆବେଦନ ଥିଲା। ପ୍ରାପ୍ତ ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ଜଣେ ଅସହାୟ ବ୍ୟକ୍ତିଙ୍କୁ ଚିକିତ୍ସା ବାବଦରେ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା।

# ଟିକସ ବକେୟା ଥିବା ଗାଡ଼ିକୁ ବାହାର ରାଜ୍ୟର ଫିଟନେସ ପ୍ରମାଣପତ୍ର

**କେବେ ଚେତିବ ପରିବହନ ବିଭାଗ ?**



କୋରାପୁଟ,୧୭।୬ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଟିକସ ଓ ବିଭିନ୍ନ ଫି ଫାଙ୍କିବା ପାଇଁ କିଛି ଗାଡ଼ି ମାଲିକ ଓ ଦଲାଲମାନେ ଏବେ ଏକ ନୂତନ କୌଶଳ ଅବଲମ୍ବନ କରୁଥିବା ଅଭିଯୋଗ ଆସିଛି। ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ପରିବହନ କାର୍ଯ୍ୟାଳୟରେ ପଞ୍ଜୀକୃତ ଥିବା ଟିକସ ବକେୟା ବ୍ୟବସାୟିକ ଭାରୀ ଓ ହାଲୁକା ଯାନଗୁଡ଼ିକ ପାଇଁ ବାହାର ରାଜ୍ୟର ସ୍ୱୟଂଚାଳିତ ଫିଟନେସ୍ ପରୀକ୍ଷା କେନ୍ଦ୍ରରୁ ଫିଟନେସ୍ ସାର୍ଟିଫିକେଟ୍ ହାସଲ କରାଯାଉଥିବା ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁସାରେ, ଏହି ସ୍ୱୟଂଚାଳିତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଗାଡ଼ିର ଯାନ୍ତ୍ରିକ ସ୍ଥିତି ଯାଞ୍ଚ ହେଉଥିବାବେଳେ ଟିକସ ବକେୟା କିମ୍ବା ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚର ବ୍ୟବସ୍ଥା ନଥିବାରୁ କିଛି ଅସାଧୁ ଦଲାଲ ଏହାର ସୁଯୋଗ ନେଉଛନ୍ତି। ଫଳରେ ଲକ୍ଷାଧିକ ଟଙ୍କାର ଟିକସ ବକେୟା ଥିବା ଗାଡ଼ିଗୁଡ଼ିକ ସହଜରେ ଫିଟନେସ୍ ପ୍ରମାଣପତ୍ର ପାଇ ରାସ୍ତାରେ ଚଳାଚଳ କରୁଛି। ଗତବର୍ଷ କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନିୟୋଜିତ ବାହାର ରାଜ୍ୟର ଠିକା ସଂସ୍ଥା “ସାଇ ଗଣେଶ” ବିରୋଧରେ ଲକ୍ଷାଧିକ ଟଙ୍କାର ଟିକସ ଫାଙ୍କିବା ଅଭିଯୋଗ ଆସିବା ପରେ କୋରାପୁଟ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଓଡ଼ ୧୦ ଏଲ ୩୭୩୭ ଓ ଓଡି ୧୦ ଏଲ ୩୯୩୯ ନମ୍ବର ବିଶିଷ୍ଟ ଦୁଇଟି ବସ୍ ଜବତ କରାଯାଇଥିଲା। ପରେ ସଂସ୍ଥା ପକ୍ଷରୁ ୪ ଲକ୍ଷ ଟଙ୍କାରୁ ଅଧିକ ବକେୟା ଟିକସ ଜମା କରାଯାଇଥିବା ବେଳେ ଅବଶିଷ୍ଟ ଟିକସ ପୈଠ କରିବା ପାଇଁ ସମୟ ଦେଇ ବସ୍ ଦୁଇଟିକୁ ଛାଡ଼ି ଦିଆଯାଇଥିଲା।

କିନ୍ତୁ ଅଭିଯୋଗ ହେଉଛି ଯେ, ପରବର୍ତ୍ତୀ ସମୟରେ ସଂସ୍ଥା ଅବଶିଷ୍ଟ ଟିକସ ପୈଠ ନ କରି ଜଣେ ବିତାଡ଼ିତ ଅସ୍ଥାୟୀ କର୍ମଚାରୀ ତଥା ଦଲାଲଙ୍କ ସହାୟତାରେ ବାହାର ରାଜ୍ୟର ଏକ ସ୍ୱୟଂଚାଳିତ ଫିଟନେସ୍ କେନ୍ଦ୍ରରୁ ଫିଟନେସ୍ ପ୍ରମାଣପତ୍ର ହାସଲ କରିଥିଲା। ଏହାକୁ ନେଇ ପରିବହନ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ଉକ୍ତ ଠିକା ସଂସ୍ଥା ଓଡି ୧୦ ଏଲ ୩୩୭୭ ନମ୍ବର ବିଶିଷ୍ଟ ଏକ ବସ୍କୁ, ଯାହା ପୂର୍ବରୁ କଣ୍ଟ୍ରାକ୍ଟ କ୍ୟାରେଜ୍ ଶ୍ରେଣୀରେ ପଞ୍ଜୀକୃତ ଥିଲା, ତାହାକୁ ସ୍କୁଲ ବସ୍ ଶ୍ରେଣୀକୁ ପରିବର୍ତ୍ତନ କରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଭଡ଼ା ସୂତ୍ରରେ ନିୟୋଜିତ କରିଥିବା ଅଭିଯୋଗ ମଧ୍ୟ ହୋଇଛି।

ଏଭଳି ଭାବେ ଅନେକ ବ୍ୟବସାୟିକ ଯାନ ଟିକସ ଫାଙ୍କି ଚାଲୁଥିବାରୁ ରାଜ୍ୟ ସରକାରଙ୍କର ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ଅଭିଯୋଗ ଉଠିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଗଲେ ଟିକସ ଫାଙ୍କିବା ପ୍ରବୃତ୍ତି ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ହିଞ୍ଜିଳିରେ ‘ବିକାଶର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ




ହିଞ୍ଜିଳିକାଟୁ,୧୭।୬ (ସଂଚାର ବ୍ୟୁରୋ): ‘ବିକାଶର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷ ଗୃହରେ ବୁଧବାର ଦିନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷ ସରସ୍ୱତୀ ସେଠି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକ ଷଡ଼ଙ୍ଗୀ, ତହସିଲଦାର ତପନ କୁମାର ମହାପାତ୍ର, ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀ, ଏବିଡିଓ ଅରୁଣ କୁମାର ପ୍ରଧାନ, ଡାକ୍ତର ସନ୍ତୋଷ କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମ୍ମିଳନୀରେ ଗତ ଦୁଇ ବର୍ଷ ମଧ୍ୟରେ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷ କରି ପାନୀୟ ଜଳ, ଗ୍ରାମ୍ୟ ରାସ୍ତା ନିର୍ମାଣ,ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ ପ୍ରକଳ୍ପର ଅଗ୍ରଗତି ଉପରେ ଏହି ବୈଠକରେ ଆଲୋକପାତ କରାଯାଇଥିଲା। ଏହାସହ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ଏବଂ ଆଗାମୀ ଦିନ ପାଇଁ ନୂତନ ପ୍ରକଳ୍ପ ଗୁଡ଼ିକର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବାବଦରେ ଲୋକଙ୍କୁ ସୂଚନା ଓ ସରକାରଙ୍କ ଉପଲବ୍ଧ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ବ୍ଲକର ସମସ୍ତ କର୍ମଚାରୀ ଏବଂ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଓ ଭଦ୍ରବ୍ୟକ୍ତି ଯୋଗ ଦେଇଥିଲେ।

## ନିମାପଡ଼ା ପ୍ରେସ କ୍ଲବର ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ

ନିମାପଡ଼ା,୧୭।୬ (ସଂଚାର ବ୍ୟୁରୋ): ନିମାପଡ଼ାର ଏକମାତ୍ର ସର୍ବପୁରାତନ ସାମ୍ବାଦିକ ଅନୁଷ୍ଠାନ ନିମାପଡ଼ା ପ୍ରେସକ୍ଲବର ସାଙ୍ଗଠନିକ ନିର୍ବାଚନ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ୩୮ଜଣ ସଭ୍ୟ/ ସଭ୍ୟାଙ୍କୁ ନେଇ ଗଠିତ ନିମାପଡ଼ା ପ୍ରେସକ୍ଲବର ଏହି ସଂଘର୍ଷପୂର୍ଣ୍ଣ ନିର୍ବାଚନରେ ପୂର୍ବତନ ସଭାପତି ଅକ୍ଷୟ କୁମାର ବେହେରା ତାଙ୍କ ପ୍ରତିଦ୍ୱନ୍ଦୀ ଚିତ୍ତରଞ୍ଜନ ମହାନ୍ତିଙ୍କ ଠାରୁ ୧୦ଟି ଅଧିକ ଭୋଟ ପାଇ ପୁନର୍ବାର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ତାଙ୍କ ପ୍ରତିଦ୍ୱନ୍ଦୀ ଅରୁଣ ମହାପାତ୍ରଙ୍କ ଠାରୁ ୮ଟି ଅଧିକ ଭୋଟ ପାଇ ଉପସଭାପତି ଭାବେ ଏବଂ ପ୍ରଦ୍ୟୁମ୍ନ ବେହେରା ତାଙ୍କ ପ୍ରତିନିଧି ଜୋସେଫ ଲେଙ୍କାଙ୍କ ଠାରୁ ୧୪ଟି ଅଧିକ ଭୋଟ ପାଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏଥିସହିତ ରମାକାନ୍ତ ବେହେରା ସମ୍ପାଦକ ଏବଂ ବିଶ୍ୱଜିତ ମିଶ୍ର ସହ ସମ୍ପାଦକ ଭାବେ ଅପ୍ରତିଦ୍ୱନ୍ଦି ଭାବେ ବିଜୟଲାଭ କରିଥିଲେ। ନବ ନିର୍ବାଚିତ ସଭାପତି ଅକ୍ଷୟ ବେହେରା ଅନୁମୋଦନ କ୍ରମେ ନିମାପଡା ପ୍ରେସ କ୍ଲବର ସଂଗଠନ ସମ୍ପାଦକ ଭାବେ ପୁନର୍ବାର ସୁଦର୍ଶନ ବେହେରାଙ୍କୁ ମନୋନୀତ କରାଯାଇଥିଲା।

ଏହି ନିର୍ବାଚନକୁ ସୁଚାର ରୂପେ ପରିଚାଳନା କରିଥିଲେ ବରିଷ୍ଠ ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ଜୟଦେବ ମିଶ୍ର।

# ଦୁଇ ବର୍ଷ ପୂର୍ତ୍ତିରେ ବ୍ୟାନର୍ ଦିଶିଲା, ଅସ୍ତରଙ୍ଗରେ ବିକାଶ ଶୂନ

**ପାଣି ନାହିଁ, ଡାକ୍ତର ନାହାନ୍ତି, ଷ୍ଟାଡିୟମ୍ ନାହିଁ**



କାକଟପୁର/ଅସ୍ତରଙ୍ଗ,୧୭।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ପରିସରରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଧୂମଧାମ୍‌ରେ ପାଳନ ହେଉଛି। "ବିକାଶ ଯାତ୍ରା, ଓଡ଼ିଶା ଯାତ୍ରା" ବ୍ୟାନର୍, ଷ୍ଟଲ୍, ପ୍ରଦର୍ଶନୀ, ଫଟୋ ସେସନ୍ - ସବୁ ଅଛି। ବ୍ୟାନର୍‌ରେ ବଡ଼ ଅକ୍ଷରରେ ଲେଖା ହୋଇଛି ସଫଳତା। କିନ୍ତୁ ଅସ୍ତରଙ୍ଗ ମାଟିରେ ପାଦ ରଖିଲେ ଦେଖାଯାଉଛି ଶୂନ ପ୍ରତିଶତ ବିକାଶ।

ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରଶ୍ନ ସିଧା - ଦୁଇ ବର୍ଷରେ କ'ଣ ହେଲା ବିକାଶ? ଅସ୍ତରଙ୍ଗ ବ୍ଲକ୍‌ରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି। ଅସ୍ତରଙ୍ଗ ବଜାରରେ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଲୋକେ ଖରାଦିନେ ପାଣି ପାଇଁ ମାଇଲ ମାଇଲ ଦୌଡୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଯାହା ହେଉଛି କେବଳ ରେଫର। ଗର୍ଭବତୀ ମହିଳା, ହୃଦ୍‌ରୋଗୀ, ଦୁର୍ଘଟଣାଗ୍ରସ୍ତ ରୋଗୀ ସବୁ ପୁରୀ କିମ୍ବା ଭୁବନେଶ୍ୱର ଦୌଡୁଛନ୍ତି। ଗୋଲ୍ଡେନ୍ ଆୱାର୍ ମିସ୍ ହେଉଛି।

ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନାହିଁ, ମତ୍ସ୍ୟଜୀବୀଙ୍କ ପାଇଁ ଫିସିଂ ହାର୍ବର ନାହିଁ। ସମୁଦ୍ର କୂଳର ମତ୍ସ୍ୟଜୀବୀ ଧରା ମାଛ ବିକିବାକୁ ନେଇ ବେକାର ହେଉଛନ୍ତି। ଚାଷୀଙ୍କ ଫସଲ ବଜାର ନପାଇ ପଚୁଛି। ଯୁବପିଢ଼ିଙ୍କ ପାଇଁ ଷ୍ଟାଡିୟମ୍ ନାହିଁ। ଆଳଙ୍ଗପୁର ମିନି ଷ୍ଟାଡିୟମ୍ ୫ବର୍ଷ ହେଲା ଅଧାପନ୍ତରିଆ ପଡ଼ିଛି। ଆଦର୍ଶ ବିଦ୍ୟାଳୟର ଛାତ୍ର-ଛାତ୍ରୀ ବସ୍ତା ଭଳି ଅଟୋରେ ଯାତାୟାତ କରୁଛନ୍ତି। ନୂତନ ବସ୍ ଷ୍ଟାଣ୍ଡ ନାହିଁ। ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚୁନି। କୁଜି ନେତା ପ୍ରତ୍ୟେକ ଅଫିସ ବୁଲି ଲୁଟି ଚାଲିଛନ୍ତି।

ଅସ୍ତରଙ୍ଗ ଥାନାରେ ନୂଆ ଥାନା ଅଧିକାରିଣୀ ଯୋଗ ଦେବା ପରଠାରୁ ଚୋରି ବଢ଼ିଛି। ଗତ ୪ ମାସରେ ଅଧିକ ମନ୍ଦିର ଲୁଟ୍ ହୋଇସାରିଲାଣି। ଚୋର ଗୋଟିଏ ବି ଧରା ପଡ଼ିଲାନି। ରାତି ପାଟ୍ରୋଲିଂ ନାହିଁ, ଗୁଇନ୍ଦା ନାହିଁ। ଲୋକେ ରାତି ଜଗୁଛନ୍ତି।

ସବୁଠୁ ବଡ଼ କଥା ହେଲା - ଆଗକୁ ପଞ୍ଚାୟତ ନିର୍ବାଚନ ଅଛି। ତେଣୁ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିକାଶ ବାର୍ତ୍ତା ଦିଆଯାଉଛି। ବ୍ୟାନର୍ ଲାଗୁଛି, ଷ୍ଟେଜ୍ ସଜା ହେଉଛି, ସଭା ହେଉଛି। କିନ୍ତୁ ମାଟିରେ ଗୋଟିଏ ଲୋକ ଙ୍କ ନିକଟରେ ମେଗା ପାନୀୟ ଜଳ ପହଂଚିଲାନି,ଗୋଟିଏ ନୂଆ ବିଶେଷଜ୍ଞ ଡାକ୍ତର, ଗୋଟିଏ ନୂଆ ଷ୍ଟାଡିୟମ୍ ହୋଇନି।

ଲୋକେ କହୁଛନ୍ତି - "ଫଟୋ ପାଇଁ ଉତ୍ସବ, ଭୋଟ୍ ପାଇଁ ପ୍ରତିଶ୍ରୁତି। ଆମକୁ ବ୍ୟାନର୍ ନୁହେଁ, ବିକାଶ ଦିଅନ୍ତୁ"। ବ୍ୟାନର୍‌ରେ ସଫଳତା ଲେଖିଲେ ଲୋକଙ୍କ ପିଇବା ପାଣି ଆସେନି, ରୋଗୀର ଡାକ୍ତର ଆସେନି, ପିଲାର ଷ୍ଟାଡିୟମ୍ ଆସେନି।

ଦୁଇ ବର୍ଷ ପୂର୍ତ୍ତି ପାଳନ ହେଉ, କିନ୍ତୁ ତା' ଆଗରୁ ଅସ୍ତରଙ୍ଗର ମୌଳିକ ସମସ୍ୟାର ସମାଧାନ ହେଉ। ନଚେତ୍ ଲୋକେ ପଞ୍ଚାୟତ ନିର୍ବାଚନରେ ଉତ୍ତର ଦେବେ।

## ନିଆରା ଢଙ୍ଗରେ ସମାଜସେବୀଙ୍କ ଜନ୍ମ ଦିବସ ପାଳିତ



ନୀଳଗିରି,୧୭।୬ (ସଂଚାର ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ କହିଥିଲେ ରକ୍ତ ବିନା କାହାରିକୁ ମରିବାକୁ ଦିଆଯିବ ନାହିଁ । ତାଙ୍କରି ଆଦର୍ଶକୁ ଆଖିଆଗରେ ରଖି ନୀଳଗିରି ବ୍ଲକର ସିଆଡ଼ିମାଳ ପଞ୍ଚାୟତର ସମିତି ସଭ୍ୟାଙ୍କ ୪୩ତମ ଜନ୍ମ ଦିବସକୁ ସ୍ଥାନୀୟ କର୍ମୀମାନେ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଏହି ଅବସରରେ ୪୫ ୟୁନିଟ ରକ୍ତ ସଂଗ୍ରହ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଅନୁରୂପ ଭାବେ ରାଜୀବ ଦାସ ବାବୁ ମଧ୍ୟ କର୍ମୀଙ୍କୁ ଉଦବୋଧନ ଛଳରେ ସବୁବେଳେ ଆମ ରକ୍ତ ବଦଳରେ ଯଦି କାହା ଜୀବନ ବଞ୍ଚିଗଲା ତାହାଠାରୁ ଆଉ ବଡ଼ ପୁଣ୍ୟ କିଛି ନାହିଁ । ଏଇ ନାରା ସବୁ ବେଳେ ଦେଇଥାନ୍ତି ସମାଜସେବୀ ତଥା ଜନ ପ୍ରତିନିଧି ରାଜୀବ ଦାସ ବାବୁ ।

ନୀଳଗିରି ବ୍ଲକ ସିଆଡ଼ିମାଳ ଗ୍ରାମ ପଞ୍ଚାୟତର ଜଣେ ଯୁବ ସମାଜସେବୀ ତଥା ବର୍ତ୍ତମାନର ସମିତି ସଭ୍ୟ ରାଜୀବ ଦାସବାବୁଙ୍କ ୪୩ତମ ଜନ୍ମ ଦିବସକୁ ଆଜି ପଞ୍ଚାୟତ ଅଫିସ ଗୃହରେ ପାଳନ କରାଯାଇଥିଲା। ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଫିତା କାଟି ରକ୍ତ ଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ସ୍ଥାନୀୟ ସରପଞ୍ଚ ସୁରଥ ସିଂ, ନାଏବ ସରପଞ୍ଚ ସାବିତ୍ରୀ ବେହେରା, ନୀଳଗିରି ଲ୍ୟାମ୍ପ ସଭାପତି ନମା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ନୀଳଗିରି ରକ୍ତ ଭଣ୍ଡାର ଅଧିକାରୀ ମନୋଜ କୁମାର ବାରିକ, ଏଲଟି ରାଜେଶ ଦାଶ, ଆଟେଣ୍ଡାସ୍ ଗତି କୃଷ୍ଣ ମହାନ୍ତି, ଡି ଏମ ଏ ସଂଗ୍ରାମ ମହାପାତ୍ର, ଡବ୍ଲୁ ଓ ମଞ୍ଜରୀ ବେହେରା, ଡ୍ରେସର ରାଜେନ୍ଦ୍ର ବେହେରା ପ୍ରମୁଖ ରକ୍ତ ସଂଗ୍ରହରେ ସକ୍ରିୟ ଭୂମିକା ନିଭାଇ ଥିଲେ।

■ ଜଳସମ୍ପଦ ବିଭାଗ ସମ୍ପର୍କରେ ଆଲୋଚନା କଲେ ରାଜ୍ୟପାଳ

# ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାରକୁ ଗୁରୁତ୍ୱ



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ରାଜ୍ୟରେ ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଲୋକ ଭବନରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଅବସରରେ ରାଜ୍ୟପାଳ କହିଛନ୍ତି ଯେ ସୌରଶକ୍ତିଚାଳିତ ଜଳସେଚନ ପମ୍ପର ବ୍ୟାପକ ବ୍ୟବହାର କୃଷକମାନଙ୍କ ଜମିରେ ଜଳସେଚନ ଖର୍ଚ୍ଚ ହ୍ରାସ କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବ ଓ ରାଜ୍ୟର ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲରେ ସହାୟକ ହେବ।

କୃଷକମାନଙ୍କ ମଧ୍ୟରେ ସୌରଚାଳିତ ଜଳସେଚନ ବ୍ୟବସ୍ଥାର ପ୍ରଚାର ଓ ପ୍ରସାର ପାଇଁ ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍ପାଦିତ ଅତିରିକ୍ତ ବିଦ୍ୟୁତକୁ ଗ୍ରିଡ୍କୁ ଯୋଗାଇ ଦିଆଯାଇପାରିବ ଏବଂ ଏହା କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଏକ ଉତ୍ସ ସୃଷ୍ଟି କରିବା ସହ ସ୍ଥାୟୀ କୃଷି ଓ ସ୍ୱଚ୍ଛ ଶକ୍ତି ପଦକ୍ଷେପକୁ ସୁଦୃଢ଼ କରିବ। ପିଏମ୍-କୁସୁମ ଯୋଜନା ସଂପର୍କରେ ସଚେତନତା ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ପାରମ୍ପରିକ ବିଦ୍ୟୁତଚାଳିତ ପମ୍ପ ପରିବର୍ତ୍ତେ ସୌରଚାଳିତ ପମ୍ପ ବ୍ୟବହାରକୁ ବ୍ୟାପକ କରିବା ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ।

ରାଜ୍ୟ ବଜେଟରେ ଜଳ ସମ୍ପଦ ବିଭାଗ ପାଇଁ ୧୪,୫୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାରୁ ରାଜ୍ୟପାଳ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। ଏହା ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବ ଏବଂ କୃଷକମାନଙ୍କ ପାଇଁ ଜଳ ନିରାପତ୍ତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବର୍ଦ୍ଧିତ ବ୍ୟୟବରାଦ ବିଭାଗକୁ ତାହାର କାର୍ଯ୍ୟକ୍ରମଗୁଡ଼ିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟର ଜଳସେଚନ ନେଟୱାର୍କର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଜଳସେଚନ ବ୍ୟବସ୍ଥାର ଟେଲ୍-ଏଣ୍ଡ ଅଞ୍ଚଳଗୁଡ଼ିକରେ, ଯେଉଁଠାରେ କୃଷିଜମିକୁ ପର୍ଯ୍ୟାପ୍ତ ଜଳ ପହଞ୍ଚି ନପାରେ, ସେଠାରେ ମତ୍ସ୍ୟଚାଷର ସମ୍ଭାବନା ଅନ୍ୱେଷଣ କରିବାକୁ ସେ ପରାମର୍ଶ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିଙ୍ଗାପୁର ହାଇକମିଶନର୍

# ଓଡ଼ିଶା-ସିଙ୍ଗାପୁର ସହଭାଗିତା ହେବ ଅଧିକ ସୁଦୃଢ଼

■ ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ହେବ ବ୍ୟବସ୍ଥିତ ମେକାନିଜମ୍

■ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସିଙ୍ଗାପୁର ସ୍ୱାଭାବିକ ପାର୍ଟନର୍



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଆଜି ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ୍ ୱଙ୍ଗଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ବୈଠକ ଦ୍ୱାରା ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ବୈଷୟିକ ସମ୍ଭାବନାକୁ ବାସ୍ତବ ରୂପ ଦେବା ଦିଗରେ ଏକ ଦୃଢ଼ ପଦକ୍ଷେପ ନିଆଯାଇଛି। ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ। ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି। 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ପାର୍ଟନର୍ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାର ସମୃଦ୍ଧ ପୁଞ୍ଜିନିବେଶ ଅନୁକୂଳ ପରିବେଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଏବଂ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣର ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରୀ ୨୦୨୫ରେ ସିଙ୍ଗାପୁରର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିଥିଲା। ଏହି ସମୟରେ ରାଜ୍ୟର ୫ଟି ପ୍ରମୁଖ ବିଭାଗ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ୮ଟି ଏମଓୟୁର ଅଗ୍ରଗତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ତଥା ବିଭିନ୍ନ ପାର୍ଟନର୍ସିପ୍'ର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ସୁ-ବ୍ୟବସ୍ଥିତ ମେକାନିଜିମ୍ ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସେ ଗ୍ରୀନ୍ ଏନର୍ଜି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ।

ଓଡ଼ିଶାରେ ହୋଇଥିବା 'ବ୍ଲୁ ସ୍ୱାନ ସମିଟ' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଯୁବବର୍ଗଙ୍କୁ ଫିନ୍ଟେକ୍ ଓ ଇନ୍ସିଓରଟେକ କ୍ଷେତ୍ରରେ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସିଙ୍ଗାପୁର'ର ସହଯୋଗରେ ଓଡ଼ିଶାରେ ଫିନ୍ଟେକ୍ ଓ ଇନ୍ସିଓର୍ଟେକ କ୍ଷେତ୍ରରେ ଉଦ୍ୟମକୁ ଆହୁରି ସୁଦୃଢ଼ କରାଯିବ। ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ ୱଙ୍ଗ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ରାଜ୍ୟର ପ୍ରଗତି ଏବଂ ଅଭିବୃଦ୍ଧି ଯାତ୍ରାରେ ସେମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ୱଙ୍ଗ ପ୍ରକାଶ କରିଛନ୍ତି।

## ମାଓ ଡମ୍ପରୁ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ



ଫୁଲବାଣୀ,୧୭।୬(ସଂଚାର ବ୍ୟୁରୋ): କୋଟଗଡ଼ ଥାନା ଅନ୍ତର୍ଗତ ଅଦକା ଜଙ୍ଗଲରେ ଥିବା ଏକ ମାଓ ଡମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ଦୁଇଟି ଏସଓଜି ଟିମ୍ ଓ ଏକ ଡିବିଏଫ୍ ଟିମ୍ ମିଳିତ ଭାବେ ଅଦକା ଜଙ୍ଗଲରେ ସର୍ଚ୍ଚ ଅପରେସନ ଚଳାଇଥିଲେ। ଏହି ଅଭିଯାନ ସମୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ଏକ ମାଓ ଡମ୍ପ ଠାବ କରାଯାଇଥିଲା। ସେଥିରୁ ୩ଟି .୩୦୩ ରାଇଫଲ, ଗୋଟିଏ ବୋର ଗନ, ଗୋଟିଏ ସିଙ୍ଗଲ୍ ଶଟ୍ ଗନ, ୩ଟି .୩୦୩ ମାଗାଜିନ୍, ୧୮ଟି .୩୦୩ ଗୁଳି, ୩୫ଟି ୮ ଏମ୍ଏମ୍ ଗୁଳି ସହ ବିଭିନ୍ନ ମାଓବାଦୀ ସାମଗ୍ରୀ ଓ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି। ଏହି ସାମଗ୍ରୀ ଜବତ ହେବା ଫଳରେ ଅଞ୍ଚଳରେ ମାଓବାଦୀଙ୍କ କାର୍ଯ୍ୟକଳାପକୁ ବଡ଼ ଝଟ୍କା ଲାଗିଛି। କନ୍ଧମାଳ ଏସ୍‌ପି ରମେନ୍ଦ୍ର ପ୍ରସାଦ କହିଛନ୍ତି ଯେ ଜିଲ୍ଲାରେ ମାଓବିରୋଧୀ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ଓ ମାଓବାଦୀଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବ। କନ୍ଧମାଳର ଅଦକା ଜଙ୍ଗଲରେ ପୁଲିସର ସଫଳ ଅଭିଯାନ। ଜିଲ୍ଲାରେ ମାଓ ବିରୋଧୀ ଅପରେସନ ଆଗକୁ ମଧ୍ୟ ଜାରି ରହିବ ବୋଲି କନ୍ଧମାଳ ଏସ୍‌ପି ସୂଚନା ଦେଇଥିଲେ।

● ଢାବାରେ ଭୟାବହ ଅଗ୍ନିକାଣ୍ଡ

## ଗ୍ୟାସ ଟାଙ୍କି ଲିକ୍‌ରୁ ନିଆଁ, ୩ ଗୁରୁତର

ରାଇଘର,୧୭।୬(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ରାଇଘର ସଦର ଅଞ୍ଚଳରେ ଥିବା ମାଉଲି ମା' ମନ୍ଦିର ନିକଟସ୍ଥ ଏକ ଢାବାରେ ମଙ୍ଗଳବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ ଟାଙ୍କିରୁ ଗ୍ୟାସ ଲିକେଜ ହେବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡରେ ଢାବାରେ କାର୍ଯ୍ୟରତ ଦୁଇ ଜଣ କର୍ମଚାରୀ ସୁବାସ ହରିଜନ, ଯୋଗେଶ ହରିଜନ ସହ ଢାବା ମାଲିକ ପରିମୋଲ ସିଲ୍ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଢାବାର ରୋଷେଇ ଘରେ ଥିବା ଏକ ଗ୍ୟାସ ଟାଙ୍କିରୁ ହଠାତ୍ ଗ୍ୟାସ ଲିକ୍ ହେବା ଆରମ୍ଭ ହୋଇଥିଲା। କିଛି ସମୟ ମଧ୍ୟରେ ସେଠାରେ ନିଆଁ ଲାଗିଯାଇଥିଲା ଏବଂ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ କର୍ମଚାରୀମାନେ ଓ ଢାବା ମାଲିକ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ, କିନ୍ତୁ ଏହି ସମୟରେ ଦୁଇ ଜଣ କର୍ମଚାରୀ ଓ ଢାବା ମାଲିକ ଗୁରୁତର ଭାବେ ପୋଡ଼ିଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକମାନେ ଓ ପୁଲିସଙ୍କ ସହଯୋଗରେ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ରାଇଘର ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେମାନଙ୍କର ଶରୀରର ବହୁ ଅଂଶ ପୋଡ଼ି ଯାଇଥିବାରୁ ଓ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ଡାକ୍ତରମାନେ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଇପୁର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

## କେନାଲ ପଠାରୁ ମୃତଦେହ ଉଦ୍ଧାର, ୨ ଗିରଫ

ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ପାହାଳ ଥାନା ଅନନ୍ତପୁର-ନିମାପଡ଼ା କେନାଲ ପଠାରେ କ୍ଷତ ବିକ୍ଷତ ଅବସ୍ଥାରେ ଯୁବକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ଭୀମପୁର ମୌଜା ତଳ ଅନନ୍ତପୁର ଗ୍ରାମର ପ୍ରଭାତ ବେହେରା। ପ୍ରଭାତଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଟେନିସ ପାତ୍ର ଓ ତାଙ୍କ ଭାଇ ପ୍ରୀତିଶ ପାତ୍ର। ଅନନ୍ତପୁର-ନିମାପଡ଼ା କେନାଲ ପଠାରେ କ୍ଷତ ବିକ୍ଷତ ଅବସ୍ଥାରେ ପ୍ରଭାତଙ୍କ ମୃତଦେହ ପଡିଥିବା ଖବର ପାଇ ପାହାଳ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା। ମୃତ ଦେହ ପାଖରେ ଗୋଟିଏ ପ୍ଲାଷ୍ଟିକ ପାଇପ୍ ଓ କିଛି ଦୂରରେ ଏକ ସ୍କୁଟି ରହିଥିବା ବେଳେ ଗୋଟିଏ ଭଙ୍ଗା ମୋବାଇଲ ଫୋନ୍ ମିଳିଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସେହି ଜାଗାରେ ପଡ଼ିଥିବା ବିଭିନ୍ନ ଜିନିଷପତ୍ରକୁ ଓ ନମୁନା ସଂଗ୍ରହ କରିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଟେନିସ୍ ଓରଫ ଦେବାଶିଷ ପାତ୍ର ଘରୁ ଡାକି ନେଇ ପ୍ରଭାତଙ୍କୁ ହତ୍ୟା କରିଛନ୍ତି। ଏଥିରେ କେବଳ ଟେନିସ ପାତ୍ର ନୁହେଁ, ଏକାଧିକ ଲୋକ ସମ୍ପୃକ୍ତ ଥିବା ସେମାନେ ଦାବି କରିବା ସହ ଅଭିଯୁକ୍ତଙ୍କୁ ଧରିବା ସହ ନ୍ୟାୟ ଦାବିରେ ନଖରା-ନିଆଳି ମୁଖ୍ୟ ରାସ୍ତାରେ ଟାୟାର ଜାଳି ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଦୀର୍ଘ ୨ଘଣ୍ଟା ରୁ ଅଧିକ ସମୟ ଧରି ରାସ୍ତାରୋକ ହୋଇଥିବା ବେଳେ ଗାଡ଼ି ମୋଟର ଅଟକି ରହିଥିଲା। ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇ ଥିବାରୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଅଧିକ ଫୋର୍ସ ମୁତୟନ କରାଯାଇଥିଲା।

## ତୁଟିଲା ରଥଖଳା କଳି

# ଶ୍ରୀମନ୍ଦିର ପ୍ରଶାସନ-ବିଶ୍ୱକର୍ମା ସେବାୟତ ଆଲୋଚନା ସଫଳ



ପୁରୀ,୧୭।୬(ସଂଚାର ବ୍ୟୁରୋ): ତୁଟିଲା ବିବାଦ ଓ ପୁଣି ଥରେ ଆରମ୍ଭ ହେଲା ରଥକାମ। ରଥଖଳା ବିବାଦ ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବପରି ପୁଣି ଥରେ ରଥଖଳାରେ ଆରମ୍ଭ ହେଲା ତିନି ରଥର ନିର୍ମାଣ କାର୍ଯ୍ୟ। ଅଧଘଣ୍ଟାଏ ଧରି ଚାଲିଥିବା ବୈଠକରେ ହୋଇଥିବା ଆଲୋଚନା ସଫଳ ହୋଇଛି। ଏନେଇ ତିନି ରଥର ମୁଖ୍ୟ ବିଶ୍ୱକର୍ମା ସେମାନଙ୍କ ପ୍ରତିକ୍ରିୟା ରଖିଛନ୍ତି। ଆଲୋଚନା ପରେ ରଥକାଠ ଖେଇ ଆକାରରେ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ସେବାୟତମାନଙ୍କୁ ଅନୁମତି ପ୍ରଦାନ କରିଛି। ରଥ ତତ୍ତ୍ୱାବଧାରକଙ୍କୁ ଦାୟିତ୍ୱରୁ ନ ହଟାଇଲେ ରଥଯାତ୍ରାରେ ରଥ ଗଡ଼ିବନି ବୋଲି କଡ଼ା ଚେତାବନୀ ଦେଇଛନ୍ତି ମୁଖ୍ୟ ବିଶ୍ୱକର୍ମା। ସେପଟେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରତିକ୍ରିୟା ରଖି କହିଛନ୍ତି ଯେ ମୁଖ୍ୟ ବିଶ୍ୱକର୍ମାଙ୍କ ସହ ଆଲୋଚନା ସଫଳ ହୋଇଛି। ଏନେଇ ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ସୂଚନାନୁଯାୟୀ, ସ୍ୱତ୍ୱଲିପି ଆଧାରରେ ରଥର ଚିରଟ କାଠ ଖେଇକୁ ନେଇ ବିଶ୍ୱକର୍ମା ମହାରଣା ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ଆଜି ଅର୍ଥାତ୍ ରଥ ନିର୍ମାଣର ୫୮ତମ ଦିନରେ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ ମହାରଣା ସେବାୟତ। ବିଶ୍ୱକର୍ମା ମହାରଣାଙ୍କ କହିବା ମୁତାବକ, ସ୍ୱତ୍ୱଲିପି ଅନୁଯାୟୀ ସେମାନେ ୪ ଫୁଟରୁ କମ୍ ବଳକା କାଠ ସେମାନେ ଖେଇ ବା ପ୍ରାପ୍ୟ ହିସାବରେ ନେଇଥାନ୍ତି। ତେବେ ଏହା ନ ନେବାକୁ ବାରଣ କରି ଶ୍ରୀମନ୍ଦିର ପ୍ରଶାସନ ନୋଟିସ୍ ଜାରି କରିବା ପରେ ବିବାଦ ଦେଖାଦେଇଥିଲା। ଏହା ସମାଧାନ ନ ହେବା ଯାଏ ରଥ ନିର୍ମାଣ କାର୍ଯ୍ୟ ଚାଲୁ ହେବ ନାହିଁ ବୋଲି ମହାରଣା ସେବାୟତମାନେ ରୋକଠୋକ୍ ଶୁଣାଇଦେଇଥିଲେ। ତେବେ ଶ୍ରୀମନ୍ଦିର ପ୍ରଶାସନ ସହ ତିନି ରଥର ବିଶ୍ୱକର୍ମା ମହାରଣାଙ୍କ ସହ ପ୍ରାୟ ଅଧଘଣ୍ଟାଏ ବୈଠକ ପରେ ଆଲୋଚନା ସଫଳ ହୋଇଛି। ମନ୍ଦିର ପ୍ରଶାସନ ବିଶ୍ୱକର୍ମାଙ୍କ ଖେଇକୁ ଅନୁମତି ପ୍ରଦାନ କରିଛି।

## ୟୁନିଟ୍-୧ ହାଟର ସୁରକ୍ଷା ପାଇଁ ବଡ଼ ପଦକ୍ଷେପ

# ଲାଗିବ ୱାଟର ସ୍ପ୍ରିଙ୍କଲର, ୨୬ କୋଟି ମଞ୍ଜୁର



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ୟୁନିଟ୍-୧ ହାଟରେ ନିଆଁ ଲାଗିବା କ୍ଷଣି ପାଣି ବର୍ଷା ହେବ। ବଡ଼ ବିପଦକୁ ମାତ୍ର କେଇକ୍ଷଣରେ ରୋକାଯାଇପାରିବ। ହାଟରେ ନିର୍ମାଣ ହେବାକୁ ଯାଉଛି ୱାଟର୍ ସ୍ପ୍ରିଙ୍କଲର ସିଷ୍ଟମ ବା ଫାୟାର ଫାଇଟିଂ ସିଷ୍ଟମ। ବିଏମ୍‌ସି ପକ୍ଷରୁ ଖୁବ୍‌ଶୀଘ୍ର ଏହାର କାମ ଆରମ୍ଭ ହେବାକୁ ଯାଉଛି। ୟୁନିଟ୍-୧ ହାଟରେ ଶେଷ ୫ ମାସ ଭିତରେ ଦୁଇ ଥର ଅଗ୍ନିକାଣ୍ଡ ଘଟିଲାଣି। ଏଥିରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଦୋକାନ ପୋଡ଼ି ପାଉଁଶ ହୋଇଛି। ହାଟ ଭିତରେ ଏଭଳି ଅଗ୍ନିକାଣ୍ଡ ରୋକିବାକୁ ବିଏମ୍‌ସି ପକ୍ଷରୁ ମେଗା ପ୍ଲାନ ପ୍ରସ୍ତୁତ କରାଯାଇଛି। ୟୁନିଟ୍-୧ ହାଟରେ ୱାଟର ସ୍ପ୍ରିଙ୍କଲର ଲଗାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡମା) ପକ୍ଷରୁ ବିଏମସିକୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଖୁବଶୀଘ୍ର ଟେଣ୍ଡର ପରେ କାମ ଆରମ୍ଭ ହେବ। ହାଟର ପାର୍କିଂ ଥିବା ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏଥିରେ ବଡ଼ ଭୂତଳ ପାଣି ଟାଙ୍କି ନିର୍ମାଣ କରାଯିବ। ଏଥିସହ ପମ୍ପ ହାଉସ ବି ରହିବ। ହାଟ ଭିତରେ ପୂରା ପାଇପ ଲାଇନ୍ ବିଛାଯିବ। ସବୁ ଦୋକାନ ଆଗରେ ୱାଟର ସ୍ପ୍ରିଙ୍କଲର ଲାଗିବ। କୌଣସି ସ୍ଥାନରେ ଯଦି ନିଆଁ ଲାଗେ, ଆପେ ଆପେ ସେଠାରୁ ପାଣି ବାହାରିବ। ଏଥିପାଇଁ ବିଏମ୍‌ସି, ଓସଡମା ଓ ଅଗ୍ନିଶମ ବିଭାଗର ମିଳିତ ଟିମ୍ ସର୍ଭେ କରିସାରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ, ହାଟ ଭିତରେ ନିଆଁ ଲାଗିବା ଭଳି ବିପଦକୁ ବେଶ୍ ସହଜରେ ଏଡ଼ାଇ ଦିଆଯାଇ ପାରିବ। ହାଟରେ ଥିବା ୧୩ ଶହରୁ ଅଧିକ ଦୋକାନୀ ଏହାଦ୍ୱାରା ଉପକୃତ ହେବ। ଏପରି ଏକ ପଦକ୍ଷେପ ପାଇଁ ହାଟ ସଂଘ ପକ୍ଷରୁ ବିଏମ୍‌ସିକୁ ଧନ୍ୟବାଦ ଦିଆଯାଇଥିବା ଜଣାପଡ଼ିଛି।

# ରାୟଗଡ଼ାରେ ବାଲିଅନ୍ତା ଘଟଣାର ପୁନରାବୃତ୍ତି



● ପିଲାଚୋର ସନ୍ଦେହରେ ଯୁବତୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଲେ

● ହସ୍ପିଟାଲ୍‌ରେ ଭଙ୍ଗାରୁଜା, ପୁଲିସକୁ ଆକ୍ରମଣ: ୩ ମାମଲା ରୁଜୁ

ରାୟଗଡ଼ା,୧୭।୬(ସଂଚାର ବ୍ୟୁରୋ): ଗତକାଲି ରାତି ପ୍ରାୟ ୮ଟା ହେବ। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଂଚଳର ଏକ ଏନଜିଓରେ କାମ କରୁଥିବା ଦିଲ୍ଲୀ ଆଜାଦପୁରର ଯୁବତୀ ଓ ତାଙ୍କ ସହକର୍ମୀ ତଥା ସୁରତ ଅଂଚଳର ଜଣେ ଯୁବକ କୌଣସି କାମରେ ସ୍କୁଟରରେ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଯାଉଥିଲେ। ଗୁଗଲ ମ୍ୟାପ୍ ଦେଖି ସେମାନେ ଯାଉଥିବା ବେଳେ ଭୁଲ୍‌ରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକକୁ ପଶି ଯାଇଥିଲେ। ସେମାନେ ହିନ୍ଦୀରେ କଥା ହେଉଥିବାର ଦେଖି କିଛି ଲୋକ ସନ୍ଦେହରେ ସେମାନଙ୍କୁ ପିଲା ଚୋର ଭାବି ଗୋଡ଼ାଇଥିଲେ। ପ୍ରାୟ ୧୨ କିଲୋମିଟର ଗୋଡ଼ାଇବା ପରେ କଲ୍ୟାଣସିଂହପୁର ସାଇରାମ ନଗରରେ ସେମାନଙ୍କୁ ଶତାଧିକ ଲୋକ ଘେରିଯାଇଥିଲେ। ଆଉ ଲୋକଙ୍କ ଭିଡ଼ ଭିତରୁ କିଛି ଲୋକ ଉଭୟଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ। ଏମିତିକି ଯୁବତୀଙ୍କୁ ମାଡ଼ ମାରିବା ସହ ତାଙ୍କର ପୋଷାକ ଚିରି ଦେଇଥିଲେ। କିଛି ଲୋକ ସମ୍ପୃକ୍ତ ଯୁବତୀ ଓ ଯୁବକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସଫଳ ହୋଇ ପାରି ନ ଥିଲେ।

ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଆହତ ଯୁବକ-ଯୁବତୀଙ୍କୁ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଡାକ୍ତରଖାନାରେ ବି ପହଞ୍ଚି ଲୋକମାନେ ଭଙ୍ଗାରୁଜା କରିଥିଲେ। ଫଳରେ ଡାକ୍ତରଖାନାରେ ଏକ ପ୍ରକାର ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାୟଗଡ଼ା ଏସ୍‌ପି ଓ ଏସ୍‌ଡିପିଓ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହି ଘଟଣାରେ ତିନି ତିନିଟି ମାମଲା ରୁଜୁ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିବା ବେଳେ ଭଙ୍ଗାରୁଜାକୁ ନେଇ ଡାକ୍ତରଖାନା ପକ୍ଷରୁ ଏକ ମାମଲା ହୋଇଛି। ସେହିଭଳି ପୋଲିସ କର୍ମୀଙ୍କୁ ଠେଲାପେଲା ନେଇ ମଧ୍ୟ ଏକ ମାମଲା ହୋଇଛି। ଘଟଣାରେ ତଦନ୍ତ ଚାଲିଥିବା ବେଳେ ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରାଯିବ ବୋଲି ରାୟଗଡ଼ା ଏସ୍‌ପି କହିଛନ୍ତି।

● ପିଏମ୍ ସ୍ୱନିଧି ଯୋଜନାର ହିତାଧିକାରୀଙ୍କୁ ଆଶ୍ୱସ୍ତି

## ସମ୍ପୂର୍ଣ୍ଣ ଛାଡ଼ ହେଲା ଷ୍ଟାମ୍ପ ଶୁଳ୍କ



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ରାସ୍ତାକଡ଼ ବ୍ୟବସାୟୀମାନଙ୍କ ପାଇଁ ଓଡ଼ିଶା ସରକାର ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ପିଏମ୍ ସ୍ୱନିଧି (ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର ନିଧି) ଯୋଜନା ଅଧୀନରେ ମଞ୍ଜୁର ହେଉଥିବା ୩ଟି ଋଣ ପର୍ଯ୍ୟାୟର ବନ୍ଧକ (ହାଇପୋଥିକେସନ୍) ଚୁକ୍ତିପତ୍ର ଉପରେ ଲାଗୁଥିବା ଷ୍ଟାମ୍ପ ଶୁଳ୍କକୁ ସରକାର ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ହୋଇଥିବା ଏକ ଆଦେଶ ଅନୁଯାୟୀ, ପିଏମ୍ ସ୍ୱନିଧି ଯୋଜନାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଋଣ କିସ୍ତି ସମ୍ବନ୍ଧୀୟ ହାଇପୋଥିକେସନ୍ ଏଗ୍ରିମେଣ୍ଟଗୁଡ଼ିକ ଉପରେ ଷ୍ଟାମ୍ପ ଶୁଳ୍କ ଆଦାୟ କରାଯିବ ନାହିଁ। ଭାରତୀୟ ଷ୍ଟାମ୍ପ ଆଇନ, ୧୮୯୯ର ଧାରା ୯(୧)(କ) ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ଏହି ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ଏହି ପଦକ୍ଷେପ ଫଳରେ ରାସ୍ତାକଡ଼ ବ୍ୟବସାୟୀମାନଙ୍କର ଋଣ ନେବା ଖର୍ଚ୍ଚ କମିବା ସହ ଔପଚାରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ମାଧ୍ୟମରେ ସହଜରେ ଋଣ ପାଇବାର ସୁଯୋଗ ବଢ଼ିବ। ଏହାଦ୍ୱାରା ଛୋଟ ବ୍ୟବସାୟୀମାନଙ୍କ ଜୀବିକାକୁ ଅଧିକ ସୁଦୃଢ଼ କରିବା ସହ ସେମାନଙ୍କ ଆର୍ଥିକ ସଶକ୍ତିକରଣରେ ସହାୟକ ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ କୋଭିଡ୍-୧୯ ମହାମାରୀ ପରେ ପ୍ରଭାବିତ ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ପୁନର୍ବାସ ଓ ଆର୍ଥିକ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପିଏମ ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଅଧିକସଂଖ୍ୟକ ହିତାଧିକାରୀ ଯୋଜନାର ଲାଭ ପାଇବାରେ ସହାୟକ ହେବ।

## ପୁଲିସ ପରିଚୟ ଦେଇ ଲୁଟିଲେ ସୁନା

ଅନୁଗୋଳ,୧୭।୬(ସଂଚାର ବ୍ୟୁରୋ): ପୁଲିସ ପରିଚୟ ଦେଇ ତାଳଚେରର ଏକ ସୁନା ମେଲଟିଂ ଦୋକାନରେ ପଶିଲେ ଆଉ ସେଠାରୁ ଲୁଟିନେଲେ ପ୍ରାୟ ୨୫୦ ଗ୍ରାମ ଓଜନର ସୁନା। ଅଧିକନ୍ତୁ ସେମାନେ ଦୋକାନର ଜଣେ କର୍ମଚାରୀଙ୍କୁ ଅପହରଣ କରି ସାଙ୍ଗରେ ନେବା ସହ ଅନୁଗୋଳ ସହର ନିକଟରେ ଛାଡ଼ିଦେଇ ଛୁ' ମାରିଛନ୍ତି। ତେବେ ଲୁଟ୍ ସମୟର ଭିଜୁଆଲ ଦୋକାନର ସିସିଟିଭିରେ କଏଦ ହୋଇଥିବାରୁ ଏହାକୁ ଆଧାର କରି ଅନୁଗୋଳ ପୁଲିସର ଏକାଧିକ ଟିମ ଓ ସ୍ପେସାଲ୍ ସ୍କ୍ୱାଡ ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିଛି। ଏଥିସହ ପୁଲିସ ପଡ଼ୋଶୀ ଢେଙ୍କାନାଳ ସମେତ ରାଜ୍ୟର ସବୁ ଥାନାକୁ ଗାଡ଼ି ସମ୍ପର୍କରେ ସୂଚନା ଦେଇ ଆଲର୍ଟ ରହିବାକୁ କହିଛି। ଆଜି ସନ୍ଧ୍ୟାରେ ଏକ କାରରେ ଆସି ୩ ଜଣ ବ୍ୟକ୍ତି ହଠାତ୍ ତାଳଚେର ହାତତୋଟାସ୍ଥିତ ଶ୍ରୀ ବାଲାଜୀ ଗୋଲ୍ଡ ଆଣ୍ଡ ସିଲଭର ରିଫାଇନାରୀରେ ପହଞ୍ଚି ରେଡ୍ ପାଇଁ ଭୁବନେଶ୍ୱର ପୁଲିସରୁ ଆସିଥିବା କହିବା ସହ ରେଡ୍ ହୋଇଥିବା କହିଥିଲେ। ଏଥିସହ ଦୋକାନରେ କେତେ ଗହଣା ଅଛି ତା' ଦେଖାଇବାକୁ ମଧ୍ୟ କହିଥିଲେ। ଏହାପରେ ସେମାନେ ଯାଞ୍ଚ୍ କରିବା ସହ ମେଲଟିଂ ହୋଇ ରଖାଯାଇଥିବା ସୁନା ଡବା ସହ ଜଣେ ଦୋକାନୀ କର୍ମଚାରୀଙ୍କୁ ଗାଡ଼ିରେ ବସାଇ ଭୁବନେଶ୍ୱର ଅଭିମୁଖେ ପଳାଇଯାଇଥିଲେ। ସେମାନେ ଅନୁଗୋଳ କାଲଟାକ୍ସ ଛକ ନିକଟରେ ଉକ୍ତ କର୍ମଚାରୀଙ୍କୁ ଛାଡ଼ି ଛୁ' ମାରିଛନ୍ତି।

## ଯାଜପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ପଦକ୍ଷେପ

# ବୌଦ୍ଧ ଐତିହ୍ୟକୁ ୟୁନେସ୍କୋ ମାନ୍ୟତା ମିଳିବ




ଯାଜପୁର,୧୭।୬(ସଂଚାର ବ୍ୟୁରୋ): ଐତିହ୍ୟ, ପର୍ଯ୍ୟଟନ ଓ ଭିତ୍ତିଭୂମି ବିକାଶକୁ ସମାନ ଗୁରୁତ୍ୱ ଦେଇ ଯାଜପୁରକୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଯାଜପୁରର ସମୃଦ୍ଧ ବୌଦ୍ଧ ଐତିହ୍ୟକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରିବା ପାଇଁ ସରକାର ସକ୍ରିୟ ପ୍ରୟାସ ଚଳାଇଛନ୍ତି। ଏହା ସଫଳ ହେଲେ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ବୋଲି କହିଛନ୍ତି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଥିଲେ ଯେ ଯାଜପୁର କେବଳ ଏକ ଐତିହାସିକ ଜିଲ୍ଲା ନୁହେଁ, ବରଂ ଓଡ଼ିଶାର ସାଂସ୍କୃତିକ ପରିଚୟର ଏକ ପ୍ରମୁଖ କେନ୍ଦ୍ର। ଏହି ଐତିହ୍ୟକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପରିଚିତ କରାଇବା ସହ ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ। କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଗତ ଦୁଇ ବର୍ଷର ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା ଓ ବିଭିନ୍ନ କ୍ଷେତ୍ରର ସଫଳତା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କୃଷି, ଭିତ୍ତିଭୂମି, ପର୍ଯ୍ୟଟନ ଓ ଐତିହ୍ୟ ସଂରକ୍ଷଣ ଭଳି କ୍ଷେତ୍ରରେ ରାଜ୍ୟ ସରକାର ଦୃଶ୍ୟମାନ ସଫଳତା ହାସଲ କରିଛନ୍ତି। ଓଡ଼ିଶାର ଜିଏସଡିପି ଓ ମୁଣ୍ଡ ପିଛା ଆୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ବେଳେ ଏହା ଜାତୀୟ ହାରଠାରୁ ମଧ୍ୟ ଅଧିକ ବୋଲି ସେ ଦାବି କରିଥିଲେ।

ଯାଜପୁରର ବହୁପ୍ରତୀକ୍ଷିତ ସାଇନ୍ସ ଏକାଡେମୀ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ କହିଥିଲେ ଯେ ପ୍ରକଳ୍ପର ପ୍ରାୟ ୯୦ ପ୍ରତିଶତ କାମ ଶେଷ ହୋଇସାରିଛି ଓ ଅବଶିଷ୍ଟ ୧୦ ପ୍ରତିଶତ କାମ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯିବ। ଏଥିସହ ଜିଲ୍ଲାରେ କଳାଗ୍ରାମ ପ୍ରତିଷ୍ଠା ମାଧ୍ୟମରେ ସ୍ଥାନୀୟ କଳା, ସଂସ୍କୃତି ଓ ଲୋକପରମ୍ପରାକୁ ନୂଆ ପରିଚୟ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ 'ବିକାଶର ଧାରା, ଓଡ଼ିଶା ସାରା' ସଙ୍କଳ୍ପକୁ ସାକାର କରି ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ। ଏଥିରେ ଯାଜପୁର ଜିଲ୍ଲାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉପସ୍ଥିତ ସାମ୍ବାଦିକମାନଙ୍କୁ "ପ୍ରଗତି ପ୍ରବାହ" ମାସିକ ପତ୍ରିକା ଏବଂ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବଳିତ ସୂଚନା ପୁସ୍ତିକା ବଣ୍ଟନ କରାଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଜାତୀୟ ସୁରକ୍ଷା ପାଇଁ ବିପଦ ଆନ୍ଥ୍ରୋପିକ୍

**ନୂଆଦିଲ୍ଲୀ,୧୫।୬:** ଏଆଇ ଷ୍ଟାର୍ଟଅପ୍ କମ୍ପାନି ଆନ୍ଥ୍ରୋପିକ୍ ଏହାର ସବୁଠୁ ଅତ୍ୟାଧୁନିକ ଏଆଇ ମଡେଲ କ୍ଲାଉଡ ଲେବଲ ୫ ଏବଂ ମିଥସ୍ ୫କୁ ସାରା ବିଶ୍ୱ ବଜାରରେ ବନ୍ଦ କରି ଦେଇଛି । ବିଦେଶୀ ନାଗରିକଙ୍କୁ ଏହି ମଡେଲ ବ୍ୟବହାର କରିବାକୁ ଆମେରିକା ବାରଣ କରିବା ପରେ ଏଭଳି ନିଷ୍ପତ୍ତି ନେଇଛି କମ୍ପାନି । ଏବେ ଭାରତୀୟଙ୍କ ସମେତ ଅଣଆମେରିକୀୟ ନାଗରିକମାନେ ଏହାର ବ୍ୟବହାର କରିପାରିବେ ନାହିଁ । ଜାତୀୟ ସୁରକ୍ଷା ଏବଂ ସାଇବର ନିରାପତ୍ତା ଭଳି ଦିଗ ଗୁଡିକ ଏହାଦ୍ୱାରା ବିପନ୍ନ ହେବ ବୋଲି କହିଛି ଆମେରିକା । କୌଣସି ସରକାର ହାର୍ଡୱେୟାର କିମ୍ବା ଚିପ୍ ପରିବର୍ତ୍ତେ ଏଆଇ ସଫ୍ଟୱେୟାରକୁ ବ୍ୟବହାର ପ୍ରତିବନ୍ଧକ ଲଗାଇବା କ୍ଷେତ୍ରରେ ଏହା ପ୍ରଥମ । ଆମେରିକା ସରକାରଙ୍କୁ ଡର ରହିଛି ଯେ, ଏହି ଅତ୍ୟାଧୁନିକ ଏଆଇ ମଡେଲ ଜରିଆରେ ଜେଲ୍ ବ୍ରେକ ବା ଡିଜିଟାଲ




ଜେଲ୍କୁ ବାଏପାସ କରାଯାଇପାରିବ । ଏହାର ବ୍ୟବହାର ଦ୍ୱାରା କମ୍ପ୍ୟୁଟର ସିଷ୍ଟମରେ ତ୍ରୁଟିକୁ ଖୋଜିବା, ସରକାରୀ ଡାଟା ହ୍ୟାକ୍ କରିବା, ସିଷ୍ଟମ ଏବଂ କ୍ରିଟିକାଲ ଭିତ୍ତିଭୂମି ଉପରେ ସାଇବର ଆକ୍ରମଣର ବଡ ଭୟ ରହିଛି । ଦ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲ ରିପୋର୍ଟ ମୁତାବକ, ଆମାଜନର ଗବେଷକମାନେ ଏକ ପରୀକ୍ଷଣ ସମୟରେ କିଛି ବିଶେଷ ପ୍ରମ୍ପ୍ଟ ବ୍ୟବହାର କରି ଆନ୍ଥ୍ରୋପିକ୍ ମଡେଲ ସଫ୍ଟୱେୟାରରେ କିଛି ତ୍ରୁଟି ଧରିଥିଲେ । ଏ ନେଇ ଆମେରିକା ବାଣିଜ୍ୟ ବିଭାଗକୁ ସୂଚନା ଦିଆଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କମ୍ପାନି ସ୍ପଷ୍ଟୀକରଣରେ କହିଛି ଯେ, ସଫ୍ଟୱେୟାରରେ ଥିବା ତ୍ରୁଟି ନଗଣ୍ୟ । ଏହାକୁ ସାରା ବିଶ୍ୱ ଲାଗି ବ୍ୟାନ ଲଗାଇବା ଠିକ୍ ନୁହେଁ। ଅନ୍ୟପଟେ ଟ୍ରମ୍ପ ପ୍ରଶାସନ ସହ ମତଭେଦ ଯୋଗୁ କମ୍ପାନି ଉପରେ କଟକଣା ଲାଗିଥିବା ମଧ ଗଣମାଧମ ରିପୋର୍ଟରେ ପ୍ରକାଶ ପାଇଛି ।



# ୫୦ ହଜାର କୋଟି ସାମ୍ରାଜ୍ୟର ମାଲିକ ୨୫ ବର୍ଷର ଯୁବକ

**ନୂଆଦିଲ୍ଲୀ,୧୭।୬:** ଏଲନ ମସ୍କଙ୍କ କମ୍ପାନୀ ସ୍ପେସଏକ୍ସ, ଏଆଇ-ଆଧାରିତ କୋଡିଂ ପ୍ଲାଟଫର୍ମ 'କର୍ସର'ର ପ୍ୟାରେଣ୍ଟ କମ୍ପାନୀ 'ଏନିସ୍ପିୟର ଇଙ୍କ' କୁ ୬୦ ବିଲିୟନ ଡଲାରରେ ଅଧିଗ୍ରହଣ କରିବା ନେଇ ଘୋଷଣା କରିଛି। ଏହି ଅଧିଗ୍ରହଣ ଯୋଗୁଁ କର୍ସରର ଭାରତୀୟ ବଂଶୋଦ୍ଭବ ସହ-ସଂସ୍ଥାପକ ଅମନ ସୈଙ୍ଗର ଏବେ ଚର୍ଚ୍ଚାକୁ ଆସିଛନ୍ତି। ଏହାର କାରଣ ହେଉଛି, ଏହି ଡିଲ ପରେ ସୈଙ୍ଗରଙ୍କ ଆନୁମାନିକ ନେଟୱର୍ଥ (ସମ୍ପତ୍ତି) ୫.୫ ବିଲିୟନ ଡଲାର (ପ୍ରାୟ ୫୦,୦୦୦ କୋଟି ଟଙ୍କା)ରେ ପହଞ୍ଚିଛି। ସୈଙ୍ଗର ନିଜର ତିନି ଜଣ ସାଙ୍ଗଙ୍କ ସହ ମିଶି ୨୦୨୨ରେ କଲେଜ ପଢ଼ା ଅଧାରୁ ଛାଡ଼ି 'କର୍ସର' ପ୍ରତିଷ୍ଠା କରିଥିଲେ। ନ୍ୟୁୟର୍କରେ ଜନ୍ମିତ ଅମନ ସୈଙ୍ଗରଙ୍କ ପିତା ଅରବିନ୍ଦ ସୈଙ୍ଗର ଆଇଆଇଟି ବମ୍ବେର ପୂର୍ବତନ ଛାତ୍ର। ତାଙ୍କ ମାଆ ଶିଲ୍ପା ସୈଙ୍ଗର ଜଣେ ଅର୍ଥୋଡଣ୍ଟିଷ୍ଟ ଏବଂ ସଫଳ ଉଦ୍ୟୋଗୀ। ଅମନ ମାତ୍ର ୧୪ ବର୍ଷ ବୟସରେ କୋଡିଂ ଶିଖିବା ଆରମ୍ଭ କରିଦେଇଥିଲେ। କର୍ସର ଆରମ୍ଭ କରିବା ପୂର୍ବରୁ ଅମନ ଗୁଗଲ ଏବଂ ବ୍ରିଜୱାଟର ଆସୋସିଏଟ୍ସ ଭଳି ବିଶ୍ୱର ପ୍ରତିଷ୍ଠିତ କମ୍ପାନୀଗୁଡ଼ିକରେ ଇଣ୍ଟର୍ଣ୍ଣସିପ ମଧ କରିଥିଲେ। ଅମନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରେ କମ୍ପ୍ୟୁଟର ସାଇନ୍ସ ପଢ଼ିବା ପାଇଁ ନାମ ଲେଖାଇଥିଲେ। ଏହିଠାରେ ହିଁ ତାଙ୍କର ସାକ୍ଷାତ ମାଇକେଲ ଟ୍ରୁଏଲ, ସାଲେହ ଆସିଫ ଏବଂ ଆର୍ଭିଡ ଲୁନେମାର୍କଙ୍କ ସହ ହୋଇଥିଲା। ଏହି ଚାରିଜଣ ମିଶି ୨୦୨୨ରେ କୋଡିଂକୁ ସହଜ କରିବା ପାଇଁ ଏକ ଭିଜନ (ଲକ୍ଷ୍ୟ) ପ୍ରସ୍ତୁତ କରିଥିଲେ। ନିଜର ଆଇଡିଆ ଏବଂ ବ୍ୟବସାୟ ଉପରେ ସମ୍ପୂର୍ଣ୍ଣ ଧାନ ଦେବା ପାଇଁ ଏହି ଚାରି ସାଙ୍ଗ ୨୧ ବର୍ଷ ବୟସରେ ଏମଆଇଟି ପଢ଼ା ଅଧାରୁ ଛାଡ଼ିଦେଇଥିଲେ। ଆରମ୍ଭରେ ସେମାନେ ମେକାନିକାଲ ଇଞ୍ଜିନିୟରିଂ ଶିଳ୍ପ ପାଇଁ ଏଆଇ-ଆଧାରିତ ଆସିଷ୍ଟାଣ୍ଟ ବିକଶିତ କରିବା ଉପରେ କାମ କରିଥିଲେ। କିନ୍ତୁ ଖୁବ ଶୀଘ୍ର ଚାରିଜଣଙ୍କୁ ବୁଝାପଡ଼ିଗଲା ଯେ ପ୍ରକୃତ ଆବଶ୍ୟକତା ସଫ୍ଟୱେର୍ ଦୁନିଆରେ ରହିଛି। ସେମାନେ ତୁରନ୍ତ ନିଜର ଫୋକସ ବଦଳାଇଲେ ଏବଂ ଏକ ଏଭଳି ଏଆଇ-ଆଧାରିତ କୋଡିଂ ପ୍ରଣାଳୀ ବିକଶିତ କଲେ, ଯାହା ସମ୍ପୂର୍ଣ୍ଣ କୋଡ୍‌ବେସ୍କୁ ବିଶ୍ଲେଷଣ କରି ଜଟିଳରୁ ଜଟିଳ କୋଡିଂ ସମସ୍ୟାର ସମାଧାନ ଚୁଟ୍କିରେ ବାହାର କରିପାରୁଥିଲା। ଏହି ଷ୍ଟାର୍ଟଅପ ହିଁ ଆଗକୁ ଯାଇ 'କର୍ସର' ବନିଲା। 'କର୍ସର' ହେଉଛି ଏକ ଏଆଇ-ପାୱାର୍ଡ କୋଡିଂ ପ୍ଲାଟଫର୍ମ, ଯାହା ଡେଭଲପର୍ସମାନଙ୍କୁ କୋଡ ଲେଖିବାରେ, ଏଡିଟ କରିବାରେ ଏବଂ ଜଟିଳ ସଫ୍ଟୱେର୍ ସମସ୍ୟାଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିଥାଏ। ଏହା ସମ୍ପୂର୍ଣ୍ଣ କୋଡ୍‌ବେସ୍କୁ ବୁଝି ଡେଭଲପର୍ସମାନଙ୍କ ପାଇଁ ଏକ 'ଏଆଇ ସାଥୀ' ଭାବରେ କାମ କରେ। ନଭେମ୍ବର ୨୦୨୫ ସୁଦ୍ଧା କର୍ସରର ବାର୍ଷିକ ଆୟ ୧ ବିଲିୟନ (୧ ଅରବ) ଡଲାର ସ୍ତର ଅତିକ୍ରମ କରିସାରିଥିଲା।

# ବିଶ୍ୱର ପ୍ରଥମ କମର୍ସିଆଲ ବ୍ରେନ୍ ଚିପ୍ ନିଓକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧୭।୬:** ବ୍ରେନ କମ୍ପ୍ୟୁଟର ଇଣ୍ଟରଫେସ୍ (ବିସିଆଇ) ଟେକ୍ନୋଲୋଜିକୁ କମର୍ସିଆଲ କରିବା କ୍ଷେତ୍ରରେ ଏଲନ ମସ୍କଙ୍କ କମ୍ପାନି ନ୍ୟୁରାଲିଙ୍କଙ୍କୁ ପଛରେ ପକାଇ ଦେଇଛି ଚୀନ । ସଫଳ କ୍ଲିନିକାଲ ଟ୍ରାଏଲ୍ ପରେ ବିଶ୍ୱର ପ୍ରଥମ କମର୍ସିଆଲ ବ୍ରେନ୍ ଚିପ୍ ନିଓକୁ ମଞ୍ଜୁରି ଦେଇଛି ଡ୍ରାଗନ । ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ମୁତାବକ, ମୁଦ୍ରା ଆକୃତିର ଏହି ଚିପ୍ ବିଶ୍ୱର ପ୍ରଥମ ସର୍ଜିକାଲ ଇମ୍ପ୍ଲାଣ୍ଟ ଡିଭାଇସ୍ ଭାବେ ଉଭା ହୋଇଛି । ଏହି ଆଧୁନିକ ଡିଭାଇସକୁ ବେଜିଂର ସିଂହୁଆ ବିଶ୍ୱବିଦ୍ୟାଳୟର ଗବେଷକ ଏବଂ ସାଂଘାଇ ସ୍ଥିତ ନ୍ୟୁରାକଲ ଟେକ୍ନୋଲୋଜି ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି । ନିୟାମକ ମଞ୍ଜୁରି ମିଳିବା ପରେ ଏହାକୁ ଚୀନର ରାଷ୍ଟ୍ରାୟତ୍ତ ହେଲ୍ଥକେୟାର ସିଷ୍ଟମରେ ବହୁଳ ଭାବେ ବ୍ୟବହାର କରାଯିବ ବୋଲି ଆଶା କରାଯାଉଛି। ମେରୁଦଣ୍ଡ ହାଡ଼ ଦୁର୍ଘଟଣା ଏବଂ ପାରାଲିସିସ ରୋଗୀଙ୍କ ପାଇଁ ଏହି ଟେକ୍ନୋଲୋଜିକୁ ବିଶେଷ କରି ବ୍ୟବହାର କରାଯିବ । ଏହା ସ୍ନାୟବିକ ସିଷ୍ଟମର କିଛି ଭାଗକୁ ପୁଣି ଥରେ ନିୟନ୍ତ୍ରଣ ହାସଲ କରିବାରେ ସହଯୋଗ କରିବ । ଏହି ଟେକ୍ନୋଲୋଜିକୁ ମାନବ ଏବଂ ମେସିନ ମଧରେ ଭାବ ବିନିମୟ ଦ୍ୱାରା ଏକ ବିରାଟ ପ୍ରଭାବ ଆଣିବା ଦିଗରେ ଆରମ୍ଭ ଭାବେ ଦେଖୁଛନ୍ତି ଗବେଷକ ଏବଂ ଟେକ୍ନୋଲୋଜି କମ୍ପାନି । ଅନ୍ୟପଟେ ଏଲନ ମସ୍କଙ୍କ ନ୍ୟୁରାଲିଙ୍କ ମଧ ମଞ୍ଜୁରି ଅପେକ୍ଷାରେ ରହିଛି।



# ୨୦ରେ ମିଳିବ ପିଏମ୍ କିଷାନର ୨୩ତମ କିସ୍ତି

**ନୂଆଦିଲ୍ଲୀ,୧୬।୬:** ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନାର ୨୩ତମ କିସ୍ତିକୁ ନେଇ ସାରା ଦେଶର ଚାଷୀ ଅପେକ୍ଷା କରିଛନ୍ତି । ଏବେ ଦେଶର କୋଟି କୋଟି ଚାଷୀଙ୍କୁ ଖୁସି ଖବର ମିଳିଛି । ପିଏମ୍ କିଷାନ ଯୋଜନା ଯୋଜନାର ଅଫିସିଆଲ୍ ଏକ୍ସ ଆକାଉଣ୍ଟରୁ ଆନୁଷ୍ଠାନିକ ତାରିଖ ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୨୦ରେ ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ଜାରି କରିବେ । ସରକାର କହିଛନ୍ତି ଯେ ଏହି ରାଶି ସିଧାସଳଖ ହିତାଧିକାରୀ ଚାଷୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯିବ । ଏହି ଟଙ୍କା ସେମାନଙ୍କର ଚାଷ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବ । ଖରିଫ ଫସଲ ବୁଣା ସମୟରେ ଚାଷୀମାନଙ୍କ ପାଇଁ ଏହି ଆର୍ଥିକ ସହାୟତା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ରିପୋର୍ଟ ଅନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ହୁଗଲି ଜିଲ୍ଲାର ତାରକେଶ୍ୱରରୁ ୨୩ତମ କିସ୍ତି ଜାରି କରିବେ । ପୂର୍ବରୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୧୩ରେ ଆସାମର ଗୌହାଟୀରୁ ଯୋଜନାର ୨୨ତମ କିସ୍ତି ଜାରି କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଏହି ଯୋଜନା ଅଧୀନରେ, ଚାଷୀମାନଙ୍କୁ ତିନୋଟି କିସ୍ତିରେ ପ୍ରତିବର୍ଷ ୬,୦୦୦ ଆର୍ଥିକ ସହାୟତା ପ୍ରଦାନ କରାଯାଏ । ମଇ ୪ରେ, ସରକାର କହିଥିଲେ ଯେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ ୨୨ଟି କିସ୍ତିରେ ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ୪.୨୮ ଲକ୍ଷ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ଯୋଜନାରେ ୨.୧୭ କୋଟିରୁ ଅଧିକ ମହିଳା ହିତାଧିକାରୀଙ୍କୁ ମଧ୍ୟ ଲାଭ ମିଳିଛି । ଏପର୍ଯ୍ୟନ୍ତ କେବଳ ମହିଳା ହିତାଧିକାରୀଙ୍କୁ ୧.୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି ।




# ଇଥାନଲ୍ ବ୍ୟବସାୟରୁ ବମ୍ପର ଲାଭ!

**ନୂଆଦିଲ୍ଲୀ,୧୭।୬:** ବିଶେଷଜ୍ଞଙ୍କ ମତରେ, ଦେଶ ଯେପରି ୨୦% ଇଥାନଲ ଅର୍ଥାତ 'ଇ୨୦' ମିଶ୍ରଣ ଆଡ଼କୁ ଅଗ୍ରସର ହେଉଛି, ସେହିପରି ଏହାର ଚାହିଦା ଆହୁରି ଦ୍ରୁତ ହେବାରେ ଲାଗିବ। ଏହି କାରଣରୁ ଏହା କେବଳ ବଡ଼ ବଡ଼ ଶିଳ୍ପ ମଧରେ ସୀମିତ ନାହିଁ, ବରଂ ଛୋଟ ଏବଂ ମଧମ ଧରଣର ନିବେଶକମାନେ ମଧ ଏହା ସହ ଜଡ଼ିତ ହୋଇ ବେଶ ଭଲ ମୁନାଫା କମାଉଛନ୍ତି। ଆସନ୍ତୁ ଇଥାନଲ ସହ ଜଡ଼ିତ ୩ଟି ଦମଦାର୍ ବିଜନେସ ଆଇଡିଆ (ବ୍ୟବସାୟିକ ଯୋଜନା) ବିଷୟରେ ବିସ୍ତାର ଭାବେ ଜାଣିବା **ଇଥାନଲ ଉତ୍ପାଦନ ପ୍ଲାଣ୍ଟ** ଆଜିର ସମୟରେ ଇଥାନଲ ମାନୁଫ୍ୟାକଚରିଂ ପ୍ଲାଣ୍ଟ ପ୍ରତିଷ୍ଠା କରିବା ସବୁଠାରୁ ବଡ଼ ଏବଂ ଲାଭଜନକ ବ୍ୟବସାୟ ଭାବେ ବିବେଚନା କରାଯାଉଛି। ଯଦି ଆପଣଙ୍କ ପାଖରେ ଭଲ ନିବେଶ ଅଛି, ତେବେ ଏହା ଏକ ମଜଭୁତ ବ୍ୟବସାୟ ସାବ୍ୟସ୍ତ ହୋଇପାରେ। ଇଥାନଲ ଏବେ କେବଳ ଆଖୁରୁ ନୁହେଁ, ବରଂ ମକା, ଭଙ୍ଗା ଚାଉଳ ଏବଂ କୃଷି ବର୍ଜ୍ୟବସ୍ତୁ ଯେପରିକି ନଡ଼ା (ପରାଲି), ବାଉଁଶ ଆଦିରୁ ମଧ ପ୍ରସ୍ତୁତ କରାଯାଉଛି, ଯାହାକୁ ୨ଜି ଇଥାନଲ କୁହାଯାଏ। ପେଟ୍ରୋଲରେ ୨୦% ଇଥାନଲ ମିଶାଇବା ସରକାରଙ୍କ ଲକ୍ଷ୍ୟ ରହିଛି, ଯାହାଫଳରେ ଆଗାମୀ ଦିନରେ ଏହି ଉତ୍ପାଦର ଚାହିଦା ସବୁବେଳେ ବଜାୟ ରହିବ। **ବାୟୋମାସ ସପ୍ଲାଇ ଚେନ ବ୍ୟବସାୟ** ଇଥାନଲ ଉତ୍ପାଦନ ପାଇଁ ବଡ଼ ଆକାରରେ କୃଷି ବର୍ଜ୍ୟବସ୍ତୁ (କଞ୍ଚାମାଲ) ର ଆବଶ୍ୟକତା ହୋଇଥାଏ। ଏଭଳି ସ୍ଥିତିରେ ଆପଣ ଚାଷୀ ଏବଂ ଇଥାନଲ ପ୍ଲାଣ୍ଟଗୁଡ଼ିକ ମଧରେ ଏକ ସପ୍ଲାଇ ଚେନ (ଯୋଗାଣ ଶୃଙ୍ଖଳା) ର କାମ ଆରମ୍ଭ କରିପାରିବେ। ଏହି ବ୍ୟବସାୟରେ ଆପଣ ଚାଷୀମାନଙ୍କଠାରୁ ନଡ଼ା, ଆଖୁ ଚୋପା, ମକା କିମ୍ବା ନଷ୍ଟ ହୋଇଯାଇଥିବା ଶସ୍ୟ ସଂଗ୍ରହ କରି ତାହାକୁ ପ୍ରୋସେସ କରିପାରିବେ ଏବଂ ଇଥାନଲ କମ୍ପାନୀଗୁଡ଼ିକୁ ଯୋଗାଇ ପାରିବେ। ଏହି ବ୍ୟବସାୟ କମ ପୁଞ୍ଜିରେ ଆରମ୍ଭ ହୋଇପାରିବ ଏବଂ ଏହା ପରିବେଶକୁ ପ୍ରଦୂଷଣରୁ ରକ୍ଷା କରିବାରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାର ସବୁଠାରୁ ବଡ଼ ଲାଭ ହେଉଛି ଏଥିରେ କ୍ରମାଗତ ଅଭିବୃଦ୍ଧିର ସମ୍ଭାବନା ରହିଛି।



# ଏବେ କମ ଉଡ଼ାରେ ବି ବିମାନ ଯାତ୍ରା

**ନୂଆଦିଲ୍ଲୀ:୧୭।୬** ଏୟାର ଇଣ୍ଡିଆ ପକ୍ଷରୁ ନୂଆ 'ବେସିକ୍' ଭଡ଼ା ବ୍ୟବସ୍ଥା ଆରମ୍ଭ ହୋଇଛି। ତେବେ ଏହି ନୂଆ ବ୍ୟବସ୍ଥାରେ ଗ୍ରାହକଙ୍କ ଯାତ୍ରା ସିନା ଶସ୍ତା ହେବ, କିନ୍ତୁ ବିମାନ ତରଫରୁ ଦିଆଯାଉଥିବା ମାଗଣା ଖାଦ୍ୟ ମିଳିବ ନାହିଁ, କିନ୍ତୁ ଚା' ଓ କଫି ମାଗଣାରେ ମିଳିବ। ଏହି ସେବା ବଛା ବଛା ଘରୋଇ ରୁଟରେ ପାଇଲଟ୍ ପ୍ରୋଜେକ୍ଟ ଆକାରରେ ଆରମ୍ଭ ହୋଇଛି। କମ ଖର୍ଚ୍ଚରେ ଯାତ୍ରା ପାଇଁ ନୂଆ ବିକଳ୍ପ: ଏୟାର ଇଣ୍ଡିଆ କିଛି ନିର୍ଦ୍ଦିଷ୍ଟ ଘରୋଇ ରୁଟରେ ଏହି ନୂଆ 'ବେସିକ୍' ଭଡ଼ା ବର୍ଗ ଆରମ୍ଭ କରିଛି। ଏହି ଇକୋନୋମି କ୍ଲାସ ଟିକେଟରେ ଆରମ୍ଭ ହୋଇଥିବା ନୂଆ ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଯାତ୍ରୀମାନଙ୍କୁ କମ୍ ମୂଲ୍ୟରେ ଯାତ୍ରା କରିବାର ସୁଯୋଗ ଦେବା। ଏହି ନୂଆ ବ୍ୟବସ୍ଥାରେ ଯାତ୍ରୀଙ୍କ ପାଇଁ କିଛି ନିୟମ ମଧ କରାଯାଇଛି। ଲଗେଜ୍ ପାଇଁ ୧୫ କିଲୋଗ୍ରାମର ସୀମା ଏହି 'ବେସିକ୍' ଭଡ଼ା ବର୍ଗରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଜିନିଷପତ୍ର ନେବାର ନିୟମ ସ୍ଥିର କରାଯାଇଛି। ଯାତ୍ରୀମାନେ ନିଜ ସହିତ ୧୫ କିଲୋଗ୍ରାମ ପର୍ଯ୍ୟନ୍ତ ଚେକ୍- ଇନ୍ ବ୍ୟାଗେଜ୍




ନେଇପାରିବେ। ଏହା ବ୍ୟତୀତ, ସେମାନଙ୍କୁ ୭ କିଲୋଗ୍ରାମ ପର୍ଯ୍ୟନ୍ତ କ୍ୟାବିନ୍ ବ୍ୟାଗେଜ୍ ବିମାନ ଭିତରକୁ ନେବାର ଅନୁମତି ରହିଛି। ୨୪ ଘଣ୍ଟା ପୂର୍ବରୁ ଖାଦ୍ୟ ବୁକ୍ କରିବାର ସୁବିଧା: ଯଦିଓ ଏହି ବେସିକ୍ ଭଡ଼ାରେ ମାଗଣା ଖାଦ୍ୟ ମିଳିବ ନାହିଁ, ତଥାପି ଯାତ୍ରୀମାନଙ୍କ ଖାଦ୍ୟ କିଣିବାର ବିକଳ୍ପ ପାଇପାରିବେ। ନିଜ ପକେଟ୍ରୁ ଖର୍ଚ୍ଚ କରି ଯାତ୍ରୀ ବିମାନ କ୍ରୁଙ୍କ ଠାରୁ ଖାଦ୍ୟ କିଣିପାରିବେ। ଏହି ବର୍ଗରେ ଯାତ୍ରା କରୁଥିବା ଯାତ୍ରୀମାନେ ବିମାନ ଉଡ଼ାଣର ୨୪ ଘଣ୍ଟା ପୂର୍ବରୁ ନିଜ ପସନ୍ଦର ଖାଦ୍ୟ 'ପ୍ରି-ପର୍ଚ୍ଚେଜ୍' କରିପାରିବେ। ଏଥିରେ ଭେଜିଟାରିଆନ୍, ନନ୍-ଭେଜିଟାରିଆନ୍, ଏବଂ ଡାଇବେଟିକ୍ ମିଲ୍ସର ବିକଳ୍ପ ମଧ ଉପଲବ୍ଧ ରହିବ। ଫ୍ଲାଇଟ୍ ପରିବର୍ତ୍ତନ ହେଲେ ରିଫଣ୍ଡ ବା ଟ୍ରାନ୍ସଫର ସୁବିଧା ଏୟାର ଇଣ୍ଡିଆ ଖାଦ୍ୟର ରିଫଣ୍ଡ ଏବଂ ଟ୍ରାନ୍ସଫର ନେଇ ସ୍ପଷ୍ଟ ନିୟମ ଘୋଷଣା କରିଛି। ଯଦି ଫ୍ଲାଇଟ୍ ସିଡ୍ୟୁଲରେ କିଛି ପରିବର୍ତ୍ତନ ହୁଏ କିମ୍ବା ଯାତ୍ରୀଙ୍କୁ ଅନ୍ୟ ଫ୍ଲାଇଟକୁ ସିଫ୍ଟ କରାଯାଏ, ତେବେ ପୂର୍ବରୁ କିଣାଯାଇଥିବା ଖାଦ୍ୟ ନୂଆ ଫ୍ଲାଇଟକୁ ଟ୍ରାନ୍ସଫର ହୋଇଯିବ। ଯଦି କୌଣସି ପରିସ୍ଥିତିରେ ଖାଦ୍ୟ ଉପଲବ୍ଧ ନ ହୁଏ, ତେବେ ଯାତ୍ରୀଙ୍କୁ ଟଙ୍କା ଫେରସ୍ତ ଭଡ଼ା ବିକଳ୍ପ ମଧ ଜାରି ରହିବ ଏୟାର ଇଣ୍ଡିଆ ସ୍ପଷ୍ଟ କରିଛି ଯେ ଏହି ନୂଆ ବିକଳ୍ପ ଆସିବା ପରେ ମଧ ପୁରୁଣା ଭଡ଼ା ବିକଳ୍ପଗୁଡ଼ିକ ଉପଲବ୍ଧ ରହିବ। ଯାତ୍ରୀମାନେ ପୂର୍ବଭଳି ଏୟାରଲାଇନର ବର୍ତ୍ତମାନର 'ଭାଲ୍ୟୁ', 'କ୍ଲାସିକ୍' ଏବଂ 'ଫ୍ଲେକ୍ସ' ଭଡ଼ା ବର୍ଗ ବୁକ୍ କରିପାରିବେ। ଏହି ତିନୋଟି ପୁରୁଣା ବର୍ଗରେ ଯାତ୍ରୀମାନଙ୍କୁ ପୂର୍ବଭଳି ମାଗଣା ଖାଦ୍ୟ ମିଳିବ। ବୁକିଂ କିପରି କରିବେ? ଏହି ବେସିକ୍ ଭଡ଼ା ବର୍ତ୍ତମାନ କେବଳ କିଛି ନିର୍ଦ୍ଦିଷ୍ଟ ଘରୋଇ ରୁଟରେ ଉପଲବ୍ଧ। ଯାତ୍ରୀମାନେ ଏୟାର ଇଣ୍ଡିଆର ଅଫିସିଆଲ ୱେବସାଇଟ୍, ମୋବାଇଲ୍ ଆପ୍, କଣ୍ଟାକ୍ଟ ସେଣ୍ଟର ଏବଂ ଏୟାରପୋର୍ଟ ଟିକେଟିଂ ଅଫିସ ମାଧ୍ୟମରେ ବୁକିଂ କରିପାରିବେ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୧,୧୦୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୮,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୧,୧୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୮,୫୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୧,୧୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୮,୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୧,୨୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୮,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୦୬୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୧,୧୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୮,୫୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୭୪ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୫ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୬ ପଇସା ରହିଛି ।

## ଡ୍ୟାନସ୍ ଏକାଡେମୀରେ ରଜ ମଉଜ ପାଳିତ



**ଫୁଲବାଣୀ,୧୭।୬ (ସଂଚାର ବ୍ୟୁରୋ)ଃ** ଫୁଲବାଣୀର ସ୍ଥାନୀୟ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଡେନ୍ସ ଏକାଡେମୀ ତରଫରୁ ସ୍ଥାନୀୟ ବିଜୁକଲ୍ୟାଣୀ ମଣ୍ଡପ ଠାରେ ନିଆରା ଢଙ୍ଗରେ ପାଳନ କରିଥିଲା ୨୦୨୬ ମସିହାର ୨୬ ତମ ରଜମଉଜ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ପିଡି (ଡୁଡା) ପ୍ରବୀଣ କୁମାର ବଣୁଆ, ଯୁଧିଷ୍ଠିର ମେହେର ପିଏ, (ଆଇ ଟି ଡି ଏ) ଫୁଲବାଣୀ, ହୃଦୟରଞ୍ଜନ୍ ବେହେରା, ଅଧ୍ୟକ୍ଷ (ବିପିଆଇଟି) ଶ୍ରୀ କୈଳାଶ ମୁଖି ରାଜ୍ୟ ବିଜୁଜନତା ଦଳ (ରାଜ୍ୟସମ୍ପାଦକ) ଏହି ଠାରେ ଅନୁଷ୍ଠାନର କଳାକାର ମାନେ ଯଥା କୁଆଁରୀ ବାଳିକା ମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରି ଏହି ଦିନଟିକୁ ଆନନ୍ଦ ମୟ କରିବା ସଙ୍ଗେ ସଙ୍ଗେ ଉତ୍ସବ ମୁଖର କରିଥିଲେ । ବିଭିନ୍ନ ପ୍ରକାର ନୃତ୍ୟକରି ଉପସ୍ଥିତ ପାଞ୍ଚଶହରୁ ଅଧିକ ଦର୍ଶକଙ୍କ ମନ କିଣିଥିଲେ । ଏହିଠାରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥିଲା କି? ମା ମାନେ ମଞ୍ଚ ଉପରେ ଏକ ନିଆରେ ଢଙ୍ଗରେ ବିଭିନ୍ନ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମର ଏହା ଥିଲା ବିଶେଷ ଆକର୍ଷଣ । ଏହି କାର୍ଯ୍ୟ କ୍ରମକୁ ସହଯୋଗ କରିଥିଲେ ଏକାଡେମୀର ସଭାପତି ଶ୍ରୀ ସତ୍ୟନାରାୟଣ ବେହେରା, ଉପ ସଭାପତି ରବୀନ୍ଦ୍ର ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ସରୋଜ ପାତ୍ର, ସାଂସ୍କୃତିକ ସମ୍ପାଦକ ସ୍ୱର୍ଣ୍ଣପ୍ରଭା ତ୍ରିପାଠୀ, ଦେବାଶିଷ ମିଶ୍ର, ସୁର ପ୍ରସାଦ ନାୟକ ।

## ନିଯୁକ୍ତି,ପୁନର୍ବାସ ଓ ଥଇଥାନ ସହ କ୍ଷତିପୂରଣ ଦାବିରେ ବସୁନ୍ଧରା ଅଫିସ ଘେରାଉ




**ସୁନ୍ଦରଗଡ଼,୧୭।୬ (ସଂଚାର ବ୍ୟୁରୋ)ଃ** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ସ୍ଥିତ ବସୁନ୍ଧରା ଠାରେ ବୁଧବାର ଦିନ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ନିଯୁକ୍ତି ପୁନର୍ବାସ ଓ ଥଇଥାନ ସହ ସମସ୍ତ କ୍ଷତିପୂରଣ ପ୍ରଦାନ ସମ୍ବନ୍ଧରେ ରତନସରା ଗ୍ରାମ ବାସି ଅତିରିକ୍ତ ଜିଲ୍ଲାପାଳଙ୍କ ଉଦେଶ୍ୟରେ ବସୁନ୍ଧରାର କାର୍ଯ୍ୟାଳୟ ଘେରାଉ କରି ନୋଡାଲ ଅଫିସରଙ୍କ ଜରିଆରେ ୫ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଆମ୍ବେଦକର ଛକ ଠାରୁ ଏକ ରାଲି ବାହାରି ଜିଏମ କାର୍ଯ୍ୟାଳୟ ପହଞ୍ଚି ଦାବି ପତ୍ର ପ୍ରଦାନ କରିଥିଲେ।

ଘର କ୍ଷତିପୂରଣ ସଂପୂର୍ଣ୍ଣ,ଆଂଶିକ ଆସିନଥୁବା ପରିବାର ଗୁଡ଼ିକର ଅଭିଯୋଗ ପରେ ପୁନଃ ସର୍ଭେ ଯାଞ୍ଚ କରି କ୍ଷତିପୂରଣ ପ୍ରଦାନ କରିବ, ପୁନର୍ବାସ କଲୋନୀ ସ୍ଥାନ ନିରୂପଣ କରି ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ରତନସରା ରାଜସ୍ୱ ଗ୍ରାମର ସମସ୍ତ ପରିବାରର ନିଯୁକ୍ତି ତାଲିକା ପ୍ରକାଶନ କରାଯାଉ,ଏଥିରେ ସିରିଏଲ୍ ଓ ଧାନ ସିଆଇଏଲ କରିବା ଉକ୍ତ ଆବେଶରେ କୌଣସି ସ୍ଥାନରେ ଉଲ୍ଲେଖ ନଥିବାରୁ ଏହାକୁ ଆଧାର କରି ନିଯୁକ୍ତି ତାଲିକା ପ୍ରକାଶ କରାନଯାଉ,ଜମି ଓ ଘର କ୍ଷତିପୂରଣ ବାବଦକୁ କ୍ଲେମ କମିଶନ ନିର୍ଦ୍ଧାରଣ କରିଥିବା କ୍ଷତିପୂରଣ ବିରୁଦ୍ଧରେ ଏମସିଏଲ କୋର୍ଟଙ୍କ ରହିତାଦେଶ ଆଦେଶ ଆଣନ୍ତୁ, ନତୁବା କ୍ଷତିପୂରଣ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ କରନ୍ତୁ, ମାନ୍ୟବର କ୍ଲେମ କମିଶନଙ୍କ ଆଦେଶ ଗୁଡ଼ିକର ପ୍ରାମାଣିକ ନକଲ କପି ସମସ୍ତ ପରିବାରକୁ ଶିଘ୍ର ପ୍ରଦାନ କରାଯାଉ, ଘର କ୍ଷତିପୂରଣ ବାବଦକୁ ଟଙ୍କା ବହୁତ କମ୍ ରହୁଥିବା ହେତୁ ଦିଆଯାଉଥିବା ଅଗ୍ରିମ ଟଙ୍କା ଦ୍ୱାରା ଜମି କିଣିବା ସମ୍ଭବ ନଥିବାରୁ ବ୍ୟାଙ୍କରେ ଅଧା ରହୁଥିବା ଫିକ୍ସ ଡିପୋଜିଟ୍ ବ୍ୟବସ୍ଥା ଉଚ୍ଛେଦ କରାଯାଉ। ଏହି ଦାବି ଗୁଡିକ ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବାସହ ଆବଶ୍ୟକ ସ୍ଥଳେ ଖଣି ବନ୍ଦ କରାଯିବ ବୋଲି ଗ୍ରାମବାସୀ ମାନଙ୍କ ତରଫରୁ ଚେତାବନୀ ଦିଆଯାଇଛି।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଶାଖାର ବୈଠକ

**ଡେରାବିଶ,୧୭।୬ (ସଂଚାର ବ୍ୟୁରୋ)ଃ** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ ଶାଖାର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଶାଖାର ବରିଷ୍ଠ ସଦସ୍ୟ ଚନ୍ଦ୍ରମଣି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ଦିନକୁ ଦିନ ବଢ଼ିଚାଲିଥିବା ବେଳେ ସମାଧାନର ନାଁ ଧରୁନଥିବା ପ୍ରକାଶ କରିଥିଲେ। ନିର୍ମାଣ ଶ୍ରମିକ ମାନଙ୍କ ସମସ୍ୟା ସମ୍ପର୍କରେ ଶ୍ରୀ ତ୍ରିପାଠୀ ଜିଲ୍ଲା ଶ୍ରମ ଅଧିକାରୀ ଓ ରାଜ୍ୟ ଶ୍ରମ କମିଶନରଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ସଂଘ ତରଫରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକମାନେ ଧାରଣାରେ ବସିବେ ବୋଲି ଆଜିର ବୈଠକରେ ସ୍ଥିତ କରାଯାଇଥିଲା।

# ଅସ୍ତରଙ୍ଗରେ ପୁଲିସ ଶୋଇଛି, ବଢୁଛି ଚୋରି

### ଅନେକ ମନ୍ଦିରରୁ ଚୋରି, ଅସହାୟ ଦେବାଦେବୀ ପୀଠ
### ଫାଇଲ୍‌ରେ ଧୂଳି ଲାଗିଲାଣି, ଚୋର ଧରିବାରେ ପୁଲିସ ବିଫଳ

**କାକଟପୁର/ଅସ୍ତରଙ୍ଗ,୧୭।୬ (ସଂଚାର ବ୍ୟୁରୋ)ଃ** ନୂଆ ଥାନାଅଧିକାରିଣୀ ଯୋଗ ଦେବା ପରଠାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଚୋରି ଘଟଣା ଆଶଙ୍କାଜନକ ଭାବେ ବଢ଼ିଛି। ଦୀର୍ଘ ୫ମାସ ମଧ୍ୟରେ ୫ରୁ ଉର୍ଦ୍ଧ୍ୱ ମନ୍ଦିର ସମେତ ବିଭିନ୍ନ ଦୋକାନ ଓ ସ୍କୁଲ ରେ ଲଗାତାର ଚୋରି ହୋଇଛି। କିନ୍ତୁ ପୋଲିସ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଚୋରକୁ ଧରିପାରିନାହିଁ। ପୋଲିସର ଏଭଳି ନିଷ୍କ୍ରିୟତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତି ଚୋରି ପରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରୁଛି। ମାମଲା ରୁଜୁ ହେଉଛି। ସାଇଣ୍ଟିଫିକ ଟିମ୍ ବି ଆସି ଛାନଭିନ୍ କରୁଛି। କିନ୍ତୁ ୫ମାସ ବିତିଲାଣି, ଗୋଟିଏ ବି ଚୋରି ମାମଲାର ପର୍ଦାଫାସ ହୋଇନାହିଁ। କିଛି ଦିନ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧୀନ ଭେଡ଼ାବନ୍ଧ ମା' ଅମ୍ବିକା ମନ୍ଦିରରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଜିନିଷ ଚୋରି ହୋଇଥିଲା। ତା'ପୂର୍ବରୁ ଆଙ୍ଗୁଅ ମନ୍ଦିର, ବରଡ଼ି ଜଗନ୍ନାଥ ମନ୍ଦିର, ଡେରୁଣିଆ ଅଞ୍ଚଳରେ ବି ଚୋରି ହୋଇଛି।

ଡେରୁଣିଆ ଅଙ୍ଗନବାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟରୁ ବି ଚୋରି ହୋଇଛି। ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇଛି, ମାମଲା ମଧ୍ୟ ହୋଇଛି କିନ୍ତୁ ଚୋର ଧରିବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ।

ଅଭିଯୋଗ ହେଉଛି, ନୂଆ ଥାନାଅଧିକାରିଣୀ ଯୋଗ ଦେବା ଦିନଠାରୁ ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଇଛି। ରାତିରେ ପାଟ୍ରୋଲିଂ ଠିକ୍ ଭାବେ ହେଉନାହିଁ। ପୁରୁଣା ଚୋରମାନଙ୍କ ଉପରେ ନଜର ରଖାଯାଉନାହିଁ ବୋଲି ସ୍ଥାନୀୟ ବ୍ୟକ୍ତି ବିଶେଷ କହିଛନ୍ତି। "ଚୋରି ହେଲେ କେବଳ କାଗଜ କଲମରେ ତଦନ୍ତ, ଯାହାକି ଏମିତି ଚୋରି ବୃଦ୍ଧି ପାଉଥିବା ବେଳେ ଚୋରି ହେଲେ ମଧ୍ୟ ପୋଲିସ ଉପରେ ଭରସା ପାଉନି, କାରଣ ଆଜି ପର୍ଯ୍ୟନ୍ତ କୌଣସି ମନ୍ଦିର ଚୋରିର ଧରି ପାରିନାହିଁ ଅସ୍ତରଙ୍ଗ ପୋଲିସ। ଗାଁ ଲୋକେ ରାତି ଅନିଦ୍ରା ହୋଇ ମନ୍ଦିର ଜଗୁଛନ୍ତି" ଅନେକ ସ୍ଥାନରେ ଏଭଳି ଅଭିଯୋଗ ହେଉଛି।

କିନ୍ତୁ ଗତ ରାତ୍ର ରେ ପୋଟଳ ଛକ ସ୍ଥିତ ରାଧାକୃଷ୍ଣ ମନ୍ଦିରରୁ ଚୋରି ହୋଇଛି। ରୂପା ମୁକୁଟ, ଘଣ୍ଟ, ଅଷ୍ଟ ପ୍ରହରୀ ସାମଗ୍ରୀ ଲୁଟ୍ ହୋଇଯାଇଛି। ବଳ୍ତିଲୋ ଗ୍ରାମର ପୂଜକ ସୁବଳ ପାଢ଼ୀ, ଜଗନ୍ନାଥ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପରିଡା କହିଛନ୍ତି ପୋଲିସ ପାଟ୍ରୋଲିଙ୍ଗ ସମ୍ପୂର୍ଣ୍ଣ ଅଭାବ ଥିବାରୁ ବିଭିନ୍ନ ମନ୍ଦିରରୁ ଚୋରି ହେଉଛି। ତୁରନ୍ତ ମନ୍ଦିରକୁ ସୁରକ୍ଷା ଦେବାକୁ ପୁରୀ ଏସ୍‌ପି କିଛି କରନ୍ତୁ।

ପୋଲିସର ବିଫଳତାକୁ ନେଇ ଅତିଷ୍ଠ ଅଞ୍ଚଳବାସୀ ଏବେ ଏକ୍ସ ମାଧ୍ୟମରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଜଣାଇଛନ୍ତି। ସେମାନଙ୍କ ଦାବି, ବର୍ତ୍ତମାନର ଥାନାଅଧିକାରିଣୀ ଚୋରି ରୋକିବାରେ ସମ୍ପୂର୍ଣ୍ଣ ଅକ୍ଷମ। ତୁରନ୍ତ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇ ଜଣେ ଦକ୍ଷ ଓ କାର୍ଯ୍ୟଦକ୍ଷ ଅଧିକାରୀଙ୍କୁ ଅସ୍ତରଙ୍ଗ ଥାନାରେ ନିଯୁକ୍ତି ଦିଆଯାଉ।

ଯଦି ଶୀଘ୍ର ପଦକ୍ଷେପ ନିଆଯାଏ, ଆଗାମୀ ଦିନରେ ବଡ଼ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ୧୦୦ ବର୍ଷ ପରେ ବି ସୁଧୁରୁନି ଭାପୁର ଫାଣ୍ଡି ଅବସ୍ଥା




**ଢେଙ୍କାନାଳ,୧୭।୬ (ସଂଚାର ବ୍ୟୁରୋ)ଃ** ଢେଙ୍କାନାଳ ଜିଲ୍ଲା ସଦର ବ୍ଲକର ମୁଖ୍ୟ କେନ୍ଦ୍ର ଛଦେଶ ଅଞ୍ଚଳ ଭାପୁର। ପାମାଳ ଠାରୁ କୋଟବେରେଣୀକୁ ନେଇ ଛଦେଶ ଗଠିତ ଏବଂ ବେଶ୍ ପରିଚିତ। ଛଦେଶ ଅଞ୍ଚଳର ମଧ୍ୟସ୍ଥଳୀ ହେଉଛି ଭାପୁରଗ୍ରାମ ଓ ଛକ ନିକଟରେ ଭାପୁର ଫାଣ୍ଡି,ଆଖି ଆଗରେ ଖଣି ଖଦାନ,ଦେଶୀ ବିଦେଶୀ ମଦ ଗଞ୍ଜେଇ ଠାରୁ ଆରମ୍ଭ କରି ମାଡପଟ, ଚୋରି, ରାହାଜାନୀ, ଡ଼କାୟତି, ଅଞ୍ଚଳବାସୀଙ୍କୁ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବା ଉଦ୍ଦେଶ୍ୟରେ ନିମନ୍ତେ ବିଟିଶ୍ ଅମଳରୁ ୧୯୨୬ ମସିହାରେ ଭାପୁର ଛକ ଠାରେ ଏକ ଫାଣ୍ଡି ସ୍ଥାପନ ହୋଇଥିଲା। ୧୦୦ ବର୍ଷ ଅତିକ୍ରମ ବିତି ଯାଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଫାଣ୍ଡିର ନିଜସ୍ୱ କାର୍ଯ୍ୟାଳୟ ନିର୍ମିତ ହୋଇପାରିଲା ନାହିଁ। କି ଫାଣ୍ଡିର ଅବସ୍ଥା ସୁଧୁରି ପାରି ନାହିଁ। ଫାଣ୍ଡିରେ ଥିବା ପୁରୁଣା ଆଜବେଷ୍ଟସ ଘରେ ଫାଣ୍ଡିଟି ଚାଲିଛି। ଛୋଟ ଛୋଟ ଘର ଫାଣ୍ଡି ପଛ ପଟେ ଏକ ଆକବେଷ୍ଟ ଘରେ ଫାଣ୍ଡି ଅଧିକାରୀ ରହୁଥିବା ବେଳେ ଅବ୍ୟବସ୍ଥା ଅବସ୍ଥାରେ ଥିବା ଆଜବେଷ୍ଟସ ଘରେ କାର୍ଯ୍ୟାଳୟ ଚାଲିବା ସହିତ ଅନ୍ୟ ପୋଲିସ କର୍ମଚାରୀମାନେ ନାହିଁ ନଥିବା ଅସୁବିଧାରେ ନିଜର କର୍ମମୟ ଜୀବନ ଅତିବାହିତ କରିଥାନ୍ତି।

ସ୍ଥାନୀୟ ଲୋକ ହୁଅନ୍ତୁ ବା ଆସୁଥିବା ଅତିଥି କିମ୍ବା ବିଭାଗୀୟ କର୍ମଚାରୀ ବିଭାଗର ଅତିଥି ଭବନରୁ ବଞ୍ଚିତ ରୁହନ୍ତି। ବସିବା ପାଇଁ ନା ଅଛି ଚ୍ୟାର,ନା,ଟେବୁଲ୍,ଜେରକ୍ସ ମେସିନ୍ ନା ପିଇବା ପାଇଁ ପାଣି ବିଭିନ୍ନ ସମସ୍ୟା ରାଜ୍ୟରେ ଥାନା,ଫାଣ୍ଡିମାନଙ୍କୁ ସରକାରଙ୍କ ପକ୍ଷରୁ କାର୍ଯ୍ୟାଳୟ ସାଙ୍ଗକୁ କର୍ମଚାରୀମାନଙ୍କ ରହଣି ନିମନ୍ତେ ଅର୍ଥ ବ୍ୟୟବରାଦ କରାଯାଇ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ସଦର ଥାନାର ଭାପୁର ଫାଣ୍ଡିକୁ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ ହୋଇଛି। ସେହିପରି ଭାବରେ ଉକ୍ତ ଫାଣ୍ଡିଟି ୪୨ ନମ୍ବର ଜାତୀୟ ରାଜପଥ କଡ଼ ଭାପୁର ଛକ ନିକଟରେ ଅବସ୍ଥିତ ପୂର୍ବରୁ ଭାପୁର ଫାଣ୍ଡିକୁ ଥାନା କରିବା ନିମନ୍ତେ ଭାପୁର ଛଦେଶ ଅଞ୍ଚଳବାସୀ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଜିଲ୍ଲା କର୍ତ୍ତୃପକ୍ଷ ଏବଂ ସରକାରଙ୍କ ଏଥିପ୍ରତି ଉଦାସୀନ ଥିବା ଦେଖାଯାଉଛି।

## ଯୁବକଙ୍କ ଗଳିତ ମୃତଦେହ ଠାବ

### ଟାଉନ ପୁଲିସର ତଦନ୍ତ ଆରମ୍ଭ

**ସୁନ୍ଦରଗଡ,୧୭।୬ (ସଂଚାର ବ୍ୟୁରୋ)ଃ** ଜୁନ ୧୭ ତାରିଖ ଅପରାହ୍ନ ୨ଃ୫୦ ପଖାପାଖି ସମୟରେ ହଠାତ ଭୟଙ୍କର ଦୁର୍ଗନ୍ଧ ଚାରି ଆଡେ ବ୍ୟାପିବାରୁ କିଛି ଲୋକ ଗନ୍ଧ ବାରି ଘଟଣା ସ୍ଥଳରେ ପହଞ୍ଚିବା ପରେ ଜଣେ କେହି ମରି ପଡିଥିବା ଜଣା ପଡିଥିଲା। ସ୍ଥାନୀୟ ଲୋକେ ଏ ନେଇ ସ୍ଥାନୀୟ ସମାଜ ସେବୀ ସୁକାନ୍ତ ରୋହିଦାଶଙ୍କୁ ଜଣାଇବା ପରେ ସୁକାନ୍ତ ଟାଉନ ଥାନାକୁ ଅବଗତ କରିଥଲେ। ସୂଚନା ପାଇ ସବ୍ ଇନ୍ସପେକ୍ଟର ଭାବଗ୍ରାହି ଜେନା ଓ ତାଙ୍କ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ତେବେ ମୃତକଙ୍କ ଶରୀର ଗଳିତ ଅବସ୍ଥାକୁ ଆସିଥିବା ବେଳେ ସାରା ଶରୀରରେ ପୋକ ଲାଗିଛି। ମୃଷାକାନିର ଅଗମ୍ୟ ସ୍ଥାନରେ ଏହି ଶବ ଠାବ ହୋଇଛି। ତେବେ ମୃତକ ଜଣଙ୍କ ସ୍ଥାନୀୟ ଯୁବକ ଓ ତାଙ୍କ ନାମ ସମୁ କଡ଼ା, ବୟସ - ୩୦ ବର୍ଷ। ତାଙ୍କର ଏହି ଅଭାବନୀୟ ମୃତ୍ୟୁ ଅତ୍ୟଧିକ ମଦ୍ୟ ପାନର କାରଣ ବୋଲି ଜଣା ପଡିଛି। ତେବେ ଟାଉନ ପୋଲିସ ଶବ ଜବତ କରି ଶବ ବ୍ୟବଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି।

## କେନ୍ଦ୍ରର ୧୨ ବର୍ଷ ଓ ରାଜ୍ୟର ୨ ବର୍ଷର ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବିଜେପି ରଣନୀତି




**ମାଲକାନଗିରି,୧୭।୬ (ସଂଚାର ବ୍ୟୁରୋ)ଃ** ମାଲକାନଗିରି ଜିଲ୍ଲା ଭାଜପାର ମାସିକ ବୈଠକ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଉପସଭାପତି ତଥା ମାଲକାନଗିରି ଜିଲ୍ଲା ପ୍ରଭାରୀ ଶ୍ରୀ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଭାଜପା ଉପସଭାପତି ଡମ୍ବରୁ ଶିଶା, ବାଲିମେଲା ନଗର ଚେୟାରମ୍ୟାନ୍ ଶ୍ରୀ ପ୍ରଦୀପ ନାୟକ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ସାବିତ୍ରୀ ପଡିଆମି ପ୍ରମୁଖ ମଞ୍ଚାସୀନ ଥିଲେ।

ବୈଠକରେ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲା କାର୍ଯ୍ୟକାରିଣୀର ପ୍ରମୁଖ ପଦାଧିକାରୀ ଓ ସଂଗଠନର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷର ସଫଳତା ସମ୍ପର୍କରେ ଦଳୀୟ କର୍ମୀମାନଙ୍କୁ ଅବଗତ କରାଇବା ସହିତ ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଏହି ସୂଚନା ପହଞ୍ଚାଇବା ପାଇଁ ରଣନୀତି ପ୍ରସ୍ତୁତ କରିବା।

ଏହା ସହ ଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଓ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ସମିତି ଏବଂ ସଂଗଠନର କାର୍ଯ୍ୟକଳାପ କିପରି ପରିଚାଳିତ ହେବ, ସେନେଇ ମଧ୍ୟ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଥିଲା।

ବୈଠକରେ ସଂଗଠନକୁ ଆହୁରି ସୁଦୃଢ଼ କରିବା, ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଏବଂ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକୁ ସଫଳ ଭାବେ କାର୍ଯ୍ୟକରୀ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା।

## ନୀଳଗିରି ଆଇଆଇସିଙ୍କ ପକ୍ଷପାତିତାକୁ ବିରୋଧ କରି ଧାରଣା




**ନୀଳଗିରି,୧୭।୬ (ସଂଚାର ବ୍ୟୁରୋ)ଃ** ନୀଳଗିରି ଆଇଆଇସିଙ୍କ ପକ୍ଷପାତିତାକୁ ବିରୋଧ କରି ସୁବାସିନୀ ରାଉତଙ୍କ ନେତୃତ୍ୱରେ ପରିବାରକୁ ନେଇ ସକାଳ୧୦ଟା ସମୟରେ ଥାନା ସମ୍ମୁଖରେ ଧାରଣା ଦେଇଥିଲା ବେଳେ ଏହାକୁ ସମର୍ଥନ କରି ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ବିଜେଡି ନେତା ଗଙ୍ଗାଧର ମିଶ୍ର, ସିପିଆଇ ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ପ୍ରସାଦ ବାରିକ,ଜୋନସମ୍ପାଦକ ବିଜୟ କୁମାର ସ, କଂଗ୍ରେସ ଦଳ କୃଷକ ସେଲ ଉପ ସଭାପତି ଯଶୋଦା ନନ୍ଦନ ସିଂହ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ନୀଳଗିରି ବ୍ଲକ ସଭାପତି ତପନ ରାଉତ, ନଗର ସଭାପତି ଉପେନ୍ଦ୍ର ବେହେରା, ଦକ୍ଷିଣ ନରସିଂହପୁର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପୁଟି, ପୂର୍ବତନ ସରପଂଚ ବିଦ୍ୟାଧର ମହାନ୍ତି, ସିପିଆଇ ବିଧାୟକ ପ୍ରାର୍ଥୀ ଅଜୟ ପଟ୍ଟନାୟକ, ବିଜେଡି ନେତା କୁନା ପରିଡା, ବାପୁଜି ମହାନ୍ତି, ରାଜେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ରହି ନୀଳଗିରି ଥାନା ଅଧିକାରୀଙ୍କ ସରକାରୀ ଦଳ ପ୍ରୀତି ରଖି ସୁବାସୀନି ରାଉତଙ୍କ ପରିବାର ପ୍ରତି କରିଥିବା ଅନ୍ୟାୟ ବିରୋଧ କରି ବା ସହ ତୁରନ୍ତ ଏସ୍‌ପି ହସ୍ତକ୍ଷେପ କରି ସୁବାସିନୀ ରାଉତ ପରିବାରକୁ ନ୍ୟାୟ ଦେବାକୁ ଦାବି କରିଥିଲେ।

ଅପରପକ୍ଷରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସପି ନିରଞ୍ଜନ ବେହେରା, ଏସଡିପିଓ ତପସ୍ୱିନୀ କୁଅଁର ଧାରଣା ସ୍ଥଳରେ ପହଁଚି ଧାରଣାକାରିଙ୍କ ଠାରୁ ସମସ୍ତ କଥା ବୁଝିବା ପରେ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ କାର୍ଯ୍ୟକଳାପ ନିରପେକ୍ଷ ନଥିବା ଅନୁଭବ କରିଥିଲେ। ନିର୍ଦୋଷରେ ସୁବାସିନୀଙ୍କ ପରିବାର ଉପରେ ହୋଇଥିବା ମିଥ୍ୟା ମୋକଦ୍ଦମା ସହ ୨ଟି କେଶ ସୁପରଭିଜନ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସୁବସିନୀଙ୍କ ଘର ଉପରେ ଗଛପଡି ଯେଉଁ କ୍ଷତି ହୋଇଛି ତାହା ଜିଲ୍ଲାପାଳଙ୍କୁ ଅବଗତ କରାଯାଇ କ୍ଷତି ପୁରଣ ଦେବାର ପ୍ରତିଶୃତି ଅତିରିକ୍ତ ଏସପି ଶ୍ରୀଯୁକ୍ତ ବେହେରାଦେବା ପରେ ଅପରାହ୍ନ ୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଅନୁସୂଚିତ ଜାତି ଓ ଜନଜାତି ସମୁଦାୟ ପାଇଁ ସାମୁଦାୟିକ ସଂପୃକ୍ତି କାର୍ଯ୍ୟକ୍ରମ



**ରାଇଘର,୧୭।୬ (ସଂଚାର ବ୍ୟୁରୋ)ଃ** ରାଇଘର ବ୍ଲକ ଠାରେ ଓଡ଼ିଶାରେ ଅନୂସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ସରକାରୀ ଯୋଜନା ଓଡ଼ିଶାରେ ଅନୂସୂଚିତ ଜାତି ଓ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ଓ ପ୍ରସାର କରାଯାଉଥିବା ବେଳେ ରାଇଘର ବ୍ଲକ ପରିସର ମଧ୍ୟରେ ଶତାଧିକ ଅନୂଚିତ ଜାତି ଓ ଜନଜାତି ଏହି ବିକାଶ ଧାରା ଓଡ଼ିଶା ସଭାରେ ଯୋଗଦେଇ ଥିଲେ। ମୁଖ୍ୟ ଅତିଥି ଭାବେ ଏସଡିସି ଚେୟାରମେନ ବାସନ୍ତୀ ମାଝୀ, ସାଂସଦ ପ୍ରତିନିଧି ପ୍ରିତୀ ସ୍ମିତା ମହାପାତ୍ର, ବ୍ଲକ ଉନ୍ନୟନ ଅଧିକାରୀ ରିତୁ ସିଂ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନ, ଜନଜାତି ସଭାପତି ସୁବର୍ଣ୍ଣ ଗଣ୍ଡ,ଗଣ୍ଡୱନା ବିକାଶ ମଣ୍ଡଳ ସଭାପତି ମଣିରାମ ଗଣ୍ଡ ଅନୂସୂଚିତ ଜାତି ସଂଘ୍ ସଭାପତି ଶ୍ରୀରାମ ସୁନାନୀ ସମ୍ପାଦକ ସନ୍ତୁରାମ ହରିଜନ ଗଣ୍ଡା ସମାଜ ସଭାପତି ରାଜେନ୍ଦ୍ର ନାଗେଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ, "ଜନଜାତୀୟ ଗରିମା ଉତ୍ସବ-୨୦୨୬" ଅନ୍ତର୍ଗତ "ଜନ ଭାଗିଦାରୀ ଅଭିଯାନ" ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ପରିଗଣିତ ହୋଇଛି। ଏହି ଅଭିଯାନ ମଇ ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆୟୋଜିତ ହେବ। ପରିଶେଷରେ ଦକ୍ଷ ଅର୍ଜନ କରିଥିବା ଖେଳରେ,କୁନ୍ତୀ ପୂଜାରୀ ସଫଳ କୃଷକ ଭାବେ ଡମ୍ବୁରୁ ବାଘ, କମଳୁ ଗଣ୍ଡ,କାଠ ବଢ଼େଇ ଭାବେ କବିରାଜ ସୁନାନୀ,ସଙ୍ଗୀତ ରେ ଚିତ୍ରସେନ ଦୁର୍ଗା,ସାମଜିକ କର୍ମୀ ଭାବରେ ଲଛମନ ନୟକ , ଅନୁଚିତ ଜାତି ର ଦକ୍ଷ ସାମ୍ବାଦିକ ଭାବେ ଲଳିତ ସୁନାନୀ ଙ୍କୁ ସମ୍ମାନିତ କରିଥିଲେ।

## ପାନୀୟ ଜଳ ସମସ୍ୟା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ବିଳମ୍ବକୁ ନେଇ କଂଗ୍ରେସର ଦାବିପତ୍ର



**ଢେଙ୍କାନାଳ,୧୭।୬ (ସଂଚାର ବ୍ୟୁରୋ)ଃ** ଜିଲ୍ଲା କଂଗ୍ରେସ ଉପସଭାପତି ତଥା ବରିଷ୍ଠ ନେତା ବିନୟ କୁମାର ସାହୁଙ୍କ ନେତୃତ୍ୱରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳର ଉତ୍କଟ ଅଭାବର ତୁରନ୍ତ ସମାଧାନ କରିବା ନିମନ୍ତେ ଜିଲ୍ଲାପାଳ ଆଶୀଷ ପାଟିଲଙ୍କ ନିକଟରେ ଦାବି କରାଯାଇଛି । ଜିଲ୍ଲାରେ ଅନେକ ହିତାଧ୍ୟାକାରୀ ସାମାଜିକ ସୁରକ୍ଷା ନିମନ୍ତେ ପ୍ରଦାନ ହେଉଥିବା ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଭିନ୍ନକ୍ଷମ ଭତା ଦୀର୍ଘ ୩ ମାସ ଧରି ପାଇ ନାହାଁନ୍ତି । ସେମାନଙ୍କୁ ଆଉ ବିଳମ୍ବ ନକରି ବକେୟା ଭତା ପ୍ରଦାନ ନିମନ୍ତେ ମଧ୍ୟ ଦାବି କରାଯାଇଛି । ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ସରକାର ୨ବର୍ଷ ପାଳନ ପୂର୍ତ୍ତି ଅବସରରେ ରାଜ୍ୟସାରା ପ୍ରଚାର କରିବା ଓ ଉତ୍ସବ ଆୟୋଜନ କରିବା ସହିତ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ଏଥିରେ ଯୋଗଦେବା କାର୍ଯ୍ୟକ୍ରମରେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସମୟରେ ଅସହାୟ ଗରିବ ଲୋକଙ୍କର ମାସିକ ଭତା ମାତ୍ର ଏକ ହଜାର ଟଙ୍କାକୁ ପ୍ରଦାନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

## ବିକାଶ ଦାବୀ କରୁଥିବା ନେତାଙ୍କ ଗଡ଼ରେ କ୍ରୀଡ଼ା ପ୍ରତିଭା ଅନ୍ଧାରରେ

### ଦୁଇ ଥର ବିଧାୟକ-ମନ୍ତ୍ରୀ, ବିଜେପି ଅଧ୍ୟକ୍ଷା ଥାଇ ମଧ୍ୟ ଅସ୍ତରଙ୍ଗରେ ଷ୍ଟାଡିୟମ ଅଧାପନ୍ତରିଆ

**କାକଟପୁର/ଅସ୍ତରଙ୍ଗ,୧୭।୬ (ସଂଚାର ବ୍ୟୁରୋ)ଃ** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ଲୋକେ ୨୦୧୯ରେ ନିଜ ମାଟିର ପୁଅକୁ ବିଧାୟକ କରିଥିଲେ। ସେ ପୂର୍ବ ସରକାରରେ କ୍ରୀଡ଼ା ମନ୍ତ୍ରୀ ବି ହୋଇଥିଲେ। ୨୦୨୪ରେ ପୁନର୍ବାର ଜିତିଲେ। ଅସ୍ତରଙ୍ଗ ବ୍ଲକ୍‌ରେ ବିକାଶ ହେବ ବୋଲି ଲୋକଙ୍କ ବିଶ୍ୱାସ ଥିଲା। କିନ୍ତୁ ଦୁଇ ଥର ବିଧାୟକ ଓ ଜଣେ ପୂର୍ବତନ ମନ୍ତ୍ରୀଙ୍କ ଗଡ଼ରେ ଆଜି ବି ଯୁବପିଢ଼ିଙ୍କ ପାଇଁ ଗୋଟିଏ ଭଲ ଷ୍ଟାଡିୟମ୍ ନାହିଁ। ଏଇଠି ସମସ୍ୟା ସରୁନି। ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ମଧ୍ୟ ୨୦୨୪ ନିର୍ବାଚନ ସମୟରେ ବିଜେପିରେ ମିଶିଛନ୍ତି। ଶାସକ ଦଳରେ ଥାଇ ମଧ୍ୟ ସେ ଅଞ୍ଚଳର କ୍ରୀଡ଼ା ଭିତ୍ତିଭୂମି ଉପରେ ଦୃଷ୍ଟି ଦେଇନାହାନ୍ତି। ଫଳରେ ଆଜି ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ୍‌ରେ ଭଲ ଷ୍ଟାଡିୟମ୍ ହୋଇପାରିନାହିଁ।



କିଛି ବର୍ଷ ପୂର୍ବେ ଆଳଙ୍ଗପୁର ପଞ୍ଚାୟତରେ ମିନି ଷ୍ଟାଡିୟମ୍ ନିର୍ମାଣ ଆରମ୍ଭ ହୋଇଥିଲା। ପାଚେରୀ ଓ କିଛି ରୁମ୍ ହୋଇଥିଲେ ମଧ୍ୟ ପଡ଼ିଆ ସମତଳୀକରଣ, ଗ୍ୟାଲେରୀ, ୪ଶହ ମିଟର ଟ୍ରାକ୍, ଆଲୋକୀକରଣ ହୋଇନି। ଷ୍ଟାଡିୟମ୍ ଆଜି ମଧ୍ୟ ଅଧାପନ୍ତରିଆ। ଖେଳାଳି ଅନୁଶୀଳନ କରିପାରୁନାହାନ୍ତି।

ସ୍ଥାନୀୟ ଯୁବକଙ୍କ ଅଭିଯୋଗ ଯେ ମନରେଗାରେ ସ୍ୱଳ୍ପ କାମ ଦେଖାଇ ବିଲ୍ ପାସ୍ ହୋଇଛି। ୨୦୨୧-୨୨ରେ ୫ ଲକ୍ଷ ଟଙ୍କା ଅଟକଳ ହୋଇଥିଲା। ପୁରୁଣା ବିଲ୍ ବକେୟା ପାଇଁ ପୁଣି ବିଲ୍ ହୋଇଥିବା ନେଇ ଜନଶୁଣାଣୀରେ ପ୍ରଶ୍ନ ଉଠିଥିଲା। କିନ୍ତୁ କାମ ଆଗେଇନି।

ବିଜେଡି ବିଧାୟକ, ଶାସକ ଦଳ ନେତା ଓ ପଞ୍ଚାୟତ ସମିତି ଅଧକ୍ଷା କହୁଛନ୍ତି ଆମେ ହିଁ ବିକାଶ କରିଛୁ। କିନ୍ତୁ ଜନତାଙ୍କ ପ୍ରଶ୍ନ - କ'ଣ ହୋଇଛି ବିକାଶ? କ୍ରୀଡ଼ା ବିଭାଗ ମାନଦଣ୍ଡ ଅନୁସାରେ ପ୍ରତି ବ୍ଲକ୍‌ରେ ମିନି ଷ୍ଟାଡିୟମ୍ ଥିବା କଥା। ଅସ୍ତରଙ୍ଗରେ ତାହା କାଗଜରେ ସୀମିତ। ଷ୍ଟାଡିୟମ୍ ନଥିବାରୁ ପିଲାମାନେ ରାଜ୍ୟସ୍ତରରେ ହାରୁଛନ୍ତି। ଆଳଙ୍ଗପୁର ଷ୍ଟାଡିୟମ୍ କେବେ ସମ୍ପୂର୍ଣ୍ଣ ହେବ ସେଇଟା ହିଁ ଲୋକଙ୍କ ପ୍ରଶ୍ନ।

## କନ୍ଧମାଳରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ




**ଫୁଲବାଣୀ,୧୭।୬ (ସଂଚାର ବ୍ୟୁରୋ)ଃ** କନ୍ଧମାଳ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ଉଦ୍ଦେଶ୍ୟରେ ବୁଧବାରଠାରୁ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। ଓଡ଼ିଶା ଶ୍ରମ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ୧୫ ଦିନିଆ ସ୍ପେଶାଲ୍ କ୍ୟାମ୍ପେନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସବୁଜ ସଙ୍କେତ ମିଳିଛି।

ସ୍ଥାନୀୟ କଲେକ୍ଟୋରେଟ୍ ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ "ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ" ଏବଂ ଏକ ବିଶାଳ ର୍‍ୟାଲିର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ର୍‍ୟାଲିଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଫୁଲବାଣୀ ସର୍କିଟ୍ ହାଉସ୍ ପର୍ଯ୍ୟନ୍ତ ପରିକ୍ରମା କରି ଶିଶୁ ଶ୍ରମିକ ପ୍ରଥା ବିରୋଧରେ ଜନସଚେତନତା ସୃଷ୍ଟି କରିଥିଲା। ମିଳିଥିବା ସୂଚନା ମୁତାବକ, ଏହି ସଚେତନତା ରଥ ଆଗାମୀ ଦିନରେ ଫୁଲବାଣୀ ପୌରପାଳିକା, ବାଲିଗୁଡା ଏନଏସି ଏବଂ ଜି.ଉଦୟଗିରି ଅଞ୍ଚଳର କୋଣ ଅନୁକୋଣ ପରିକ୍ରମା କରିବ। କୌଣସି ବିପଜ୍ଜନକ କାର୍ଯ୍ୟ, ହୋଟେଲ, ଦୋକାନ ବା ଶିଳ୍ପାନୁଷ୍ଠାନରେ ଶିଶୁ ଓ କିଶୋରମାନଙ୍କୁ ଶ୍ରମିକ ଭାବେ ନିଯୋଜିତ ନ କରିବା ଏବଂ ସେମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ଜନସାଧାରଣଙ୍କୁ ବାର୍ତ୍ତା ପ୍ରସାର କରିବା ଏହି ରଥର ମୂଳ ଲକ୍ଷ୍ୟ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# 'ବଟୱାରା ୧୯୪୭'ର ମୋଶନ ପୋଷ୍ଟର ରିଲିଜ୍





ଆମିର ଖାନ୍ ପ୍ରଡକ୍ସନ ଆଗାମୀ ଫିଲ୍ମ ବଟୱାରା ୧୯୪୭ ର ମୋଶନ ପୋଷ୍ଟର ରିଲିଜ୍ କରି ସମସ୍ତଙ୍କୁ ବଡ଼ ଏବଂ ସୁନ୍ଦର ସପ୍ରାଇଜ୍ ଦେଇଛି । ଏହି ଫିଲ୍ମରେ ସନି ଦେଓଲଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ । ତୀବ୍ର, ରୋମାଞ୍ଚକର ଏବଂ ସ୍ପଷ୍ଟ ହୃଦୟସ୍ପର୍ଶୀ, ଏହି ମୋସନ୍ ପୋଷ୍ଟରଟି କ୍ରୋଧ, ଭାବନା ଏବଂ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ । ଏହି ଫିଲ୍ମରେ ଶବାନା ଆଜମୀ, ପ୍ରୀତି ଜିଣ୍ଟା, କରଣ ଦେଓଲ, ଅଲି ଫଜଲ, ଅଭିମନ୍ୟୁ ସିଂ, ଖୁସି ହଜାରେ ଏବଂ କନିକା କପୁରଙ୍କ ଭଳି ଚମତ୍କାର ଷ୍ଟାରକାଷ୍ଟ ନଜର ଆସିବାକୁ ଯାଉଛନ୍ତି । ଲୋକପ୍ରିୟ କ୍ରିଏଟିଭିଟି ଟିମ୍ ସହିତ ଏହି ଫିଲ୍ମ ଦର୍ଶକଙ୍କୁ ସିନେମାହଲରେ ସମ୍ପୂର୍ଣ୍ଣ ଭିନ୍ନ ଅନୁଭବ ଦେବ । ବଟୱାରା ୧୯୪୭ ର କାହାଣୀ ଏମିତି ଜଣେ ହିରୋଙ୍କ ଉପରେ ଆଧାରିତ ରହିଛି, ଯେଉଁଥିରେ ଘୃଣା ଏବଂ ଡର ସତ୍ତ୍ୱେ ସାହସର ରାସ୍ତା ବାଛିଥିଲେ । ଦିଗଜଙ୍କ ଏହି ଚମତ୍କାର ଷ୍ଟାରକାଷ୍ଟଙ୍କ ସହିତ ଏହି ଫିଲ୍ମ ଦର୍ଶକଙ୍କ ଦମଦାର ଏବଂ ପ୍ରଭାବଶାଳୀ ପରଫରମାନ୍ସ ଦେବାର ପ୍ରତିଶ୍ରୁତି ଦେଇଛି। ଏହି ଫିଲ୍ମର ନିର୍ଦ୍ଦେଶନା ନ୍ୟାସନାଲ ଆୱାର୍ଡ ୱିନିଂ ଫିଲ୍ମ ମେକର ରାଜକୁମାର ସନ୍ତୋଷୀ ଦ୍ୱାରା ହୋଇଛି । ଏହି ଫିଲ୍ମଟି ବର୍ଷ ବର୍ଷ ଧରି ଅନେକ କଲ୍ଟ କ୍ଲାସିକ୍ ସହିତ ସୃଷ୍ଟି ହୋଇଛି, ସନ୍ତୋଷୀ ଏବେ ଏକ ଆକର୍ଷଣୀୟ ଏବଂ ହୃଦୟସ୍ପର୍ଶୀ କାହାଣୀ ଉପସ୍ଥାପନ କରୁଛନ୍ତି । ୩୦ ବର୍ଷ ପରେ ଏହି ଫିଲ୍ମ ସହିତ ରାଜକୁମାର ସନ୍ତୋଷୀ ଏବଂ ସନ୍ନି ଦେଓଲଙ୍କ ଯୋଡ଼ି ପୁଣି ଫେରିଛି । ଏହି ଯୋଡ଼ି ଭାରତୀୟ ସିନେମାକୁ ଘାୟଲ୍, ଦାମିନୀ ଏବଂ ଘାତକ ଭଳି ବଡ଼ ବଡ଼ ବ୍ଲକବଷ୍ଟର ଫିଲ୍ମ ଦେଇଛନ୍ତି । ଏହି ଧମାକାଦାର ମୋଶନ୍ ପୋଷ୍ଟର ଦର୍ଶକଙ୍କ ମଧ୍ୟରେ ଉତ୍ସାହକୁ ଆହୁରି ବଢ଼ାଇ ଦେଇଛି । ବଡ଼ ପରଦାରେ ଏହି ଐତିହାସିକ ଯୋଡ଼ିଙ୍କୁ ଦେଖିବାକୁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଆମିର ଖାନ୍ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ, ବଟବାରା ୧୯୪୭ ରାଜକୁମାର ସନ୍ତୋଷୀଙ୍କ ଦ୍ୱାରା ନିର୍ଦ୍ଦେଶିତ । ଚର୍ଚ୍ଚିତ ସଙ୍ଗୀତକାର ଏ . ଆ ର . ର ହ ମ । ନ ଙ୍କ ଦ୍ୱାରା ରଚିତ । ଜାଭେଦ ଅଖତରଙ୍କ ଦ୍ୱାରା ଗଭୀର ଗୀତିନାଟ୍ୟ ରଚିତ । ଆମିର ଖାନ ଏବଂ ଅପର୍ଣ୍ଣା ପୁରୋହିତଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମଟି ଦେଶର ବିଭାଜନ ଦିବସକୁ ମନେ ପକାଇ ଅଗଷ୍ଟ ୧୪ ତାରିଖ ୨୦୨୬ରେ ଫିଲ୍ମ ହଲରେ ରିଲିଜ୍ ହେବାକୁ ଯାଉଛି ।



# ଗୁରୁ ରନ୍ଧାୱାଙ୍କ ଜିମରେ ଗୁଳିମାଡ଼ ମାମଲାରେ ୨ ଗିରଫ



ପଞ୍ଜାବୀ କଣ୍ଠଶିଳ୍ପୀ ଗୁରୁ ରନ୍ଧୱାଙ୍କ ପଶ୍ଚିମ ବିହାରରେ ଫିଟନେସ ଜିମ୍ ଉପରେ ହୋଇଥିବା ଗୁଳିମାଡ଼ ଘଟଣାରେ ଦିଲ୍ଲୀ ପୋଲିସର କ୍ରାଇମ ବ୍ରାଞ୍ଚ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଅରମାନ ଏବଂ ତୁଷାର ଓରଫ ତାଶୁ ଓରଫ ପିଙ୍କୁ ଭାବେ ହୋଇଛନ୍ତି । ଉଭୟଙ୍କୁ ବହାଦୁରଗଡ଼ରୁ ଧରାଯାଇଛି । ପୁଲିସ ଅନୁସାରେ ଦୁଇ ଅଭିଯୁକ୍ତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ଯୋଡ଼ି ହୋଇଥିବା ଅନୀଲ ପଣ୍ଡିତଙ୍କ ଲାଗି କାମ କରୁଥିଲେ । ଅନୀଲ ପଣ୍ଡିତ ପ୍ରାୟ ଆମେରିକାରେ ବସି ଗ୍ୟାଙ୍ଗ୍ ଅପରେଟ୍ କରୁଛନ୍ତି । ୧୧ଜୁନ ସକାଳ ପ୍ରାୟ ୪ଟା ସମୟରେ ବାଇକରେ ଦୁର୍ବୃତ୍ତମାନେ ଆସି ଗୁଳିମାଡ଼ କରିଥିଲେ । ଏହି ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇ ନ ଥିଲେ । ଘଟଣାସ୍ଥଳରୁ ପୋଲିସକୁ କେବଳ ୭ ଖାଲି ଗୁଳି ମିଳିଥିଲା । ଗୁଳିମାଡ଼ ପରେ ସୋସିଆଲ ମିଡ଼ିଆରେ ଭାଇରାଲ ଏକ ପୋଷ୍ଟରେ ଅନୀଲ ପଣ୍ଡିତ ଏହି ଆକ୍ରମଣର ସ୍ୱୀକାର କରିଥିଲେ । ପୋଷ୍ଟରେ ଦାବି କରାଯାଇଥିଲା କି ଗୁରୁ ରନ୍ଧ୍ୱାଙ୍କୁ ପୂର୍ବରୁ ବି ଚେତାବନୀ ଦିଆଯାଇଥିଲା ଏବଂ ତାଙ୍କର ସଲମାନ ଖାନଙ୍କ ନିକଟତର ହେବା ଆକ୍ରମଣର କାରଣ ବୋଲି କୁହାଯାଇଛି । ଯାଞ୍ଚରେ ସାହିଲ, ସାଗର, ଅରମାନ ଏବଂ ତୁଷାରଙ୍କ ନାଁ ସାମ୍ନାକୁ ଆସିଛି । ସେମାନଙ୍କ ମଧ୍ୟରୁ ଅରମାନ ଏବଂ ତୁଷାରଙ୍କୁ ଗିରଫ କରାଯାଇଛି । ପଚରାଉଚରା ସମୟରେ ଉଭୟ ଅଭିଯୁକ୍ତ ଗୁଳିମାଡ଼ରେ ନିଜର ଭୂମିକାକୁ ସ୍ୱୀକାର କରି ନେଇଛନ୍ତି ।

# 'ମିଷ୍ଟରବିଷ୍ଟ' ପାର୍ କଲେ ୫୦୦ ମିଲିୟନ ସବସ୍କ୍ରାଇବର୍

ବିଶ୍ୱର ସବୁଠାରୁ ବଡ଼ ୟୁଟ୍ୟୁବର୍ ମିଷ୍ଟରବିଷ୍ଟ ଇତିହାସ ରଚିଛନ୍ତି। ସେ ବିଶ୍ୱର ପ୍ରଥମ ବ୍ୟକ୍ତିଗତ ୟୁଟ୍ୟୁବର୍ ଭାବରେ ୫୦୦ ମିଲିୟନ ସବସ୍କ୍ରାଇବରରେ ପହଞ୍ଚିଛନ୍ତି। ସେ ଏକ ଲାଇଭଷ୍ଟ୍ରିମ୍ ସମୟରେ ସେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ମିଷ୍ଟର ବିଷ୍ଟ ନାମରେ ପରିଚିତ ଡୋନାଲ୍ଡସନ୍ ୫୦ କୋଟି ସବ୍‌ସ୍କ୍ରାଇବର୍ ପାର୍ କରିଥିବା ପ୍ରଥମ କ୍ରିଏଟର ହୋଇଛନ୍ତି । ଗତ ୧୨ ତାରିଖରେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ଏହି ଐତିହାସିକ ମାଇଲଖୁଣ୍ଟ ହାସଲ କରିଥିବା ସେ ପ୍ରଥମ ବ୍ୟକ୍ତି। ଶୀର୍ଷ ୟୁଟ୍ୟୁବ୍ ଚ୍ୟାନେଲ ମଧ୍ୟରେ ଦୁଇଟି ଭାରତୀୟ ଚ୍ୟାନେଲ ମଧ ରହିଛି । ମିଷ୍ଟର ବିଷ୍ଟ ୟୁଟ୍ୟୁବରୁ ବର୍ଷକୁ ପ୍ରାୟ ୮୦୩ କୋଟି ଟଙ୍କା ଆୟ କରୁଛନ୍ତି। ତାଙ୍କ ଆୟର ମାଧମ ବିଜ୍ଞାପନ, ତାଙ୍କର କ୍ୟାଣ୍ଡି ବ୍ରାଣ୍ଡ ଓ ଆମାଜନ୍ ପ୍ରାଇମ୍‌ରେ ବିଷ୍ଟ ଗେମ୍ ଭଳି ପ୍ରଡକ୍ସନ୍ ସାମିଲ । ଅରବ ଡଲାର ସାମ୍ରାଜ୍ୟ ତୋଳିବାର ବହୁ ପୂର୍ବରୁ ୨୦୧୨ରେ ଡୋନାଲ୍ଡସନ୍ ମାତ୍ର ୧୩ ବର୍ଷ ବୟସରେ ମିଷ୍ଟରବିଷ୍ଟ ନାମରେ ଗେମିଂ ଭିଡିଓ ଅପଲୋଡ଼ କରୁଥିଲେ । ଅନେକ ବର୍ଷ ଧରି ସେ କମ୍ ବଜେଟ୍ର ଭିଡିଓ ପ୍ରସ୍ତୁତ କଲେ । ୟୁଟ୍ୟୁବ୍‌କୁ ପୂର୍ଣ୍ଣକାଳୀନ କାମ ରୂପେ ଚୟନ କରିବା ପାଇଁ କଲେଜ ଆରମ୍ଭ କରିବାର ମାତ୍ର ୨ ସପ୍ତାହ ପରେ ସେ ପଢ଼ା ଛାଡ଼ିଦେଲେ । ମିଷ୍ଟର ବିଷ୍ଟ ଏବେ କେବଳ ୟୁଟ୍ୟୁବର ନୁହନ୍ତି। ବିଷ୍ଟ ଇଣ୍ଡଷ୍ଟ୍ରିଜ୍ ଜରିଆରେ ସେ ଏକ ବିଶାଳ ସାମ୍ରାଜ୍ୟ ଚଳାଉଛନ୍ତି। ଏଥିରେ କଣ୍ଟେଣ୍ଟ କ୍ରିଏସନ୍, ମର୍ଚାଣ୍ଡାଇଜ, ସମାଜ ସେବା ଓ କଞ୍ଜ୍ୟୁମର ବ୍ରାଣ୍ଡ ସାମିଲ । ଏହି କମ୍ପାନି ଅରବ ଡଲାର ମୂଲ୍ୟାୟନର ଲକ୍ଷ୍ୟ ନେଇ ଆଗକୁ ବଢୁଛି।





# ଜୀବନ ହାରିଲେ 'କୁମକୁମ୍ ଭାଗ୍ୟ'ର ଅଭିନେତ୍ରୀ

"କୁମକୁମ ଭାଗ୍ୟ" ରେ ତାଙ୍କ ଭୂମିକା ପାଇଁ ଜଣାଶୁଣା ଟିଭି ଅଭିନେତ୍ରୀ ସଞ୍ଚିତା ଉଗାଲେଙ୍କ ମୃତ୍ୟୁ ହୋଇଛି । ସେ ନାଲାସୋପାରାରେ ତାଙ୍କ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ଅଭିନେତ୍ରୀ ଏହି ପଦକ୍ଷେପ ନେବାର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସ୍ଥାନୀୟ ଆଚୋଲେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି । ପୋଲିସ ରିପୋର୍ଟ ଅନୁଯାୟୀ, ନାଲାସୋପାର ପୂର୍ବର ଆଚୋଲେ ଗ୍ରାମର ସାଇ ସନ୍ତୋଷୀ କୋଠାରେ ଥିବା ତାଙ୍କ ଘରେ ୨୨ ବର୍ଷୀୟା ଅଭିନେତ୍ରୀ ଆତ୍ମହତ୍ୟା କରିଛନ୍ତି । ଏହି ଘଟଣା ଜୁନ୍ ୧୪ ତାରିଖ ସନ୍ଧ୍ୟା ୭:୦୦ ରୁ ସନ୍ଧ୍ୟା ୭:୩୦ ମଧ୍ୟରେ ଘଟିଥିଲା। ଆଚୋଲେ ପୋଲିସ ଷ୍ଟେସନର ସହକାରୀ ପୋଲିସ ଇନ୍ସପେକ୍ଟର ବିନୋଦ ବାଗ କହିଛନ୍ତି ଯେ ସଞ୍ଚିତା ତାଙ୍କ ଶୋଇବା ଘରେ ନିଜକୁ ବନ୍ଦ କରି ରଖିଥିଲେ ଏବଂ ଶାଢ଼ି ବ୍ୟବହାର କରି ସିଲିଂ ଫ୍ୟାନରେ ଫାଶି ଦେଇଥିଲେ।

# ଇତିହାସ ରଚିଲା 'ମାଇକେଲ': ବିଶ୍ୱବ୍ୟାପୀ ଚମତ୍କାର ପ୍ରଦର୍ଶନ



ମାଇକେଲ ଜ୍ୟାକସନଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ମାଇକେଲ' ବକ୍ସ ଅଫିସ୍‌ରେ ଚମତ୍କାର ପ୍ରଦର୍ଶନ କରିଛି। ଏହା ନମ୍ବର ୧ ମ୍ୟୁଜିକାଲ ବାୟୋପିକ ପାଲଟିଛି। ପୂର୍ବ ରେକର୍ଡଧାରୀ ଫିଲ୍ମ ବୋହେମିଆନ ରାପସୋଡିକୁ ମଧ୍ୟ ପଛରେ ପକାଇ ଦେଇଛି। ଏହି ଫିଲ୍ମଟି ବିଶ୍ୱବ୍ୟାପୀ ୮ ହଜାର କୋଟିରୁ ଅଧିକ ସଂଗ୍ରହ କରି ଇତିହାସ ରଚିଛି। 'ମାଇକେଲ' ଏପ୍ରିଲ ୨୨, ୨୦୨୬ରେ ଥିଏଟର୍‌ରେ ମୁକ୍ତିଲାଭ କରିଥିଲା ଏବଂ ପରବର୍ତ୍ତୀ ୪୮ ଦିନ ଧରି ନିରନ୍ତର ଭାବରେ ରାଜସ୍ୱ ସଂଗ୍ରହ କରିଚାଲିଥିଲା। ଫିଲ୍ମଟି ବିଶ୍ୱବ୍ୟାପୀ ବକ୍ସ ଅଫିସରେ ମଧ୍ୟ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ଫିଲ୍ମଟି ୫,୨୭୮.୯୮ କୋଟି ଆୟ କରିଥିଲା। ଏହାର ମୋଟ ବିଶ୍ୱବ୍ୟାପୀ ଆୟ ୫,୬୯୯.୫୩ କୋଟି। 'ମାଇକେଲ' ବିଶ୍ୱବ୍ୟାପୀ ସଂଗ୍ରହ ଦୃଷ୍ଟିରୁ ବୋହେମିଆନ ରାପସୋଡିକୁ ପଛରେ ପକାଇ ଦେଇଛି। ବୋହେମିଆନ ରାପସୋଡି ବ୍ରିଟିଶ ରକ ବ୍ୟାଣ୍ଡ କୁଇନର ଫ୍ରଣ୍ଟମ୍ୟାନ ଫ୍ରେଡି ମର୍କ୍ୟୁରୀଙ୍କ ଜୀବନୀ ଉପରେ ଆଧାରିତ ଏକ ମ୍ୟୁଜିକାଲ ବାୟୋପିକ ଥିଲା। 'ମାଇକେଲ' ଭାରତରେ ମଧ୍ୟ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଥିଲା।

# ରକ୍ତଭଣ୍ଡାର ବନ୍ଦ ଘଟଣାରେ ରୋଗୀ ଚିନ୍ତିତ

**କଳାହାଣ୍ଡି,୧୭।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ପଶ୍ଚିମାଞ୍ଚଳର ସ୍ୱାସ୍ଥ୍ୟସେବାର ଏକ ପ୍ରମୁଖ ଭରସା ଥିବା ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ଭଣ୍ଡାର (ବ୍ଲଡ଼ ବ୍ୟାଙ୍କ) ବନ୍ଦ ହୋଇଯିବା ପରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧର୍ମଗଡ଼ ସମେତ ଜୟପାଟଣା, କୋକସରା, କଲମପୁର, ଗୋଲାମୁଣ୍ଡା, ଥୁଆମୂଳ ରାମପୁର ଓ ନୂଆପଡ଼ା ଜିଲ୍ଲାର ସୀମାନ୍ତ ଅଞ୍ଚଳରୁ ପ୍ରତିଦିନ ଶତାଧିକ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ରକ୍ତ ଉପଲବ୍ଧ ନ ହେବାରୁ ଜୀବନ ରକ୍ଷା ଚିକିତ୍ସା ବାଧାପ୍ରାପ୍ତ ହେଉଛି। ସୂଚନା ଅନୁଯାୟୀ, ନିରୀକ୍ଷଣ ସମୟରେ ରକ୍ତ ଭଣ୍ଡାର ଭବନର ଗଠନଗତ କ୍ଷମତା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ରରେ ତ୍ରୁଟି




ଥିବା ଦର୍ଶାଯାଇଛି। ଏହାପରେ ରକ୍ତ ଭଣ୍ଡାରର ନିୟମିତ କାର୍ଯ୍ୟ ବନ୍ଦ କରାଯାଇଛି। ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ଏଡିଏମଓ ଡା. ସଦାନନ୍ଦ ପାଣିଗ୍ରାହୀଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ପାଇଁ କେବଳ ରକ୍ତ ସଂରକ୍ଷଣ ବ୍ୟବସ୍ଥା ଚାଲୁ ରହିବ। ଆସନ୍ତା ୨୨ ତାରିଖରେ ପୁନଃ ତଦାରଖ କରାଯିବା ପରେ ପରିସ୍ଥିତିର ସମୀକ୍ଷା କରି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। କିନ୍ତୁ ଏହି ବ୍ୟବସ୍ଥା ରୋଗୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ଦୁର୍ଘଟଣା, ପ୍ରସବ, ଜରୁରୀ ଅସ୍ତ୍ରୋପଚାର, ଥାଲାସେମିଆ ଓ ଅନ୍ୟାନ୍ୟ ଗୁରୁତର ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ତୁରନ୍ତ ରକ୍ତର ଆବଶ୍ୟକତା ପଡୁଥିବା ବେଳେ ରକ୍ତ ଭଣ୍ଡାର ବନ୍ଦ ହୋଇଥିବାରୁ ସେମାନଙ୍କୁ ଭବାନୀପାଟଣା କିମ୍ବା ଅନ୍ୟ ସ୍ଥାନକୁ ଦୌଡ଼ିବାକୁ ପଡୁଛି। ଏଥିରେ ଅନେକ ସମୟ ମୂଲ୍ୟବାନ ଜୀବନ ବିପଦରେ ପଡୁଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଏଭଳି ଜରୁରୀ ସେବା ଦୀର୍ଘଦିନ ବନ୍ଦ ରହିବା ଅଞ୍ଚଳବାସୀଙ୍କ ପାଇଁ ଗଭୀର ଚିନ୍ତାର ବିଷୟ। ଯଦି ଭବନ ଓ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟି ଥିଲା, ତେବେ ତାହାର ସମାଧାନ ପୂର୍ବରୁ କାହିଁକି କରାଯାଇନଥିଲା ବୋଲି ପ୍ରଶ୍ନ ଉଠୁଛି। ଏହି ଗୁରୁତର ପ୍ରସଙ୍ଗରେ ସ୍ଥାନୀୟ ବିଧାୟକଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପ୍ରତିକ୍ରିୟା କିମ୍ବା ପଦକ୍ଷେପ ସାମ୍ନାକୁ ଆସିନାହିଁ। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଞ୍ଚଳବାସୀଙ୍କ ଦାବି, ରକ୍ତ ଭଣ୍ଡାରକୁ ଯୁଦ୍ଧକାଳୀନ ଭିତ୍ତିରେ ପୁନଃ କାର୍ଯ୍ୟକ୍ଷମ କରାଯାଉ ଏବଂ ଆବଶ୍ୟକ ଭିତ୍ତିଭୂମି ଓ ସୁରକ୍ଷା ବ୍ୟବସ୍ଥା ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ। ଧର୍ମଗଡ଼ ଭଳି ବିଶାଳ ଅଞ୍ଚଳର ଲୋକଙ୍କ ପାଇଁ ରକ୍ତ ଭଣ୍ଡାର କେବଳ ଏକ ସ୍ୱାସ୍ଥ୍ୟ ସେବା ନୁହେଁ, ବରଂ ଅନେକଙ୍କ ଜୀବନ ବଞ୍ଚାଇବାର ଏକମାତ୍ର ଭରସା। ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗ ଏହି ସମସ୍ୟାର ଶୀଘ୍ର ସମାଧାନ ନ କଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଗମ୍ଭୀର ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

● ଶିଶୁ ମଙ୍ଗଳ କମିଟି କୋର୍ଟ କ୍ୟାମ୍ପ

## ବ୍ଲକସ୍ତରୀୟ ପିତୃ-ମାତୃହୀନ ଶିଶୁଙ୍କ ଉପସ୍ଥାପନା ଓ ପରାମର୍ଶ ଶିବିର



**ସୁବର୍ଣ୍ଣପୁର,୧୭।୬(ସଂଚାର ବ୍ୟୁରୋ):** ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ସୋନପୁର ବ୍ଲକ ମିଶନ ଶକ୍ତି ଗୃହ ଠାରେ ପିତୃ-ମାତୃହୀନ ଶିଶୁଙ୍କ ପରାମର୍ଶ ଓ କୋର୍ଟ କ୍ୟାମ୍ପ ଅନୁଷ୍ଠିତ ହୋଇଅଛି। ଏହି କ୍ୟାମ୍ପରେ ୭୫୬ ଜଣ ଶିଶୁ ଓ ମହିଳା ଉପସ୍ଥିତ ରହିଥିଲେ। ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର ଦ୍ୱାରା ସମସ୍ତ ଶିଶୁ ଏବଂ ଅଭିଭାବକଙ୍କ ସମସ୍ତ ପ୍ରମାଣପତ୍ର ଯାଞ୍ଚ କରାଯାଇ ତଥ୍ୟ ସଂଗ୍ରହ କରାଯାଇଥିଲା। ସମସ୍ତ ଶିଶୁଙ୍କ ତଥ୍ୟ ତର୍ଜମା ପରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବାର ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପରିଚାଳନା କରିଥିବା ବେଳେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ଲିନା ବାବୁ, ସଭ୍ୟା ରଞ୍ଜିତା ସାହୁ, ସଭ୍ୟ କେଶବ ଚନ୍ଦ୍ର ମେହେର ଓ ବ୍ରଜେନ୍ଦ୍ର କୁମାର ବିଶି ଉପସ୍ଥିତ ରହି ଉପସ୍ଥାପନା କାର୍ଯ୍ୟ ତୁଲାଇଥିଲେ। ଏହି କ୍ୟାମ୍ପକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଗୌତମ ମହାପାତ୍ର, ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଲସେ, ମୃତ୍ୟୁଞ୍ଜୟ ସାହୁ, ସରିତା ସୁନା, ଜିତେନ୍ଦ୍ର ମଣ୍ଡଳ, ଅନିଲ ମହଲା, ଚାଇଲ୍ଡ଼ ହେଲ୍ପଲାଇନର ଧର୍ମେନ୍ଦ୍ର ଦାସ ଓ ଶିଶୁ ମଙ୍ଗଳ ସମିତିର ଏଡିଇଓ ଆକାଶ ରଣା ଶିବିରରେ ସହଯୋଗ କରିଥିଲେ।

## ଗଛ ମୂଳେ ଆଶ୍ରୟ ନେଇଥିବା ୩ ମହିଳାଙ୍କୁ ବଜ୍ରାଘାତରେ ଆହତ



**ଥୁଆମୂଳ ରାମପୁର,୧୭।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଡୁମେରପଦର ଗ୍ରାମର ନୁନ ପାଣି ପାହାଡ଼ ନିକଟରେ ଆଜି ଏକ ଦୁଃଖଦାୟକ ଘଟଣା ଘଟିଯାଇଛି। ଅପରାହ୍ନ ପ୍ରାୟ ୩ଟା ସମୟରେ ହଠାତ୍ ବର୍ଷା ଓ ପବନ ସହ ହୋଇଥିବା ଭୟଙ୍କର ବଜ୍ରପାତରେ ୩ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଡୁମେରପଦର ଗ୍ରାମର ଭାନୁମତୀ ମାଝୀ (୫୦), ହୁଲ ମାଇ ମାଝୀ (୪୦) ଏବଂ ସୁମିତ୍ରା ମାଝୀ (୩୫)। ମିଳିଥିବା ସୂଚନା ମୁତାବକ, ଆଜି ଅପରାହ୍ନରେ ଏହି ତିନି ମହିଳା ଡଙ୍ଗର ଖୋଳିବା ସହ ପୋଡୁ ଚାଷ କାମ ପାଇଁ ନୁନ ପାଣି ପାହାଡ଼କୁ ଯାଇଥିଲେ। ସେହି ସମୟରେ ହଠାତ୍ ପାଗ ପରିବର୍ତ୍ତନ ହେବା ସହ ସାମାନ୍ୟ ପବନ ଓ ବର୍ଷା ଆରମ୍ଭ ହୋଇଥିଲା। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ସେମାନେ ନିକଟରେ ଥିବା ଏକ ବରଗଛ ମୂଳେ ଆଶ୍ରୟ ନେଇଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ସେହି ସମୟରେ ଗଛ ଉପରେ ବଜ୍ରପାତ ହେବା ଫଳରେ ତିନିଜଣ ଯାକ ମହିଳା ଗୁରୁତର ଆଘାତପ୍ରାପ୍ତ ହୋଇ ତଳେ ଅଚେତ ହୋଇ ପଡ଼ିଥିଲେ। ବଜ୍ରପାତର ତୀବ୍ରତା ଯୋଗୁ ସୁମିତ୍ରା ମାଝୀଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ଶରୀରରେ ସାମାନ୍ୟ ଆଘାତ ଲାଗିଛି। ଏହି ସମ୍ପର୍କରେ ଖବରପାଇ ଗ୍ରାମବାସୀମାନେ ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ ଏବଂ ଅଚେତ ଅବସ୍ଥାରେ ଥିବା ତିନି ମହିଳାଙ୍କୁ ଉଦ୍ଧାର କରିଥିଲେ। ପରେ ଏକ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ତୁରନ୍ତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ଡାକ୍ତର ଶକ୍ତି ସାଗର ଗୁରୁତର ଥିବା ମହିଳାମାନଙ୍କର ପ୍ରାଥମିକ ଚିକିତ୍ସା କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କର ଚିକିତ୍ସା ଜାରି ରହିଛି।

## ନୀଳକଣ୍ଠେଶ୍ୱରଙ୍କ ପୀଠରେ ରଜ ମହୋତ୍ସବ ଉଦ୍‌ଯାପିତ

**ବାଲିପାଟଣା,୧୭।୬(ସଂଚାର ବ୍ୟୁରୋ):** ବାଲିପାଟଣାର ବିଭିନ୍ନ ସ୍ଥାନ ରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଁ ଗହଳିରୁ ବିଲୁପ୍ତ ରଜ ପରମ୍ପରା କୁ ଉଜ୍ଜୀବିତ କରିବା ଉଦେଶ୍ୟ ରେ ମହୋତ୍ସବ ଆୟୋଜନ କରାଯାଇଛି। ପମ୍ପାଲୋ ପଞ୍ଚାୟତ ସରାଟ ନୀଳକଣ୍ଠେଶ୍ୱର ଙ୍କ ପୀଠରେ ପ୍ରଥମ ରଜ ମହୋତ୍ସବ ଏବଂ ପାଇକ ସଙ୍ଘ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ନୀଳକଣ୍ଠେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସିଦ୍ଧି ବିନାୟକ ଚାରି ଟେବୁଲ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ରବିବାର ଠାରୁ ମଙ୍ଗଳବାର ଉଦଯାପିତ ହୋଇଛି। ଏହି ଅବସରରେ ଅଗ୍ରୱାଲ୍ ଆଇ ସେଣ୍ଟର ଏବଂ ଜୟଦେବ ହେଲଥ କେୟାର ମିଳିତ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା, ଚଷମା ବଣ୍ଟନ ଏବଂ ଔଷଧ ବଣ୍ଟନ କରାଯାଇଥିଲା। ଶତାଧିକ ବ୍ୟକ୍ତି ଶିବିର ରେ ଯୋଗଦେଇଥିଲେ। ସିଦ୍ଧି ବିନାୟକ ଚାରି ଟେବୁଲ୍ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା ଉପସ୍ଥିତ ରହି ଚଷମା ବଣ୍ଟନ କରିଥିଲେ। ସନ୍ଧ୍ୟା ରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ



ହାସ୍ୟ କଳାକାର କମେଡି କିଙ୍ଗ ଭକ୍ତି ଙ୍କ ଅଭିନୟରେ ଦର୍ଶକ ମଜା ନେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ଓଲିଉଡ଼ କଳାକାର ଐଶ୍ୱର୍ଯ୍ୟା ବେହେରା, ଶର୍ମିଳା ରାଉତ, ସୁଭଦ୍ରା ଓରଫ କଣ୍ଢେଇ ରଜ ଗୀତ ରେ ନୃତ୍ୟ ପ୍ରଦର୍ଶନ କରି ଦର୍ଶକ ଙ୍କୁ ବିମୋହିତ କରିଥିଲେ। ହାସ୍ୟ କଳାକାର ଭକ୍ତି ଙ୍କ ମଜାଦାର କମେଡି ରେ ମଞ୍ଚ କମ୍ପି ଉଠିଥିଲା।ବରିଷ୍ଠ ଠିକାଦାର ରମାକାନ୍ତ ପଣ୍ଡା, ଯୁବ ନେତା ରାକେଶ ସାମଲ, ଆନ୍ତର୍ଜାତୀୟ ବଂଶୀ ବାଦକ ଗୁରୁ ରାଜ କିଶୋର ଦଳ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନେତା ରଶ୍ମି ରଞ୍ଜନ ପଣ୍ଡା, ମାନସ ପଣ୍ଡା, ସତ୍ୟଜିତ ରାୟ ବରିଷ୍ଠ ନାଗରିକ, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

**ଜୟପୁର,୧୭।୬(ସଂଚାର ବ୍ୟୁରୋ):** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ ବଙ୍ଗାଲିଗୁଡା ଗ୍ରାମର ଅଭି ଜାନି। ସୁଚନା ଅନୁଯାଇ ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଆଜି ବଙ୍ଗାଲିଗୁଡା ରାସ୍ତା ରେ ଚଢାଉ କରିଛି। ଚଢାଉ କରି ୨୨ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି।

## ବ୍ରଜରାଜନଗରରେ ରଜ ପାଳିତ, ୨ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କ ଭିଡ଼

**ଝାରସୁଗୁଡ଼ା,୧୭।୬(ସଂଚାର ବ୍ୟୁରୋ):** ଓଡ଼ିଆ ଅସ୍ମିତାର ପ୍ରତୀକ ତଥା ଓଡ଼ିଶାର ଗଣପର୍ବ 'ରଜ' ଚଳିତ ବର୍ଷ ବ୍ରଜରାଜନଗର ସ୍ଥିତ ଇକୋ ପାର୍କଠାରେ ସର୍ବସାଧାରଣଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଧୁମ୍ ଧାମ୍ ରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାର୍କ ପରିସରକୁ ବେଶ୍ ଆକର୍ଷଣୀୟ ଭାବେ ସଜାଯାଇଥିଲା। ବିଶେଷ କରି ମନୋରଞ୍ଜନ ପାଇଁ ପ୍ରସ୍ତୁତ କରାଯାଇଥିବା ସୁସଜ୍ଜିତ ରଜଦୋଳି ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଉତ୍ସବରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ଶିଶୁ ଯୋଗଦେଇ ଦୋଳି ଖେଳିବା ସହ ରଜ ପର୍ବର ଭରପୂର ମଜା ଉଠାଇଥିଲେ। ଏହି ଅବସରରେ ପାରମ୍ପରିକ ଖାଦ୍ୟପେୟର ସ୍ୱତନ୍ତ୍ର ସମ୍ଭାର ଦେଖିବାକୁ ମିଳିଥିଲା। 'ସୁଭଦ୍ରା ଶକ୍ତି'ର ଆନୁକୂଲ୍ୟରେ ଏଠାରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଓଡ଼ିଆ ପିଠାପଣାର ବ୍ୟବସ୍ଥା କରାଯାଇଥିଲା। ଲୋକମାନେ ଉତ୍ସାହର ସହ ପୋଡ଼ ପିଠା, କାକରା, ମାଣ୍ଡିଆ ପିଠା, ଆରିସା ଏବଂ ମଣ୍ଡା ପିଠା ଭଳି ପାରମ୍ପରିକ ମିଠାର ସ୍ୱାଦ ଚାଖିଥିଲେ। ଏହା ସହିତ ରଜ ପର୍ବର ସବୁଠାରୁ ପ୍ରିୟ 'ରଜ ପାନ'ର ମଧ୍ୟ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## କୁରାଢ଼ିରେ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବଞ୍ଜୋ,୧୭।୬(ସଂଚାର ବ୍ୟୁରୋ):** ଆନନ୍ଦପୁର ଥାନା ଅନ୍ତର୍ଗତ ପଞ୍ଚୁଗୋଛିଆ ପଂଚାୟତ ସହାନନ୍ଦପୁର ଗ୍ରାମରେ ଘଟିଥିବା ଏକ କୁରାଢ଼ି ଆକ୍ରମଣ ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ସହାନନ୍ଦପୁର ଗ୍ରାମର ରେବତୀ ସାହୁଙ୍କ ଅଭିଯୋଗ କ୍ରମେ ଆନନ୍ଦପୁର ଥାନାରେ ମାମଲା ନଂ୧୮୫/୨୬, ଧାରା ୧୧୫(୨)/ ୧୨୬(୨)/ ୩୫୧(୨)/ ୧୦୯(୧) ବିଏନଏସ ଅନୁଯାୟୀ ରୁଜୁ କରାଯାଇଥିଲା। ଗତ ୧୬ ଜୁନ ସକାଳ ପ୍ରାୟ ୭ଟା ୪୦ ମିନିଟ ସମୟରେ ଅଭିଯୋଗକାରିଣୀଙ୍କ ପୁଅ ମାନସ ସାହୁ ଗ୍ରାମ ଟ୍ୟୁବୱେଲ ନିକଟରେ



ଦାନ୍ତ ଘଷୁଥିବା ବେଳେ ସେହି ଗ୍ରାମର ରାଜେନ୍ଦ୍ର ଓରଫ କାଳନ୍ଦୀ ଦଲେଇ ହଠାତ୍ କୁରାଢ଼ିରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ମାନସ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ରାଜେନ୍ଦ୍ର ଓରଫ କାଳନ୍ଦୀ ଦଲେଇଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ ଆନନ୍ଦପୁର କୋର୍ଟକୁ ଚାଲାଣ କରାଯାଇଥିବା ସୂଚନା ଏସଡିପିଓ କମଳ ଲୋଚନ ପଣ୍ଡା ପ୍ରଦାନ କରିଛନ୍ତି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ, ଡାକ୍ତରଙ୍କୁ ଆକ୍ରମଣ

**ମାଲକାନଗିରି,୧୭।୬(ସଂଚାର ବ୍ୟୁରୋ):** ମାଲକାନଗିରି ସଦର ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା। ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଅଭିଯୋଗ। ଆଠ ମାସର ଗର୍ଭବତୀମୃତ୍ୟୁକୁ ନେଇ ଡାକ୍ତରଙ୍କୁ ଆକ୍ରମଣ କରିଛନ୍ତି ଲୋକେ। ମୃତ ମହିଳା ହେଲେ ବନ୍ଦନା ମଣ୍ଡଳ। ଗତକାଲି ରାତିରେ ଅସୁସ୍ଥ ହେବା ପରେ ତାଙ୍କୁ ସଦର ଚିକିତ୍ସାଳୟକୁ ଅଣାଯାଇଥିଲା।ପରିବାର ଲୋକଙ୍କ କହିବା କଥା ହେଲା ବନ୍ଦନା ରାତିରେ ଅସୁସ୍ଥ ହୋଇ ପଡ଼ିଥିଲେ। ଘରେ ସାପ ଦେଖିବା ପରେ ସାପ କାମୁଡ଼ିଥିବା ସନ୍ଦେହରେ ଚିକିତ୍ସା ପାଇଁ ଆଣିଲେ। ଏପରିକି ସାପଟିକୁ ମାରି ମେଡିକାଲ ଆଣିଥିଲେ ମଧ୍ୟ ଯଥାଯଥ ଚିକିତ୍ସା ମିଳିନଥିଲା। ପରେ ସକାଳେ ଘରକୁ ଫେରିବା ପରେ ପୁଣି ଅସୁସ୍ଥ ହୋଇପଡ଼ିଥିଲେ ବନ୍ଦନା। ତୁରନ୍ତ ପୁଣି ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଡାକ୍ତର ରୋଗୀଙ୍କୁ ଠିକ୍ ଚିକିତ୍ସା କରିନଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ରୋଗୀ ସୁସ୍ଥ ହୋଇ ନଥିବା ବେଳେ ଡାକ୍ତର କାହିଁକି ଘରକୁ ଯିବାକୁ କହିଲେ ବୋଲି ଅଭିଯୋଗ କରିଛନ୍ତି ଲୋକେ। ଏପଟେ ଡାକ୍ତର କହିଛନ୍ତି ରୋଗୀ ନିଜେ ପରିବାର ଲୋକଙ୍କ ସହ ଚାଲି ଯାଇଛି। ଅନ୍ୟପଟେ ଚିକିତ୍ସାରେ କୌଣସି ଅବହେଳା ହୋଇନଥିବା ଦାବି କରିଛନ୍ତି ସମ୍ପୃକ୍ତ ଡାକ୍ତର। ରୋଗୀଙ୍କୁ ଆବଶ୍ୟକ ସମସ୍ତ ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଇଥିବା ସେ କହିଛନ୍ତି। ତେବେ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ଡାକ୍ତରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ସ୍ଥିତି ସ୍ୱାଭାବିକ ହୋଇଛି।

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା

## ଫର୍ମ ଡିଜିଟାଇଜେସନ କାର୍ଯ୍ୟ ଆଗେଇ ଚାଲିଛି



**ସୁବର୍ଣ୍ଣପୁର,୧୭।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଏନୁମେରେସନ ଫର୍ମ ଡିଜିଟାଇଜେସନ କାମ ଦ୍ରୁତ ଗତିରେ ଚାଲିଛି। ଜିଲ୍ଲାରେ ଥିବା ଦୁଇଟି ବିଧାନସଭା ମଣ୍ଡଳୀରେ ବିଏଲଓମାନେ ଫର୍ମ ବଣ୍ଟନ କାମ ଶତକଡା ୯୯.୮୫ ସମ୍ପୂର୍ଣ୍ଣ କରିଥିବା ବେଳେ ସେମାନେ ଫର୍ମଗୁଡ଼ିକୁ ସଂଗ୍ରହ କରି ଡିଜିଟାଇଜେସନ ପ୍ରକ୍ରିୟା ମଧ୍ୟ ଦ୍ରୁତ ଗତିରେ ଆଗେଇ ନେଉଛନ୍ତି। ଜିଲ୍ଲା ନିର୍ବାଚନ ବିଭାଗର ତଥ୍ୟ ଅନୁସାରେ ଆଜି ସୁଦ୍ଧା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨, ୧୮, ୫୯୨ ଫର୍ମ ବଣ୍ଟନ କରାଯାଇଥିବା ବେଳେ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨, ୫୩, ୭୧୩ ଫର୍ମ ବଣ୍ଟନ କରାଯାଇଥିଲା। ସର୍ବମୋଟ ୪, ୭୩, ୦୧୧ ଫର୍ମ ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ବୀରମହାରାଜପୁରରେ ୧, ୭୨, ୧୯୭ଟି ଫର୍ମର ଡିଜିଟାଇଜେସନ ସରିଥିବା ବେଳେ ସୋନପୁରରେ ୧, ୫୨, ୬୪୮ଟି ଫର୍ମର ଡିଜିଟାଇଜେସନ ସରିଛି। ମୋଟ ୩, ୨୪, ୮୪୫ଟି ଫର୍ମ ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଛି, ଯାହାକି ଜିଲ୍ଲାର ୬୮.୬୮ ଶତକଡା ଫର୍ମ ଡିଜିଟାଇଜେସନକୁ ସୂଚାଉଛି। ସୂଚନାଯୋଗ୍ୟ ଯେ, ସୁବର୍ଣ୍ଣପୁରର ଦୁଇ ବିଧାନସଭା ନିର୍ବାଚନ ମଣ୍ଡଳୀ ବୀରମହାରାଜପୁର-୬୪ ଏବଂ ସୋନପୁର-୬୫ ବିଧାନସଭା ମଣ୍ଡଳୀରେ ଉଭୟ ଉପଜିଲ୍ଲାପାଳ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ) ଭାବେ କାର୍ଯ୍ୟ କରୁଛନ୍ତି। ବୀରମହାରାଜପୁରରେ ୬ ଜଣ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଥିବା ବେଳେ ସୋନପୁରରେ ୭ ଜଣ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଅଛନ୍ତି। ଏହି ଡିଜିଟାଇଜେସନ ପ୍ରକ୍ରିୟା ଶେଷ ହେବା ପରେ ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ନାମ ବାଦ ଦିଆଯିବ।

## ରବି ଧାନକିଣାରେ ଅଚଳାବସ୍ଥା, କେଉଁ ଚାଷୀଙ୍କ ଧାନ ପ୍ରଥମେ କିଣାଯିବ?

**ତିହିଡ଼ି,୧୭।୬(ସଂଚାର ବ୍ୟୁରୋ):** ଭଦ୍ରକ ଜିଲାର ଧାମନଗର ବ୍ଲକରେ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ଶତାଧିକ ଚାଷୀ ଗଭୀର ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନେ ଧାନ ଅମଳ କରି ସାରିଥିଲେ ମଧ୍ୟ ସରକାରୀ ମଣ୍ଡିରେ ଧାନ ବିକ୍ରୟ କରିପାରୁ ନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି।




ବ୍ଲକର ଧାମନଗର, କୋଠାର, ବରଗଡ଼ିଆ, ଧୂଷୁରୀ, ଚୁଡ଼ାକୁଟି, ବମକୁରା ଓ କଟସାହି ସମେତ ୭ଟି ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ରବି ଧାନ କ୍ରୟ ପାଇଁ ୯୧୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ପ୍ରାୟ ୯,୮୭୫ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଅଧିକାଂଶ ସମିତିରେ ଧାନ କିଣା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସୂଚନା ଅନୁଯାୟୀ, ସରକାରୀ ଭାବେ ମେ ୨୦ ତାରିଖରୁ ଧାନ କ୍ରୟ ଆରମ୍ଭ ହେବାକୁ ଥିଲେ ମଧ୍ୟ ମଣ୍ଡି ଖୋଲିବା ଓ ଟାର୍ଗେଟ ବଣ୍ଟନରେ ବିଳମ୍ବ ହେବାରୁ ସମଗ୍ର ପ୍ରକ୍ରିୟା ପଛେଇଯାଇଛି। ଚାଷୀଙ୍କୁ ଦିଆଯାଇଥିବା ଟୋକନ ଅନୁଯାୟୀ ପର୍ଯ୍ୟାପ୍ତ ଟାର୍ଗେଟ ନ ମିଳିବାରୁ ସମିତିଗୁଡ଼ିକ ଧାନ କିଣିବାରେ ଅସମର୍ଥ ହୋଇପଡ଼ିଛନ୍ତି। ଧାମନଗର ସେବା ସମବାୟ ସମିତିରେ ୮୨ ଜଣ ଚାଷୀଙ୍କଠାରୁ ପ୍ରାୟ ୬ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାର ଲକ୍ଷ୍ୟ ଥିଲେ ମଧ୍ୟ ଆବଶ୍ୟକ ଟାର୍ଗେଟ ନ ଆସିବାରୁ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଫଳରେ ଚାଷୀମାନେ ବାରମ୍ବାର ସମିତି କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଅନ୍ୟପଟେ ମିଲର, ଚାଷୀ କମିଟି ଓ ସମିତି ପରିଚାଳନା ପରିଷଦ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ମଧ୍ୟ ଧାନ କ୍ରୟ ପ୍ରକ୍ରିୟା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି।

## ମଦ ଦୋକାନ ପୁନଃସ୍ଥାପନକୁ ବିରୋଧ: ଜିଲ୍ଲାପାଳଙ୍କୁ ଦାବିପତ୍ର



**ଅସୁରାଳି,୧୭।୬(ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅଧୀନସ୍ଥ ଧୂଷୁରୀପଙ୍ଗଟା ମୁଖ୍ୟ ରାସ୍ତାପାର୍ଶ୍ୱରେ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନକୁ ପୁନର୍ବାର ସ୍ଥାପନ ନ କରିବା ଦାବିରେ ଆଜି ଭଦ୍ରକ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଓ ଧୂଷୁରୀ ଜୋନ ଜିଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଏହି ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଉକ୍ତ ରାସ୍ତା ଦେଇ ପାଞ୍ଚଟି ପଞ୍ଚାୟତର ଲୋକ, ଛାତ୍ରୀଛାତ୍ର ଯାତାୟାତ କରୁଥିବାବେଳେ ମଦ ଦୋକାନ ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ଏବଂ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ତେଣୁ ଜନସ୍ୱାର୍ଥ, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଉକ୍ତ ମଦ ଦୋକାନଗୁଡ଼ିକୁ ପୁନଃସ୍ଥାପନ ନ କରିବାକୁ ପ୍ରଶାସନଙ୍କ ନିକଟରେ ଦାବି କରାଯାଇଛି। ଏହି ଅବସରରେ ବରିଷ୍ଠ ସିପିଏମ ନେତା ଚନ୍ଦ୍ରଶେଖର ନାୟକ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ଶଙ୍କର ସ୍ୱାଇଁ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ନଦୀଗାଁ ସରପଞ୍ଚ ଝରଣା ମାଝୀ, ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ସାହାସପୁର ସରପଞ୍ଚ ସରସ୍ୱତୀ ସାହୁ, ବାମକୁରା ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ଦେବେନ୍ଦ୍ରନାଥ ପଣ୍ଡା, ଅନନ୍ତ ନାୟକ, ବିମ୍ବାଧର ବିଶ୍ୱାଳ ଓ କାର୍ତ୍ତିକ ପାଣିଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସଂଘବଦ୍ଧ ଆକ୍ରମଣରେ ନାବାଳକର ମୃତ୍ୟୁ

**ଗଞ୍ଜାମ,୧୭।୬(ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହର ଉପକଣ୍ଠ ଖଜୁରିଆରେ ଗତକାଲି ସଂଧ୍ୟାରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଦାସସାହି ନିକଟରେ ଫୁଲଟାର କିଛି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଆର ସନିଆ(୧୭)ଙ୍କ ଉପରେ ଆକ୍ରମଣ ହୋଇଥିଲା। ଏଥିରେ ସନିଆ ଗୁରୁତର ହେବା ସହ ଅତିରିକ୍ତ ରକ୍ତ ସ୍ରାବ ଯୋଗୁଁ ବେହସ ହୋଇ ତଳେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଚିକିତ୍ସା ପାଇଁ ବଡଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡକ୍ଟର ଏହି ନାବାଳକର ମୃତ୍ୟୁ ଘୋଷଣା କରିଛନ୍ତି। ଗୋଷାଣୀ ନୂଆଗାଁ ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରୁଛି। ବ୍ରହ୍ମପୁରରେ ପୋଲିସର କଡା ଆଭିମୁଖ୍ୟ ଓ ଏନକାଉଣ୍ଟର ଭଳି ପଦକ୍ଷେପକୁ ମଧ୍ୟ ଅସାମାଜିକ ବ୍ୟକ୍ତି ମାନେ ଭୃକ୍ଷେପ ନକରି ସହରରେ କ୍ରମାଗତ ଭାବେ ଗୋଟିଏ ପରେ ଗୋଟିଏ ଅପରାଧ କରି ଚାଲିଛନ୍ତି।

## ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

**ନୂଆପଡ଼ା,୧୭।୬(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ୨ ଠାରେ ଖଡ଼ିଆଳ ବ୍ଲକ ପକ୍ଷରୁ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଖଡ଼ିଆଳ ଠାରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି।ଏହି ଅବସରରେ ଆୟୋଜିତ ସଭାରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା, ଲୋକ କଲ୍ୟାଣମୂଳକ ପଦକ୍ଷେପ ଓ ଅଞ୍ଚଳର ବିକାଶ ଧାରା ଉପରେ ଆଲୋଚନା କରାଯାଇଥିଲା। ବକ୍ତାମାନେ ରାଜ୍ୟର ସାମଗ୍ରିକ ବିକାଶ, ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ୀକରଣ, ମହିଳା ସଶକ୍ତିକରଣ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ କର୍ମୀ ଓ ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇ ବିକାଶମୁଖୀ ଓଡ଼ିଶା ଗଠନରେ ସମସ୍ତଙ୍କ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।ଶେଷରେ ଉପସ୍ଥିତ ଅତିଥିମାନେ ରାଜ୍ୟର ବିକାଶ ଯାତ୍ରାକୁ ଆହୁରି ଆଗକୁ ନେବା ପାଇଁ ସମସ୍ତଙ୍କ ସହଯୋଗ ଓ ସମର୍ଥନ କାମନା କରିଥିଲେ। ଏଥିରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବିଡ଼ିଓ ମିଳନ କୁମାର ଝାଙ୍କର, ବାଳକୃଷ୍ଣ ଶବର, ପୁଷ୍ପାଞ୍ଜଳୀ ପାଣ୍ଡେ, ଜ୍ୟୋତିଲାଲ ବଞ୍ଚାରେ ପ୍ରମୁଖ ଯୋଗଦାନ କରିଥିଲେ।

## ଗୃହ ନିର୍ମାଣରେ ଅନିୟମିତତା ଓ ୧୦ ବର୍ଷ ଧରି କାର୍ଯ୍ୟ ବନ୍ଦ

**ବୈଶିଙ୍ଗା,୧୭।୬(ସଂଚାର ବ୍ୟୁରୋ):** ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଲୋକ ଙ୍କ ସୁବିଧା ଦୃଷ୍ଟିରୁ ବୃହତ ପଞ୍ଚାୟତ ଭାବେ ବୈଶିଙ୍ଗା ପଞ୍ଚାୟତ କୁ ଭାଙ୍ଗି କେନ୍ଦୁଆ କୁ ନୂତନ ପଞ୍ଚାୟତର ମାନ୍ୟତା ପ୍ରଦାନ କରାଗଲା। ନିର୍ବାଚନରେ ପ୍ରଥମ ମହିଳା ସରପଞ୍ଚ ଭାବେ ସ୍ନିଗ୍ଧା ରାଣୀ ହାଁସଦା ନିର୍ବାଚିତ ହୋଇଥିଲେ। କେନ୍ଦୁଆ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ବୈଶିଙ୍ଗା ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟରେ କେନ୍ଦୁଆ କାର୍ଯ୍ୟାଳୟ ଚାଲିଥିଲା ଏବେ ବି ଚାଲୁଅଛି। ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁରୀ ମିଳିବା ପରେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂ୫୧୮/୧୩.୨.୨୦



ବଳରେ ଉପ ଜିଲ୍ଲାପାଳ ବାରିପଦା ଙ୍କ ସହିତ ଯୁଗ୍ମ କମିଟି ଗଠନ କରାଯାଇ ମୋହନପୁର ଠାରେ ଖାତା ନଂ ୧୩୦, ପ୍ଲଟ ନଂ ୨୭୫.ରେ ଗୃହ ନିର୍ମାଣ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା।ଏହା ପରେ ତା ୩୦.୭.୨୦ରିଖରେ ସ୍ୱତନ୍ତ୍ର ପଲ୍ଲୀ ସଭା ଡକାଯାଇ ଏହି ଜମି ଟି ଜଙ୍ଗଲ କିସମ ଥିବାରୁ ଘରବାରିରେ ପରିବର୍ତ୍ତନ କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇ ରାଜସ୍ୱ ବିଭାଗକୁ ଅନୁରୋଧ କରାଯାଇଥିଲା।ପଲ୍ଲୀସଭା ପରେ ତା୧୮.୧୧.୨୦ରିଖ ଗ୍ରାମସଭା ରେ ଅନୁମୋଦନ କରାଯିବା ସହିତ ପ୍ରସ୍ତାବ ପାରିତ କରାଗଲା। ମାତ୍ର କେତେକ ରାଜନୈତିକ ବଡ ପଣ୍ଡା ଙ୍କ ଚକ୍ରାନ୍ତ ରେ ପଞ୍ଚାୟତ ବାସୀ ଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରାଯିବା ଯୋଗୁଁ ସପକ୍ଷ ଓ ବିପକ୍ଷ ଙ୍କ ମଧ୍ୟରେ ବଳ କଷା କଷି ଚାଲିଲା। ଯାହା ଫଳରେ ସାତ ବର୍ଷରେ ପରେ ମଧ୍ୟ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ଏଥିପାଇଁ ତତ୍କାଳୀନ ସରପଞ୍ଚ ସ୍ନିଗ୍ଧା ରାଣୀ ହାଁସଦ ଙ୍କ ତରଫରୁ ମୟୂରଭଞ୍ଜ ଜିଲ୍ଲାପାଳ ଙ୍କୁ ତା୧୮.୧୧.୨୧ ରିଖରେ ଏକ ଦାବିପତ୍ର ଦିଆଯିବା ସହିତ ପ୍ରକଳ୍ପ ନିର୍ଦ୍ଦେଶକ, ଉପ ଜିଲ୍ଲାପାଳ ଓ ପଞ୍ଚାୟତ ଅଧିକାରୀ ବାରିପଦା ଙ୍କୁ ଏହାର ଏକକିତା ନକଲ ଦିଆଗଲା। ଏହାପରେ ଆଉଥରେ ଯୁଗ୍ମ କମିଟି ଦ୍ୱାରା ସ୍ଥାନ ନିରୁପଣ କରାଯିବ ବୋଲି ଜଣାଇ ଦିଆଗଲା। ମାତ୍ର ୨୦୨୨ ପଞ୍ଚାୟତ ନିର୍ବାଚନ ପରେ କୌଣସି ଗ୍ରାମସଭା ରେ ସ୍ଥାନ ନିରୁପଣ ପାଇଁ ସିଦ୍ଧାନ୍ତ ନିଆ ନ ଯାଇ ତା ୨୨.୧୧.୨୪ ରଖ ରେ ବିଧାୟକ ସନାତନ ବିଜୁଳି ଙ୍କ କରକମଳରେ ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ଭୂମି ପୂଜା କରାଗଲା।